DIGITAL EDITION

ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୬ Vol. 22 No-16 16 APRIL 2025 WEDNESDAY BHUBANESWAR ବୁଧବାର, ୧୬ ଏପ୍ରିଲ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

Odisha's No.1 Digital

ଓଡ଼ିଶା ଭାସ୍କର LIVE

PRESENTS

THE VOICE

CONCLAVE OF IDEAS

ON 27TH APRIL 2025

Bringing together

- Visionaries
- Policymakers
- Academicians
- Industry Leaders

and thought Leaders
for transformative dialogue across

Corporate Investment | Media | Health
Education | Real Estate | Spiritual

www.odishabhaskar.com
www.odishabhaskar.in

ରାହୁଲ, ସୋନିଆଙ୍କ ବିରୋଧରେ ଚାର୍ଜସିଟ୍ | ୬

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ଆଗାମୀ ପ୍ରୋଜେକ୍ଟ ନେଇ ସୂଚନା ଦେଲେ କରୀନା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୬ Vol. 22 No-16 16 APRIL 2025 WEDNESDAY BHUBANESWAR ବୁଧବାର, ୧୬ ଏପ୍ରିଲ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

ସଂକ୍ଷେପରେ...

୧୮ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କଲା ବିଜେଡି

ଭୁବନେଶ୍ୱର, ୧୫।୪(ଭାସ୍କର ନ୍ୟୁଜ): ୧୮ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କରିଛି ବିଜେଡି। ବିଜେଡି ସାଂଗଠନିକ ନିର୍ବାଚନରେ ୧୮ ଜିଲ୍ଲା ପାଇଁ ଜଣେ ଲେଖାଏଁ ନାମାଙ୍କନ ଭରିଥିବାରୁ ସମସ୍ତେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ଏନେଇ ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନୁଗୁଳ ଜିଲ୍ଲା ପାଇଁ ବ୍ରଜ କିଶୋର ପ୍ରଧାନ ବିଜେଡି ସଭାପତି ହୋଇଛନ୍ତି। ସେହିପରି ବରଗଡ-ସୁଶାନ୍ତ କୁମାର ମହାପାତ୍ର, ଭଦ୍ରକ-ଜଗନ୍ନାଥ ସ୍ୱାଇଁ , ବୌଦ୍ଧ-ପ୍ରଦୀପ ଅମାତ, ଦେବଗଡ-ରୋମାଂଚ ରଞ୍ଜନ ବିଶ୍ୱାଳ,ଗଜପତି-ପ୍ରଦୀପ ନାୟକ, ଜଗତସିଂହପୁର-ପ୍ରଶାନ୍ତ ମୁଦୁଲି , ଯାଜପୁର - ସରୋଜ କୁମାର ମହାପାତ୍ର, ଝାରସୁଗୁଡା - ହରିଶ ଗଂତ୍ରା, କନ୍ଧମାଳ- ପଦ୍ମନାଭ ବେହେରା,ମାଲକାନଗିରି - ମାନସ ମାଡକାମୀ,ମୟୂରଭଞ୍ଜ ୧ - ସୁଦାମ ମାରାଣ୍ଡି, ନବରଙ୍ଗପୁର - ମନୋହର ରନ୍ଧାରୀ , ନୟାଗଡ଼ - ରମେଶ ବେହେରା, ନୂଆପଡା - ଅବନୀ ରଞ୍ଜନ ଯୋଶୀ , ପୁରୀ- ଉମାକାନ୍ତ ସାମନ୍ତରାୟ , ସୁବର୍ଣ୍ଣପୁର - ସରୋଜ କୁମାର କମ୍ପା ଓ ସୁନ୍ଦରଗଡ଼ - ଯୋଗେଶ କୁମାର ସିଂ ସଭାପତି ହୋଇଛନ୍ତି।

୫ ଲ୍ୟାଣ୍ଡମାଇନକୁ ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି, ୧୫।୪ (ଭାସ୍କର ନ୍ୟୁଜ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ନକ୍ସଲଙ୍କ ଏକ ବଡ଼ ଆକ୍ରମଣ ଯୋଜନାକୁ ବିଫଳ କରିଛନ୍ତି। ସୁରକ୍ଷାକର୍ମୀ ଗୋରନା ଓ ମନକେଲି ମଧ୍ୟରେ ରହିଥିବା କଚା ରାସ୍ତାରୁ ସୁରକ୍ଷାକର୍ମୀ ୫ଟି ଲ୍ୟାଣ୍ଡମାଇନ ଉଦ୍ଧାର କରିବା ସହ ତାକୁ ନିଷ୍କ୍ରିୟ କରିଛନ୍ତି। ଏଥିମଧ୍ୟରୁ ୩ଟି ଲ୍ୟାଣ୍ଡମାଇନର ଓଜନ ୨ କିଲୋ ଲେଖାଏଁ ହୋଇଥିବାବେଳେ ଅନ୍ୟ ଦୁଇଟି ୫ କିଲୋ ଲେଖାଏଁ ରହିଥିବା ସୂଚନା ଦିଆଯାଇଛି।

ସେନ୍‌ସେକ୍ସ: ୭୬,୭୩୪.୮୯
ସର୍ବାଧିକ: ୩୩.୨ ଡିଗ୍ରୀ
ସର୍ବନିମ୍ନ: ୨୬.୮ ଡିଗ୍ରୀ

୧୫।୪ ।୨୦୨୫ ର ମତାମତ

ରାଜ୍ୟରେ ଚାଲିଥିବା ଖଣି ଚୋରିକୁ ରୋକାଯାଇ ପାରିବ କି ?



ଆଜିର ପ୍ରସଙ୍ଗ

ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ପୋଡ଼ି ଘଟଣାରେ କଠୋର କାର୍ଯ୍ୟାନୁଷ୍ଠାନ ଜରୁରି ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ

କାଳ ବଇଶାଖୀ ଦାଉ ସାଧୁଅଛି
ହଠାତ ଆସୁଛି ମାଡ଼ି
ବରଷା ସହିତ ପ୍ରଚଣ୍ଡ ବିଜୁଳି
ମାଡ଼େ ପୁଣି ଘଡ଼ଘଡ଼ି
ଜୀବନ ଯିବକି ଛାଡ଼ି
ସକାଳେ ଗରମ, ସଞ୍ଜରେ ବରଷା
ପାଣିପାଗ ଦିଏ ରଡି...।

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ରେ ଅଭାବନୀୟ ଘଟଣା

ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଜାଳିଦେଲେ

- ଘଟଣାକୁ ବିଭିନ୍ନ ମହଲରେ ଦୃଢ ନିନ୍ଦା
- ଜଣେ ଅଭିଯୁକ୍ତକୁ ଗିରଫ କଲା ପୋଲିସ
- ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି: ବିଜେଡି

ବଲାଙ୍ଗୀର/ପାଟଣାଗଡ଼, ୧୫।୪ (ଭାସ୍କର ନ୍ୟୁଜ): ପ୍ରବାଦ ପୁରୁଷ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତି ଅସମ୍ମାନ। ତାଙ୍କ ପ୍ରତିମୂର୍ତ୍ତିରେ ନିଆଁ ଲଗାଇଦେଲେ ଯୁବକ। ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ ପର୍ଶୁରାମ ଛକରେ ସ୍ଥାପିତ ହୋଇଥିବା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଢଙ୍କାଯାଇଥିବା ପ୍ରତିମୂର୍ତ୍ତିକୁ ପୋଡ଼ି ଦେଇଛି ଜଣେ ଯୁବକ। ପୋଲିସ ସଂପୃକ୍ତ ଯୁବକକୁ ଅଟକ ରଖି ପଚରାଉଚୁରା କରୁଛି। ସୂଚନାଯୋଗ୍ୟ ଯେ ମଙ୍ଗଳବାର ସକାଳେ ପାଟଣାଗଡ଼ ନିକଟ ବଥର୍ଲା ଗ୍ରାମର ଜଣେ ଯୁବକ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଢଙ୍କା ଯାଇଥିବା ଜରିରେ ନିଆଁ ଲଗାଇ ଦେଇଥିଲେ। ଫଳରେ ପ୍ରତିମୂର୍ତ୍ତିଟି ହୁତୁହୁତୁ ହୋଇ ଜଳିବାରେ ଲାଗିଥିଲା। ଖବର ପାଇବାପରେ ପାଟଣାଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲା। ନିଆଁ ଲଗାଇଥିବା ଯୁବକଜଣକ ଜଣେ ଦିବ୍ୟାଙ୍ଗ ବୋଲି ପୋଲିସ କହିଛି। ତା'ର ମାନସିକ ସ୍ଥିତି ଠିକ୍ ନଥିବା କୁହାଯାଉଛି। ସଂପୃକ୍ତ ଯୁବକକୁ ଧରି ପାଟଣାଗଡ଼ ପୋଲିସ ପଚରାଉଚୁରା ଜାରି ରଖିଛି। ପୂର୍ବରୁ ସେହି ସ୍ଥାନରେ ଭଗବାନ ପର୍ଶୁରାମଙ୍କ ଫଟୋ ରଖି ପୂଜାର୍ଚ୍ଚନା କରାଯାଉଥିଲା। ପରେ ସେହି ସ୍ଥାନରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ କହିଛନ୍ତି ଯେ ଅଭିଯୁକ୍ତ ଯୁବକକୁ ପଚରାଉଚୁରା କରାଯାଉଛି। ଅନ୍ୟପକ୍ଷରେ ଏହି ଘଟଣାକୁ ବିଜେଡି ସମେତ ସବୁ ରାଜନୈତିକ ଦଳ ଓ ବ୍ୟକ୍ତିବିଶେଷ ● ପୃଷ୍ଠା ୫ ଦେଖନ୍ତୁ

ପ୍ରତିମୂର୍ତ୍ତି ପୋଡ଼ି ଘଟଣାକୁ ମୁଖ୍ୟମନ୍ତ୍ରୀଙ୍କ ଦୃଢ ନିନ୍ଦା

ଭୁବନେଶ୍ୱର, ୧୫।୪(ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ଠାରେ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପୋଡ଼ି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଏହି ଘଟଣାର ତୀବ୍ର ନିନ୍ଦା କରିଛନ୍ତି। ଏହି ଘଟଣାରେ ସଂପୃକ୍ତ ଥିବା ବ୍ୟକ୍ତି ନିଶ୍ଚିତ ଭାବେ ଜଣେ ହୀନ ଓ ରୁଗ୍ଣ ମାନସିକତାର ବ୍ୟକ୍ତି ହୋଇଥିବେ ବୋଲି ମତ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଏହି ଘଟଣାରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣାରେ ଜଣେ ବ୍ୟକ୍ତିକୁ ମଧ୍ୟ ଗିରଫ କରାଯାଇଛି। ଯଦି ଏହି ଘଟଣା ପଛରେ କିଛି ଷଡ଼ଯନ୍ତ୍ର ଥାଏ, ତେବେ ଏହାର ପର୍ଦ୍ଦାଫାସ କରିବାକୁ ମଧ୍ୟ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ସମସ୍ତ ବରପୁତ୍ରଙ୍କୁ ସମ୍ମାନ ଦେବାରେ ରାଜ୍ୟସରକାର ବିଶ୍ୱାସ ରଖନ୍ତି ଏବଂ ପୂଜ୍ୟପୂଜା ପାଇଁ ସମସ୍ତ ପଦକ୍ଷେପ ନେଇ ଆସୁଛନ୍ତି। ବିଜୁ ବାବୁଙ୍କ ପ୍ରତି ବ୍ୟକ୍ତିଗତଭାବେ ● ପୃଷ୍ଠା ୫ ଦେଖନ୍ତୁ

■ ଭୁବନେଶ୍ୱରରୁ ବାଲେଶ୍ୱର ■

୫୦ ଘଣ୍ଟା ପରେ ଅପହୃତ ଶିଶୁପୁତ୍ର ଉଦ୍ଧାର

- ଖନ୍ତାପଡ଼ା ଥାନା ବୋଇତା ଗାଁରୁ ଉଦ୍ଧାର
- କମିଶନରେଟ୍ ପୋଲିସର ସଫଳତାକୁ ପ୍ରଶଂସା
- ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ପୋଲିସର ତତ୍ପରତା
- ଅଭିଯୁକ୍ତ ଗିରଫ, ମହିଳା ଅଟକ
- ମୁଖ୍ୟମନ୍ତ୍ରୀଙ୍କୁ ମାଆର ବଧାଇ

ଭୁବନେଶ୍ୱର/ବାଲେଶ୍ୱର, ୧୫।୪ (ଭାସ୍କର ନ୍ୟୁଜ): ଗତ ଶନିବାର ବିଳମ୍ବିତ ରାତିରେ ଭୁବନେଶ୍ୱର ରାମମନ୍ଦିର ସମ୍ମୁଖରୁ ଦୃଷ୍ଟିବାଧିତ ମାଆଠାରୁ ଚୋରି ହୋଇଥିବା ଦେଢବର୍ଷର ଶିଶୁପୁତ୍ରକୁ ୫୦ ଘଣ୍ଟା ପରେ କମିଶନରେଟ ପୋଲିସ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ତାକୁ ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ବୋଇତା ଗାଁରୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ କମିଶନରେଟ ପୋଲିସର ସ୍ୱତନ୍ତ୍ର ଟିମ୍ ତାକୁ ଭୁବନେଶ୍ୱର ଆଣିଛି। ଏହି ଘଟଣାରେ ଅପହରଣକାରୀକୁ ପୋଲିସ ଗିରଫ କରିବା ସହ ଶିଶୁପୁତ୍ରକୁ ନେଇ ଅପହର୍ତ୍ତାଙ୍କୁ ଦେଇଥିବା ଅଭିଯୋଗରେ ଜଣେ ମହିଳାଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅପହରଣକାରୀ ଶିଶୁପୁତ୍ରକୁ ଧରି ଭୁବନେଶ୍ୱର ରେଳଷ୍ଟେସନ ଭିତରକୁ ଯାଇଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା। ସେହି ଆଧାରରେ ପୋଲିସ ଅପହର୍ତ୍ତା ପାଖରେ ପହଞ୍ଚିବା ପାଇଁ ୫ଟି ଟିମ୍ ଗଠନ କରିଥିଲା। ଏହି ଟିମ୍‌ସବୁ ରାଜ୍ୟ ଓ ରାଜ୍ୟ ବାହାରକୁ ଯାଇଥିଲେ। କୋଲକାତାର ଖଡ଼ଗପୁର, ହାଓ୍ୱଡ଼ା ସମେତ ରାଜ୍ୟର ବିଭିନ୍ନ ରେଳଷ୍ଟେସନକୁ ପୋଲିସ ସିସିଟିଭି ଫୁଟେଜ ପଠାଇ ଅପହର୍ତ୍ତା ସଂପର୍କରେ ସୂଚନା ପାଇବା ପାଇଁ ପ୍ରୟାସ ଜାରି ରଖିଥିଲା। ଏଥିସହ ଅପହରଣକାରୀକୁ ମଧ୍ୟ ପୋଲିସ ଭୁବନେଶ୍ୱର ଆଣିଛି। ଏହି ଘଟଣା ସେତେବେଳେ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲା। ସୂଚନାଯୋଗ୍ୟ ଯେ ଗତ ଶନିବାର ସନ୍ଧ୍ୟାରେ କାଳବୈଶାଖୀ ଝଡ଼ ହେବାରୁ ଦୃଷ୍ଟିବାଧିତ ମାଆ ଜଣକ ଆଶ୍ରମକୁ ଫେରି ନ ପାରି ରାମ ମନ୍ଦିର ସମ୍ମୁଖରେ ରହିଯାଇଥିଲେ। ରାତି ୨ଟାବେଳେ ● ପୃଷ୍ଠା ୫ ଦେଖନ୍ତୁ

ସୁପ୍ରିମକୋର୍ଟଙ୍କ ବଡ଼ ନିର୍ଦ୍ଦେଶ

ନବଜାତକ ଚୋରି ହେଲେ ହସ୍ପିଟାଲ ଲାଇସେନ୍ସ ବାତିଲ

ନୂଆଦିଲ୍ଲୀ, ୧୫।୪: ପିଲାଚୋରି ହେଉଥିବା ହସ୍ପିଟାଲର ଲାଇସେନ୍ସ ସସ୍‌ପେଣ୍ଡ କର। ଯେଉଁ ହସ୍ପିଟାଲରୁ ନବଜାତକ ଚୋରି ହେଉଛନ୍ତି, ତୁରନ୍ତ ଉକ୍ତ ଡାକ୍ତରଖାନାର ଲାଇସେନ୍ସକୁ ମଧ୍ୟ ବାତିଲ କର। ଉତ୍ତରପ୍ରଦେଶର ଏକ ପିଲାଚୋରି ମାମଲାର ଶୁଣାଣି କରି ଏହି ବଡ଼ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଦିଲ୍ଲୀ ଏନସିଆରରେ ନବଜାତକ ତସ୍କରୀ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ ସହ ଜନିତ ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଯଦି କୌଣସି ହସ୍ପିଟାଲରୁ ନବଜାତକ ଚୋରି କରାଯାଉଛି, ସର୍ବପ୍ରଥମେ ଉକ୍ତ ହସ୍ପିଟାଲର ଲାଇସେନ୍ସ ସସ୍‌ପେଣ୍ଡ ହେବା ଦରକାର। ରାଜ୍ୟ ସରକାର ଏପରି ମାମଲାକୁ ଗୁରୁତର ସହ ନେବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଉତ୍ତରପ୍ରଦେଶର ଏକ ପିଲାଚୋରି ତସ୍କରୀ ମାମଲାର ଶୁଣାଣି ଅବସରରେ ଦିଲ୍ଲୀରେ ଏକ ଗ୍ୟାଙ୍ଗର ପର୍ଦ୍ଦାଫାଶ ହୋଇଥିବା କଥା ସୁପ୍ରିମକୋର୍ଟ ଉଲ୍ଲେଖ କରି ହାଇକୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ଦାଏର ହୋଇଥିବା ଯାଚିକା ଉପରେ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୪ରେ ଏହି ଅଭିଯୁକ୍ତଙ୍କୁ ହାଇକୋର୍ଟ ଜାମିନ ଦେଇଥିଲେ। ବାରାଣସୀ ଏବଂ ଏହାର ନିକଟବର୍ତ୍ତୀ ହସ୍ପିଟାଲରେ ହୋଇଥିବା ପିଲାଚୋରି ଘଟଣାରେ ଅଭିଯୁକ୍ତଙ୍କୁ ୨୦୨୪ରେ ଆହ୍ଲାବାଦ ହାଇକୋର୍ଟ ଜାମିନ ପ୍ରଦାନ କରିଥିଲେ। ଏହା ବିରୋଧରେ ଅପହୃତ ପିଲାର ପରିବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ୟୁପି ସରକାରଙ୍କ ଉପରେ ପ୍ରବଳ ବର୍ଷିବା ସହ ଅଭିଯୁକ୍ତଙ୍କ ଜାମିନକୁ ଖାରଜ କରି ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଅନେକ ସମୟରେ ପିଲାଚୋରି ଘଟଣା ସାମ୍ନାକୁ ଆସୁଛି। ଏ ନେଇ ପିତାମାତାଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ସୁପ୍ରିମକୋର୍ଟ। କହିଛନ୍ତି, ● ପୃଷ୍ଠା ୫ ଦେଖନ୍ତୁ

ଚାଷୀକୁଳ ପାଇଁ ଖୁସି ଖବର

ଚଳିତବର୍ଷ ସ୍ୱାଭାବିକଠାରୁ ଅଧିକ ବର୍ଷା



ନୂଆଦିଲ୍ଲୀ, ୧୫।୪: ଚାଷୀକୁଳ ପାଇଁ ଖୁସିର ଖବର। ଚଳିତବର୍ଷ ମୌସୁମୀରେ ସମଗ୍ର ଦେଶରେ ସ୍ୱାଭାବିକଠାରୁ ଅଧିକ ପରିମାଣର ବର୍ଷା ହେବ। ମଙ୍ଗଳବାର ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆଇଏମ୍‌ଡିର ଏହି ଭବିଷ୍ୟତବାଣୀ କୃଷି ଓ ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ସକରାତ୍ମକ ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି। କାରଣ କୃଷିକ୍ଷେତ୍ର ଭାରତୀୟ ଜିଡିପିରେ ୧୮ ପ୍ରତିଶତ ଯୋଗଦାନ ଦେଇଥାଏ। ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟର ସଚିବ ଏମ.ରବିନ୍ଦ୍ରନ ମଙ୍ଗଳବାର କହିଛନ୍ତି ଯେ ଚଳିତବର୍ଷ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ମୌସୁମୀ ବର୍ଷା ସ୍ୱାଭାବିକଠାରୁ ୧୦୫ ପ୍ରତିଶତ ପର୍ଯ୍ୟନ୍ତ ହୋଇପାରେ। ଏହାସହିତ ଆଇଏମ୍‌ଡି ପୁରା ମୌସୁମୀରେ ଅଲନିନୋର ପ୍ରଭାବ ରହିବା ସମ୍ଭାବନାକୁ ଖଣ୍ଡନ କରିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ଭାରତରେ ଚାରିମାସ ମୌସୁମୀ ସମୟରେ (ଜୁନ୍- ସେପ୍ଟେମ୍ବର) ସ୍ୱାଭାବିକଠାରୁ ଅଧିକ ବର୍ଷା ହେବା ସମ୍ଭାବନା ରହିଛି। ସେ ଆହୁରି କହିଛନ୍ତି ଯେ ଭାରତୀୟ ଉପମହାଦ୍ୱୀପରେ ସ୍ୱାଭାବିକଠାରୁ କମ୍ ମୌସୁମୀ ବର୍ଷା ସହ ଜଡ଼ିତ ଏଲନିନୋ ପରିସ୍ଥିତି ଏଥର ବିକଶିତ ହେବାର ସମ୍ଭାବନା କମ୍ ରହିଛି। ତେଣୁ ଚଳିତବର୍ଷ ମୌସୁମୀ ଋତୁରେ ଭଲ ବର୍ଷା ହେବ। ସୂଚନାଯୋଗ୍ୟ ଯେ ସାଧାରଣତଃ ଦେଶରେ ମୌସୁମୀ ଜୁନ୍ ୧ରେ କେରଳରେ ପ୍ରବେଶ କରିଥାଏ। ଏହାପରେ ଧିରେ ଧିରେ ଆଗକୁ ବଢି ସାରା ଦେଶକୁ ମାଡ଼ିଥାଏ। ପୁଣି ସେପ୍ଟେମ୍ବର ମଧ୍ୟଭାଗରୁ ମୌସୁମୀର ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥାଏ। ଶ୍ରୀ ମହାପାତ୍ର ଅଧିକ ସୂଚନା ଦେଇ କହିଛନ୍ତି, ଦେଶର କିଛି ଭାଗରେ ଏବେ ଅତ୍ୟଧିକ ଗରମ ଅନୁଭୂତ ହେଉଛି। ଏପ୍ରିଲରୁ ଜୁନ୍ ମାସ ମଧ୍ୟରେ ଅନେକ ରାଜ୍ୟରେ ବହୁସଂଖ୍ୟାରେ ଲୁ' ହେବାରୁ ଆଶଙ୍କା ରହିଛି। ଫଳରେ ବିଜୁଳି ଗ୍ରୀଡ଼ ଉପରେ ଅଧିକ ଚାପ ବୃଦ୍ଧି ପାଇବ। ଏପରିକି ଦେଶର କିଛି ଭାଗରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇପାରେ।

ମହାକାଶ ବୁଲିଲେ ୬ ମହିଳା

୧୧ ମିନିଟ୍‌ରେ ୨୧୨ କିମି ଯାତ୍ରା

ନୂଆଦିଲ୍ଲୀ, ୧୫।୪: ମହାକାଶ ଯାତ୍ରାରୁ ଫେରିଲେ ହଲିଉଡ୍ ଗାୟିକା କେଟି ପରୀ ଓ ଆମେରିକୀୟ ଅରବପତି ଜେଫ୍ ବୋଜେସ୍‌ଙ୍କ ଭାବୀପତ୍ନୀ ଲରେନ୍ ସାଞ୍ଚେଜ୍। ଉଭୟଙ୍କ ସହ ଆଉ ୪ଜଣ ମହିଳା ମଧ୍ୟ ମହାକାଶ ଯାତ୍ରା କରିଥିଲେ। ସେମାନେ ହେଲେ ଟିଭି ଉପସ୍ଥାପିକା ଗେଲ୍ କିଙ୍ଗ୍, ମାନବାଧିକାର କର୍ମକର୍ତ୍ତା ଅମାନ୍ଦା ଗୁଏନ୍, ଚଳଚ୍ଚିତ୍ର ନିର୍ମାତା କେରିନ୍ ଫ୍ଲିନ୍ ଓ ନାସାର ପୂର୍ବ ରକେଟ୍ ସାଇଣ୍ଟିଷ୍ଟ ଆଇସା ବୋଏ୍ୱେ। ୧୯୬୩ ପରେ ମହାକାଶକୁ ଯାତ୍ରା କରିଥିବା ଏହା ଅଲ୍ ୱିମେନ କ୍ରୁ। ଅର୍ଥାତ୍ ସମସ୍ତ ମହିଳା ଏହି ମିଶନରେ ମହାକାଶକୁ ଯାତ୍ରା କରିଥିଲେ। ୧୯୬୩ରେ ରୁଷ ଇଞ୍ଜିନିୟର ଭାଲେଣ୍ଟିନା ଟେରେସ୍କୋଭା ଏକାକୀ ମହାକାଶ ଯାତ୍ରା କରିଥିଲେ। ଜେଫ୍ ବୋଜେସଙ୍କ ବ୍ଲୁ ଅରିଜିନ୍ କମ୍ପାନୀର ରକେଟ୍ ସୋମବାର ଏହି ୬ଜଣ ମହିଳାଙ୍କୁ ନେଇ ମହାକାଶ ଯାତ୍ରା କରିଥିଲା। ଏହି ଯାତ୍ରା ୧୧ ମିନିଟ୍‌ର ଥିଲା। ୱେଷ୍ଟ ଟେକ୍ସାସରୁ ବ୍ଲୁ ଅରିଜିନର ନ୍ୟୁ ସେପର୍ଡ ମହାକାଶ ଯାନରେ ଏମାନେ ମହାକାଶ ଯାତ୍ରା କରିଥିଲେ। ଏହି ଯାନର ଉତ୍କ୍ଷେପଣ ସମୟରେ ଉପସ୍ଥିତ ଲୋକେ ସେମାନଙ୍କୁ ଉତ୍ସାହିତ କରିଥିଲେ। ମହାକାଶରେ କ୍ୟାପସୁଲ ପହଞ୍ଚିବା ପରେ କେଟି ପରୀ ଗୀତ ଗାଇଥିଲେ। ମହାକାଶରେ ସେମାନେ ପ୍ରଥମ ଥରପାଇଁ ଶୂନ ମାଧ୍ୟାକର୍ଷଣ ଅନୁଭବ କରିଥିଲେ। ତାପରେ କ୍ୟାପସୁଲଟି ପୃଥିବୀକୁ ଫେରି ଆସିଥିଲା। ଉତ୍କ୍ଷେପଣର ୧୦ ମିନିଟ ପରେ ଟେକ୍ସାସରେ କ୍ୟାପସୁଲ ଅବତରଣ କରିଥିଲା। ସେମାନଙ୍କୁ ଆଣିବା ପାଇଁ ରିକଭରି କ୍ରୁ ମହାକାଶକୁ ଯାଇଥିଲା। ୧୧ ମିନିଟ୍‌ରେ ସେମାନେ ୨୧୨ କିମି ଯାତ୍ରା କରିଥିଲେ। ଏଥିପାଇଁ ୧.୧୫ କୋଟି ଟଙ୍କା ବ୍ୟୟ କରାଯାଇଥିଲା।

ପ୍ରତିଦିନ ବଢି ଚାଲିଛି ସୁନାଦର

୧ଲକ୍ଷ ୩୦ ହଜାର ଛୁଇଁବା ସମ୍ଭାବନା

ନୂଆଦିଲ୍ଲୀ, ୧୫।୪: ଆମେରିକା ଓ ଚୀନ୍ ମଧ୍ୟରେ ବଢୁଥିବା ବାଣିଜ୍ୟ ଯୁଦ୍ଧ ଏବଂ ମାନ୍ଦାବସ୍ଥା ଆଶଙ୍କା ମଧ୍ୟରେ ଚଳିତବର୍ଷ ସୁନାଦର ରେକର୍ଡ ଛୁଇଁବ। ଅନ୍ତର୍ଜାତୀୟ ବଜାରରେ ଏହା ଆଉନ୍ସ ପିଛା ୪୫୦୦ ଡଲାର ପର୍ଯ୍ୟନ୍ତ ଯାଇପାରେ ବୋଲି କୁହାଯାଉଛି। ଅନ୍ତର୍ଜାତୀୟ ଦର ହିସାବରେ ଏହା ୧୦ ଗ୍ରାମକୁ ୧.୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଛୁଇଁପାରେ ବୋଲି ବିଦେଶୀ ନିବେଶ ବ୍ୟାଙ୍କ ଗୋଲ୍ଡମ୍ୟାନ୍ ସାଚସ ପୂର୍ବାନୁମାନ କରିଛି। ତେବେ ବାଣିଜ୍ୟ ଯୁଦ୍ଧ ତଥା ମାନ୍ଦାବସ୍ଥା ଆଶଙ୍କା ଅଧିକ ବଢିଲେ ହିଁ ସୁନାଦର ଏହି ସ୍ତରକୁ ଯିବ। ଯଦି ବାଣିଜ୍ୟ ଯୁଦ୍ଧ ଏବଂ ମାନ୍ଦାବସ୍ଥା ରିସ୍କ ଚରମ ସୀମାରେ ନ ପହଞ୍ଚେ ତେବେ ଆଉନ୍ସ

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର

କେନ୍ଦୁଝର(ଭାସ୍କର ନ୍ୟୁଜ୍): ଯୋଡ଼ାର ଟାଟାଷ୍ଟିଲ୍ ଅଡିଟୋରିଅମ୍ ରେ ଓଡ଼ିଆ ସ୍ୱାଭିମାନ ମଞ୍ଚ ପକ୍ଷରୁ ଆୟୋଜିତ ଓଡ଼ିଆ ନବବର୍ଷ ଉତ୍ସବରେ ବିଶିଷ୍ଟ କବି ତଥା ମିଳନୀ ସାହିତ୍ୟ ସଂସଦର ସଭାପତିଙ୍କୁ ସାହିତ୍ୟ ରଚନାରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଷୁବ ସମ୍ମାନ -୨୦୨୫ ପ୍ରଦାନ କରାଯାଇଛି । ସ୍ୱାଭିମାନ ମଞ୍ଚ ର ସଭାପତି ଚର୍ଚ୍ଚିଲ୍ ମହାକୁଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ଅଖିଳ ଚନ୍ଦ୍ର ନାଏକ ଶ୍ରୀ ଚକ୍ରବର୍ତ୍ତୀଙ୍କୁ ମାନପତ୍ର, ସ୍ମାରକୀ ଓ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସମାଜସେବୀ ମୁରଲୀ ମନୋହର ଶର୍ମା ଉଦ୍‌ଘାଟକ, ଯୋଡା ପୌରପାଳ ଡାକ୍ତର ଜଗଦୀଶ ପ୍ରସାଦ ସାହୁ ସମ୍ମାନିତ ଅତିଥି ଓ ଯୋଡା ତହସିଲଦାର ରାଜେଶ କୁମାର ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । କବି ସାରଦା ପ୍ରସାଦ ଆଚାର୍ଯ୍ୟ ସମ୍ବର୍ଦ୍ଧିତ ଶ୍ରୀ ଚକ୍ରବର୍ତ୍ତୀଙ୍କ ସୃଜନ ସମଗ୍ର ଉପରେ ଆଲୋକପାତ କରି ତାଙ୍କୁ କେନ୍ଦୁଝର ଜିଲ୍ଲାର ସୃଜନ ଜଗତର ଶିଖର ପୁରୁଷ ଭାବରେ ଅଭିହିତ କରିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ଚକ୍ରବର୍ତ୍ତୀ ଲାଭ ଓ ଲୋଭର ଉର୍ଦ୍ଧ୍ୱରେ ରହି ନିରାସକ୍ତ ସାହିତ୍ୟ ସାଧନାହିଁ ସାହିତ୍ୟ ସାଧକଙ୍କ ଧ୍ୟେୟ ହେବା ବିଧେୟ ବୋଲି ମତ ଦେଇଥିଲେ ।

ଗାଁ ଗହଳିରୁ ବିଲୁପ୍ତ ହେଲାଣି କୁଳିଆରୀ ଗଛ

ଗ୍ରୀଷ୍ମ ଋତୁର ପ୍ରକୃତିଦତ୍ତ କୁଳିଆରୀ ଶାଗରୁ ମିଳେ ଔଷଧୀୟ ଉପକାର

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଏକ ବଣ ପାହାଡ ପରିବେଷ୍ଟିତ ଜିଲ୍ଲା ଅଟେ । ଜିଲ୍ଲାର ଜଙ୍ଗଲ ଗୁଡିକରେ ପ୍ରକୃତିଦତ୍ତ ଅନେକ ବୃକ୍ଷଲତା ରହିଛି । ବଣ ଜଙ୍ଗଲ ଗୁଡିକରେ କେତେ ପ୍ରକାରର ବୃକ୍ଷ ଓ ଲତା ମିଳେ ତାହା କହିବା ମୁସ୍କିଲ କାମ । କିନ୍ତୁ ପ୍ରକୃତିଦତ୍ତ ଅନେକ ପ୍ରକାରର ଔଷଧିୟ ଏବଂ ଉପକାରୀ ବୃକ୍ଷ ମିଳିଥାଏ ଜିଲ୍ଲାର ବଣ ଜଙ୍ଗଲ ଗୁଡିକରେ । ଋତୁ ଅନୁସାରେ ଫଳ,ଫୁଲ ଓ ପତ୍ର ପ୍ରକୃତିର ଅନନ୍ୟ ଦାନ ମାନବ ସମାଜକୁ । ଏଥିମଧ୍ୟରେ କୁଳିଆରି ଶାଗ ଅନ୍ୟତମ । ଏହି ଶାଗ ଗ୍ରୀଷ୍ମ ଋତୁରେ ମିଳିଥାଏ । ଔଷଧିୟ ଗୁଣରେ ଭରପୁର କୁଳିଆରୀ ଶାଗ । ବନାଞ୍ଚଳରେ ବସବାସ କରୁଥିବା ବନବାସୀଙ୍କ ନିମନ୍ତେ କୁଳିଆରି ପତ୍ର ଗ୍ରୀଷ୍ମ କାଳୀନ ଦାନ ବୋଲି କେତେକ ମତ ବ୍ୟକ୍ତ କରିଥାନ୍ତି । ଜିଲ୍ଲାରେ ଅଗମ୍ୟ ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କ ମଧ୍ୟରେ ରହିଛନ୍ତି ବନବାସୀ ଲୋକ । ବନବାସୀ ମାନଙ୍କର ମୁଖ୍ୟ ଜୀବନ ଜୀବିକା ବନ୍ୟଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ ଅଟେ । ତେଣୁ ବିଭିନ୍ନ ବଣ ପାହାଡ ଅଞ୍ଚଳର ଲୋକେ ବିଭିନ୍ନ ପ୍ରକାରର ଋତୁକାଳୀନ ଫଳ ଫୁଲ ପତ୍ର ସଂଗ୍ରହ କରି ବଜାର ହାଟ ମାନଙ୍କରେ ବିକ୍ରୟ କରିଥାନ୍ତି । ଏଥିରୁ ସେମାନେ କିଛି ରୋଜଗାର କରି ପରିବାର ପ୍ରତିପୋଷଣ କରିବାରେ ସହାୟକ ହୋଇଥାନ୍ତି । ସବୁ ଋତୁରେ କିଛିନା କିଛି ଫଳ ଫୁଲ ପତ୍ର ପ୍ରକୃତି ଦେଇଥାଏ । ଏହିକ୍ରମରେ ପ୍ରକୃତି ଜଙ୍ଗଲବାସୀ ମାନଙ୍କ ନିମନ୍ତେ ସୃଷ୍ଟି କରିଛି କୁଳିଆରୀ ପତ୍ର ବା ଶାଗ । କୁଳିଆରି ଗଛର କଅଁଳ ପତ୍ରକୁ କେନ୍ଦୁଝର ଜିଲ୍ଲାରେ ଲୋକେ ଶାଗ ବୋଲି ମଧ୍ୟ କହିଥାନ୍ତି । ଏହାକୁ ବନାଞ୍ଚଳର ଲୋକେ ସଂଗ୍ରହ କରି ନିଜେ ଖାଇବା ସହ ଅନ୍ୟ ଲୋକଙ୍କୁ ଖାଇବାର ସୁଯୋଗ ଦେଇଥାନ୍ତି । କେବଳ ଖାଇବାରେ ସୁଯୋଗ ଦେଇନଥାନ୍ତି ସେମାନଙ୍କୁ ଅଳ୍ପ ମୂଲ୍ୟରେ ଏହାର ଉପକାରୀତାକୁ ଅନୁଭବ କରିବାର ଅବସର ଦେଇଥାନ୍ତି । ଆଗରୁ ପ୍ରତ୍ୟେକ ଗାଁ ଗହଳିରେ କୁଳିଆରି ଗଛ ନିଶ୍ଚିତ ଦେଖିବାକୁ ମିଳୁଥିଲା । ସମୟ ବଦଳିଛି । ଆଧୁନିକତା ଛାପରେ ଏଭଳି ଉପକାରୀ ଗଛକୁ କାଟି ଅନ୍ୟାନ୍ୟ ଗଛଲତା ରୋପଣ କାରଣରୁ ଏହା ଗ୍ରାମାଞ୍ଚଳ ଗୁଡିକରୁ ବିଲୁପ୍ତ ହେଲାଣି । ମାତ୍ର ଜିଲ୍ଲାର ବଣ ଜଙ୍ଗଲ ଗୁଡିକରେ ଏହାର ସତ୍ତା ବିଲୁପ୍ତ ହୋଇନାହିଁ । କୁଳିଆରି କୁ କେତେକ ସ୍ଥାନରେ କୁଇଲାରୀ ଓ ଆଉକେତେକ ସ୍ଥାନରେ ବରଡା ଶାଗ କହିଥାନ୍ତି । କିନ୍ତୁ ଏହାର ବ୍ୟବହାର ସବୁ ସ୍ଥାନରେ ପ୍ରାୟ ସମାନ । ବସନ୍ତ ଋତୁରେ କୁଇଲାରି ଗଛ ପତ୍ରଝଡା ଦେଇଥାଏ । ପତ୍ରଝଡା ପରେ ଗ୍ରୀଷ୍ମ ଋତୁ ଆରମ୍ଭରେ ଗଛରେ ପତ୍ର କଅଁଳି ଥାଏ । ଏହି କଅଁଳ ପତ୍ରକୁ ଶାଗ ଭାବେ ପାଇ ଲୋକମାନେ ଆନନ୍ଦ ଅନୁଭବ କରିଥାନ୍ତି । ଏହିଗଛ ସବୁଜଙ୍ଗଲରେ ଦେଖିବାକୁ ମିଳୁଥିଲା । ଏବେ କିନ୍ତୁ କୁଇଲାରୀ ଗଛ ବିଲୁପ୍ତପ୍ରାୟ ଅବସ୍ଥାରେ । ସହରାଞ୍ଚଳରେ ସଜନା ଗଛ ଯେପରି ଦୁଲ୍ଲଭ ସେହିଭଳିଭାବେ କୁଇଲାରୀ ଗଛ ପର୍ବତାଂଚଳରେ ଦୁଲ୍ଲଭ ଗଛ ଭାବେ ପରିଗଣିତ ହେଲାଣି । ଏହାଯେ କେବଳ ଜଗଂଲ ଅଧିବାସୀଙ୍କର ଦିବ୍ୟ ଖାଦ୍ୟ ତାହାନୁହେଁ, ସାଧାରଣରେ ମଧ୍ୟ ଏହାର ଆଦର ଅନେକ । ଏହି କୁଇଲାରୀ ପତ୍ର ଦୁଇଭାଗରେ ବିଭକ୍ତ ଏବଂ ଦେଖିବାକୁ ଫୁସଫୁସର ଚିତ୍ରଭଳି । ତେଣୁ ଏହା ଖାଇଲେ ଫୁସଫୁସ ସୁସ୍ଥ ରହିଥାଏ ବୋଲି ଲୋକଙ୍କ ମତ । ଏହି ଶାଗରେ କଷା ଅଂଶ ଥିବାରୁ ଏହାକୁ ଖାଇବା ଦ୍ୱାରା କୃମିନାସ ହୋଇଥାଏ ବୋଲି ବନବାସୀଙ୍କ ମତ । କେବଳ ସେତିକି ନୁହଁ ଏହି ଶାଗ ବଳବର୍ଦ୍ଧକ,କଫନାଶକ ଏବଂ ରକ୍ତ ସଫା ହେବାରେ ସହାୟକ ହୁଏ ବୋଲି କୁହାଯାଏ । ଉକ୍ତ ଶାଗରେ ଲୌହସାର ସାଙ୍ଗକୁ ଧାତବ ପଦାର୍ଥ,ଭିଟାମିନ ଏବଂ ଔଷଧିୟ ଗୁଣ ରହିଛି ବୋଲି ପରିବେଶବିତଙ୍କ ମତ । ଏହାର ଉପକାରୀତାକୁ ଅନୁଭବକରି ଲୋକେ ପୂର୍ବରୁ ନିଜ ବାଡି ବଗିଚାରେ ମଧ୍ୟ କୁଳିଆରୀ ଗଛ ଲଗାଇ ଏହାର କଅଁଳ ପତ୍ରକୁ ଖାଉଥିଲେ । ଏବେ ଆଗଭଳି ଗଛ ନାହିଁ କିନ୍ତୁ ହାଟବଜାରରେ ବନବାସୀଙ୍କ ଠାରୁ ସଂଗ୍ରହକରି ଏହାର ସ୍ୱାଦ ପାଇବାକୁ ଭୁଲନ୍ତି ନାହିଁ ଲୋକେ ।

ଥଇଥାନ ଦାବିରେ ତହସିଲଦାରଙ୍କୁ ଦାବିପତ୍ର

ନିଆଳି (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ନିଆଳି ବଜାର ଓ ଆଖପାଖ ଅଞ୍ଚଳ ସମେତ ନୂଆଗାଁ ଛକ ଠାରୁ ଜଲ୍ଲାରପୁର ପର୍ଯ୍ୟନ୍ତ ଆର୍ ଆଣ୍ଡ ବି ବିଭାଗର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜାଗାରେ ଜବର ଦଖଲ କରି ଗଢି ଉଠିଛି ବ୍ୟବସାୟୀ ପ୍ରତିଷ୍ଠାନ ଏବଂ ପାଲେସ । ଫଳରେ ଗମନାଗମନ ଦୃଷ୍ଟି କୋଣରୁ ବିଭିନ୍ନ ସମୟରେ ଗାଡି ଦୁର୍ଘଟଣା ବଢିବା ସହିତ ମୁଖ୍ୟ ରାସ୍ତା ଜାମ ରହୁଛି । କଟକ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ହେବା ପରେ ଗତ ତିନି ତାରିଖ ଦିନ ନିଆଳି ପ୍ରଶାସନ ପକ୍ଷରୁ ନିଆଳି ବାହାରଣା ରାସ୍ତା ଉଚ୍ଛେଦ ହୋଇଥିଲା । ଉଚ୍ଛେଦ ହେବା ଫଳରେ ଏକାଧିକ ବ୍ୟବସାୟୀ ନିଜର ରୋଜଗାର ପନ୍ଥା ହରାଇଛନ୍ତି । ପରବର୍ତ୍ତୀ ସମୟରେ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ ହେବା କଥା କିନ୍ତୁ ହୋଇନଥିବା କାରଣରୁ ଉଚ୍ଛେଦ ହୋଇଥିବା ବ୍ୟବସାୟୀ ମାନଙ୍କ ପକ୍ଷରୁ ଆଜି ନିଆଳି ତହସିଲଦାରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବ୍ୟବସାୟୀ ମାନଙ୍କ ପକ୍ଷରୁ କୁହାଯାଇଛି ସରକାରୀ ଜମିରୁ ଉଚ୍ଛେଦ କରାଯାଉ ଭିତ୍ତିଭୂମି ବିକାଶ କାର୍ଯ୍ୟ ଦୃଷ୍ଟିରେ ଏହାକୁ ଆମ୍ଭମାନେ ସ୍ୱାଗତ କରୁଛୁ , କିନ୍ତୁ ଆମ୍ଭମାନଙ୍କ ପେଟ ପାଟଶା କଥା ରାଜ୍ୟ ସରକାର ଏବଂ କଟକ ଜିଲ୍ଲା ପ୍ରଶାସନ ଓ ନିଆଳି ବିଧାୟକ ଦୃଷ୍ଟି ଦେବା ପାଇଁ କହିଛନ୍ତି । ଏ ସମ୍ପର୍କରେ ବେଦଖଲ ହୋଇଥିବା ବ୍ୟବସାୟୀ ମାନେ ଏକ ଦାବିପତ୍ର କଟକ ଜିଲ୍ଲା ପ୍ରଶାସନଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବା ସହିତ ଭେଣ୍ଡିଂ ଜୋନ ମାଧ୍ୟମରେ ଥଇଥାନ କରିବା ପାଇଁ ନିଆଳି ବ୍ୟବସାୟୀ ମାନଙ୍କ ପକ୍ଷରୁ ଦାବି ହୋଇଛି ।

ଖଣ୍ଡାୟତ କ୍ଷତ୍ରୀୟ କଲ୍କୀ ସେନାର ବାର୍ଷିକ ଉତ୍ସବ

ବେଗୁନିଆ(ଭାସ୍କର ନ୍ୟୁଜ୍): ବେଗୁନିଆ ବ୍ଲକ ଦୁର୍ଗାପୁର ପଂଚାୟତ ଅନ୍ତର୍ଗତ ଗଡଗୁଡୁମ ଗ୍ରାମସ୍ଥିତ ବାବା ବକ୍ରେଶ୍ୱର ଦେବଙ୍କ ପୀଠରେ ଖଣ୍ଡାୟତ କ୍ଷତ୍ରିୟ କଲ୍କୀ ସେନାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ଅନୁଷ୍ଠାନର ରାଜ୍ୟ ସଭାପତି ଯୋଗୀନାଥ ବଳିୟାର ସିଂହ ଅଧ୍ୟକ୍ଷତାରେ ଅବିଭକ୍ତ ପୁରୀ ଜିଲ୍ଲାର ଖଣ୍ଡାୟତ କ୍ଷତ୍ରିୟ କଲ୍କୀ ସେନାର ସଦସ୍ୟମାନେ ଏକତ୍ରିତ ହୋଇ ସଂଗଠନକୁ ସୁଦୃଢ କରିବା ସହ ଆଗାମୀ ଦିନରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିବାକୁ ମତ ପ୍ରକାଶ ପାଇଥିଲା । ଏଥିରେ ଉପଦେଷ୍ଟା ନବ କିଶୋର ବିଧାର ଓ କୋଷାଧ୍ୟକ୍ଷ ପ୍ରବୀର କୁମାର ରାଉତରାୟ ସମେତ କାର୍ଯ୍ୟକ୍ରମକୁ କରିଥିବା ବେଳେ ମିଡ଼ିଆ ସେଲ ସଂଯୋଜକ ସମୀର କୁମାର ସୁନ୍ଦରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

ବାବା ସାହେବଙ୍କ ଜୟନ୍ତୀ ପାଳିତ

ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବରଗାଁ ଠାରେ ଡ଼ଃ ବି ଆର ଆମ୍ବେଦକର ୧୩୫ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ଅବସ ପ୍ରାପ୍ତ ଏସିଏଫ ଜୟରାମ ଶବର ସଭାପତିତ୍ୱରେ କରିଥିଲେ । ଭାରତ ରତ୍ନ ଡ଼ ଭୀମରାଓ ଆମ୍ବେଦକର କେବଳ ଭାରତୀୟ ନୁହନ୍ତି ବିଶ୍ୱର କୋଟି କୋଟି ଲୋକ ତାଙ୍କୁ ସମ୍ମାନ ପ୍ରଦାନ କରନ୍ତି । ତାଙ୍କର ସଂଘର୍ଷମୟ ଜୀବନ ଓ ସମ୍ବିଧାନ ପ୍ରଣୟନ ପରି ଯୁଗାନ୍ତକାରୀ କାର୍ଯ୍ୟକୁ ବିଶ୍ୱ ସାରା ପ୍ରଶଂସା କରାଯାଏ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ । ବିଶାଳ ଶୋଭାଯାତ୍ରାରେ ଶତାଧିକ ଆମ୍ବେଦକରପ୍ରେମୀ ଏଥିରେ ସାମିଲ ହୋଇଥିଲେ । ସଭାରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ କଳାହାଣ୍ଡି ପଦ୍ମଲୋଚନ ଭୋଇ, ମୁଖ୍ୟ ବକ୍ତା ସଭାପତି, ବିଶ୍ୱାବସୁ ଶବର କଲ୍ୟାଣ ସଂଘ ନୂଆପଡା ସୋମନାଥ ଖମାରୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାଣ୍ଡେ, ଅବସର ପ୍ରାପ୍ତ କୃଷି ଅଧିକାରୀ ଭୂତେଶ କୁମାର ଶବର, ଅବସରପ୍ରାପ୍ତ କୃଷି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନେତାମ, ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ସାନମହେଶ୍ୱର ସରପଞ୍ଚ ଅଲ୍ଲାଦିନୀ ବେହେରା, ବନପାଳ ଦୁର୍ଯ୍ୟୋଧନ ଦୀକ୍ଷିତ, ସମାଜସେବୀ ଚିତ୍ତୁ କୈବର୍ତ୍ତ, ପୂର୍ବତନ ସମିତି ସଭ୍ୟ ଗଜାନନ ପଟେଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭୁବନେଶ୍ୱର ପଟେଲ, ଡକ୍ଟର ଲିଙ୍ଗରାଜ ମଙ୍ଗରାଜ,ସାମାଜିକ କର୍ମୀ ରାଜନ ବଘେଲ, ସାମାଜିକ କର୍ମୀ ବଂଶୀଧର ଜଗତ, ସାମାଜିକ କର୍ମୀ କୁମରମଣି ତାଣ୍ଡି, ସାମାଜିକ କର୍ମୀ ଦୁର୍ଯ୍ୟୋଧନ ସରାଫ, ସାମାଜିକ କର୍ମୀ ଲିଙ୍ଗେଶ୍ୱର ନିଆଲ ମଞ୍ଚ ଆସୀନ ଥିବାବେଳେ ଶିକ୍ଷକ ଗଜିନ୍ଦ୍ର ଶବର ମଞ୍ଚ ପରିଚାଳନା କରିଥିଲେ ।

ଓଡ଼ିଆ ନବବର୍ଷ ପାଳିତ

ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ଓଡ଼ିଆ ପକ୍ଷ ପାଳନର ଚତୁର୍ଦ୍ଧଶ ଦିବସରେ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି କ୍ଷ ଜିଲ୍ଲା ସଂସ୍କୃତି ବିଭାଗ ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସମନ୍ୱୟ ରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଶ୍ୱଜିତ ବର୍ମନ ଯୋଗଦେଇ ଓଡ଼ିଆ ନବବର୍ଷ ପାଳନ ଏବଂ ଓଡ଼ିଆ ପରମ୍ପରାରେ ହୁଳହୁଳି, ଝୋଟି ଓ ପାରମ୍ପରିକ ପିଠାପଣାର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ କ୍ଷ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସୁଧାଂଶୁ ଶେଖର ପାତ୍ର ଏବଂ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ଦ୍ରୌପଦୀ କହଁର ଯୋଗଦେଇ ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ଉପରେ ଆଲୋକପାତ କରିଥିଲେ କ୍ଷ ଏହି ଅବସରରେ ମହିଳା ମାନଙ୍କ ମଧ୍ୟରେ ହୁଳହୁଳି,ଝୋଟି ଓ ପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ମାନପତ୍ର ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା କ୍ଷ ହୁଳହୁଳି ଓ ପିଠା ପ୍ରତିଯୋଗିତାରେ ଶ୍ରୀମତୀ ପ୍ରଭାତୀ ବିଶୋୟୀ ଓ ଝୋଟି ପ୍ରତିଯୋଗିତାରେ କୁମାରୀ ସଶ୍ମିତା ରାୟ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ହୁଳହୁଳି, ଝୋଟି ଓ ପିଠା ପ୍ରତିଯୋଗିତାରେ ରେବତୀ ଶିରା, ହୀରାମଣି ଚୌଧୁରୀ ଓ ପ୍ରୀତି ବାଘ ଦ୍ୱିତୀୟ ଏବଂ ମଞ୍ଜୁଲତା ଦାଶ, ଅନ୍ୱେଷା ପାଢୀ ଓ ହିମାନ ଗଉଡ ଯଥାକ୍ରମେ ତୃତୀୟ ସ୍ଥାନ ହାସଲ କରିଥିଲେ କ୍ଷ ଏହି କୃତୀ ପ୍ରତିଯୋଗୀମାନଙ୍କୁ ଉପସ୍ଥିତ ଅତିଥି ମାନେ ସଂସ୍କୃତିକୁ ବଜାୟ ରଖିବା ପାଇଁ ପରାମର୍ଶ ଦେବା ସହିତ ପ୍ରସଂଶା କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଘାସିଆ ହରିଜନ ପରିଚାଳନା କରିଥିବା ବେଳେ ଜିଲ୍ଲା ସାମାଜ କଲ୍ୟାଣ ବିଭାଗ ଅଧିନସ୍ଥ ଅଧିକାରୀ ଓ ଜିଲ୍ଲା ସଂସ୍କୃତି ବିଭାଗ କର୍ମଚାରୀମାନେ ସହଯୋଗ କରିଥିଲେ ।

ଫୁଡ଼ ବାସ୍କେଟ୍ ଉଦ୍‌ଘାଟିତ

ଫୁଲନଖରା(ଭାସ୍କର ନ୍ୟୁଜ୍): ଫୁଲନଖରା-ନିଆଳି ୬୦ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱ ତଥା ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ତ୍ରିନାଥବଜାରଠାରେ 'ଫୁଡ଼ ବାସ୍କେଟ'ନାମରେ ଏକ ନୂତନ ଫାଷ୍ଟ ଫୁଡ଼ ବ୍ୟବସାୟ ପ୍ରତିଷ୍ଠାନ ଆରମ୍ଭ ହୋଇଛି । ପାହାଳ ଥାନା ଆଇଆଇସି ଅଶ୍ୱିନୀକୁମାର ଜେନା ମୁଖ୍ୟ ଅତିଥିରୂପେ ଯୋଗଦେଇ ଏହାକୁ ଫିତା କାଟି ଉଦ୍‌ଘାଟନ କରିଥିଲେ । ପବିତ୍ର ଓଡ଼ିଆ ନବ ବର୍ଷରେ ଖୋଲିଥିବା ଏହି ପ୍ରତିଷ୍ଠାନର ଉଦଘାଟନ ଅବସରରେ ଇମେଜ ଇଣ୍ଟରନ୍ୟାସନାଲ ସ୍କୁଲ ମୁଖ୍ୟ ସୁନୟନା ସୁଜୟିନୀ, ଫୁଡ଼ ବାସ୍କେଟ ସ୍ୱତ୍ୱାଧିକାରୀ ସୁକାନ୍ତ ମହାପାତ୍ର, ମୋନାଲୀସା ନାୟକ, ପଞ୍ଚାନନ ପଢ଼ିଆରୀ, ସମୀରକୁମାର ସାହୁ, ପ୍ରଦୋଷ ମହାନ୍ତି, ଦୁଃଖିଶ୍ୟାମ ଓଝା ଓ ପ୍ରତାପଚନ୍ଦ୍ର ପଣ୍ଡାଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଓ ତ୍ରିନାଥବଜାର ବ୍ୟବସାୟୀ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏଲିନା ପତି କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

ମା' ଦକ୍ଷିଣ କାଳୀ ମନ୍ଦିର ପ୍ରାଙ୍ଗଣରେ ମେରୁ ଯାତ୍ରା ପାଳିତ

ଛତ୍ରପୁର(ଭାସ୍କର ନ୍ୟୁଜ୍): ଛତ୍ରପୁର ବ୍ଲକ ନନ୍ଦପଣ୍ଡାପଲ୍ଲୀ ଗ୍ରାମର ମା' ଦକ୍ଷିଣ କାଳୀ ମନ୍ଦିର ପ୍ରାଙ୍ଗଣରେ ମେରୁ ଯାତ୍ରା ମହାଆଡମ୍ବରରେ ପାଳିତ ହୋଇଯାଇଛି । ୧୮ ଦିନିଆ ଦଣ୍ଡରେ ବହାରି ସୋମବାର ଶେଷ ଦିନରେ ଦଣ୍ଡୁଆ ମାନେ ଗ୍ରାମରେ ଧୂଳିଦଣ୍ଡ, ପାଣିଦଣ୍ଡ କରି ଥିଲେ । ପୂଜାର୍ଚ୍ଚନା ସରିବା ପରେ ପାଟଭୁକ୍ତାଙ୍କୁ ଝଜାଙ୍ଗ ପତ୍ର, ଦହି, କଦଳୀ ବଟାକୁ ଲେପନ ଦେଇ ମେରୁ ଖୁଣ୍ଟକୁ ଆଣି ଝୁଲାଯାଇଥିଲା । ପରେ ମନ୍ଦିରକୁ ନିଆଯାଇଥିଲା । ଏଥିରେ ଆଖପାଖ ଅଞ୍ଚଳର ବହୁ ଭକ୍ତ ଓ ମାନସିକଧାରୀ ମାନେ ପହଞ୍ଚି ମେରୁ ଦର୍ଶନ କରିବା ସହ ଭୋଗ ରାଗ କରିଥିଲେ । ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ପ୍ରତ୍ୟେକ ବର୍ଷ ଭକ୍ତମାନେ ଏହି ୧୮ ଦିନର ଯାତ୍ରା ସମେତ ମେରୁପର୍ବକୁ ବର୍ଷେ ପର୍ଯ୍ୟନ୍ତ ଅପେକ୍ଷା କରିଥାନ୍ତି । ନିଜର ମାନସିକ ପୂରଣ କରନ୍ତି ।ଏବେ ପୁଣି ଅପେକ୍ଷା ଆସନ୍ତା ବର୍ଷକୁ । ଭକ୍ତି, ବିଶ୍ୱାସ ଏବଂ ଆଧ୍ୟାତ୍ମିକ ପରିବେଶର ଅନନ୍ୟ ପ୍ରତୀକ ହେଉଛି, ଗଂଜାମର ଏହି ପାରମ୍ପରିକ ଚୈତ୍ରପର୍ବ ଦଣ୍ଡଯାତ୍ରା ଓ ମେରୁଯାତ୍ରା ପୁଣିଥରେ ଆସନ୍ତା ବର୍ଷ ଧୂମଧାମରେ ପାଳନ କରାଯିବ ବୋଲି ଦଣ୍ଡ ନାଚ ଅଧିକାରୀ ସୂଚନା ଦେଇଛନ୍ତି

ପଶୁପକ୍ଷୀଙ୍କ ପାଇଁ ଜଳ ସେବାକେନ୍ଦ୍ର

ଫୁଲନଖରା,(ଭାସ୍କର ନ୍ୟୁଜ୍): ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ରାମନଗର ଗଡ଼ା ଠାରେ ଗ୍ରାମବାସୀଙ୍କ ପକ୍ଷରୁ ଓଡ଼ିଆ ନୂଆବର୍ଷରେ ଏକ ଜଳ ସେବାକେନ୍ଦ୍ରକୁ କଟକ ଜୋନ ୪ ଏସିପି ଅମିତାଭ ମହାପାତ୍ର ଉଦ୍‌ଘାଟନ କରି ମଣିଷଙ୍କ ଭଳି ପଶୁପକ୍ଷୀମାନେ ପାଣି ପିଇବା ପ

ଓଡ଼ିଶା ଭାସ୍କର
ODISHA BHASKAR

ମହାନଗର

କଟକ(ଭାସ୍କର ନ୍ୟୁଜ୍): ସାଂସ୍କୃତିକ ଅନୁଷ୍ଠାନ 'ଅଭିପ୍ସା'ର ୨୮ତମ ବାର୍ଷିକ ଉତ୍ସବ, ପତ୍ରିକା ଉନ୍ମୋଚନ, ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଗାନ୍ଧୀଭବନରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି । କାର୍ଯ୍ୟକ୍ରମରେ ମହାନଗର ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବିରନ ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ବିଶ୍ୱଜିତ ମହାପାତ୍ର, ଅଧ୍ୟାପକ କିଶୋର ଚନ୍ଦ୍ର ଦାସ, ମନୋଜ କୁମାର ଦାସ, ଅଧ୍ୟାପିକା ସୁଶ୍ରୀ ମିଶ୍ର, ସଂଗ୍ରାମ କେଶରୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସୌମ୍ୟରଞ୍ଜନ ସାହୁ, ପ୍ରଦୀପ ରାଉତରାୟ, ଇତିଶ୍ରୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ ।

କଟକ ସହରରେ ବର୍ଷା ଆଣିଲା ଆଶ୍ୱସ୍ତି, ତଳି ଅଞ୍ଚଳରେ ଜମିଲା ପାଣି

କଟକ(ଭାସ୍କର ନ୍ୟୁଜ୍): ମଙ୍ଗଳବାର ଅପରାହ୍ନରେ କଟକ ସହରରେ ବର୍ଷା ପ୍ରବଳ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ଆଣିଛି । ଅନ୍ୟପକ୍ଷରେ ଘଣ୍ଟାଏ ବର୍ଷାରେ ସହର ତଳି ଅଞ୍ଚଳରେ ପାଣି ଜମି ଯାଇଥିଲା । ତେବେ ଖରାଦିନିଆ ବର୍ଷାରେ ସହରରେ ଏପରି ଅବସ୍ଥା ସୃଷ୍ଟି ହୋଇଥିବାବେଳେ ଆଗକୁ ବର୍ଷା ଦିନେ ଜଳବନ୍ଦୀ ସମସ୍ୟା ଉତ୍କଟ ହେବ ବୋଲି ସ୍ପଷ୍ଟ ଅନୁମାନ କରିହେଉଛି । ମଙ୍ଗଳବାର ଅପରାହ୍ନରେ ହୋଇଥିବା ଘଡଘଡି ବର୍ଷାରେ କଟକ ସହରର ଗଳିକନ୍ଦିରେ ଆଜି ବନ୍ୟାର ଭ୍ରମ ସୃଷ୍ଟି କରିଥିଲା । ଏପରିକି ଆଜିର ବର୍ଷା ଯୋଗୁ ସହରତଳି ବିଭିନ୍ନ ସ୍ଥାନରେ ବର୍ଷା ଓ ନଳା ପାଣି ପାଣି ଲୋକଙ୍କ ଘରେ ପଶିଯାଇଛି । ସହରର ତଳିଆ ଅଞ୍ଚଳରେ ନଳା ପାଣି ରାସ୍ତା ଉପରେ ଲହଡି ମାରିବା କାରଣରୁ ଯାତାୟତରେ ମଧ୍ୟ ବାଧା ସୃଷ୍ଟି ହୋଇଥିଲା । ବିଶେଷ କରି ସହରର ପିଠାପୁର, ଫ୍ରେଣ୍ଡସ୍ କଲୋନୀ, ଖାନନଗର, ହାଇକୋର୍ଟ କଲୋନୀ, କମଳପୁର, ଶଗଡିଆସାହି, ତଅଁଳାସାହି, ତୁଳସୀପୁର, ହରିପୁର, ସେମିନାର୍ ଛକ, ସୁତାହାଟ, ଶଙ୍କରପୁର ଭଳି ସ୍ଥାନରେ ଦୀର୍ଘ ସମୟ ଧରି ଆବର୍ଜନା ଓ ଡ୍ରେନ୍ ପାଣି ଜମା ହୋଇ ରହିଥିଲା । ମହାନଗର ନିଗମ ପକ୍ଷରୁ କଟକ ସହରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ସହରର ନାଳନର୍ଦ୍ଦମା ଠିକ୍ ଭାବେ ସଫେଇ କରାଯାଉ ନଥିବାରୁ ଅଦିନିଆ ବର୍ଷାରେ ସହର ଅବସ୍ଥା ବେହାଲ୍ ହୋଇଯାଇଛି ବୋଲି ଚର୍ଚ୍ଚା ହେଉଛି ।

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଜିତନ୍ ରାମ ମାନ୍‌ଝୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେନ୍ଦ୍ର ଏମଏସଏମଇ ମନ୍ତ୍ରୀ ଜିତନ୍ ରାମ ମାଂଝୀ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା

ଆସାମୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

କଟକ(ଭାସ୍କର ନ୍ୟୁଜ୍): ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ କଟକର ଆଡହକ୍ ଆଡିସିନାଲ୍ ଡିଷ୍ଟ୍ରିଟ୍ ଏଣ୍ଡ ସେସନ୍ (ଫାଷ୍ଟଟ୍ରାକ୍ ସ୍ପେସାଲ୍ କୋର୍ଟ-୧) ଆସାମୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି । ଆସାମୀ ଜଣକ ହେଉଛନ୍ତି ଆଠଗଡ ଥାନା ଅଧିନସ୍ଥ ଜେନାପଦାର ସତ୍ୟବ୍ରତ ରଣା । କୋର୍ଟ ମାମଲାର ଶୁଣାଣି କରି ଆସାମୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରବା ସହିତ ତାକୁ ୧୦ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି । ଜରିମାନା ନ ଦେଇପାରିଲେ ଆସାମୀକୁ ଆଉ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତ । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ପରିଚାଳନା କରୁଥିଲେ । ଗତ ୨୦୧୯ ମସିହା ଫେବୃୟାରୀ ୧୮ ତାରିଖରେ ଆସାମୀ ସତ୍ୟବ୍ରତ ଜଣେ ନାବାଳିକାକୁ ଅପହରଣ ଓ ବଳତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା । ଘଟଣାର ପରଦିନ ପିଡିତାର ପରିବାର ପକ୍ଷରୁ ଏ ନେଇ କଟକ ସଦର ଥାନା ଅଧିନସ୍ଥ ୪୨ ମୌଜା ଆଉଟ୍‌ପୋଷ୍ଟରେ ଲିଖିତ ଅଭିଯୋଗ କରାଯାଇଥିଲା । ଉକ୍ତ ଅଭିଯୋଗ ଆଧାରରେ କଟକ ସଦର ପୋଲିସ୍ ସତ୍ୟବ୍ରତ ବିରୋଧରେ ଏତଲା ପିକରଣ କରି ତଦ' ଆରମ୍ଭ କରିଥିଲା । ପୁଲିସ୍ ଏହି ଘଟଣାରେ ୨୦୧୯ ମସିହା ଜୁଲାଇ ୧୪ ତାରିଖରେ ସତ୍ୟବ୍ରତ ବିରୋଧରେ କୋର୍ଟରେ ଅଭିଯୋଗପର୍ଦ୍ଦ ଦାଖଲ କରିଥିଲା । ୨୦୨୩ ମସିହା ନଭେମ୍ବର ୧୧ ତାରିଖରେ କୋର୍ଟ ସତ୍ୟବ୍ରତ ବିରୋଧରେ ଚାର୍ଜଫ୍ରେମ୍ କରିଥିଲେ । କଟକର ଆଡହକ୍ ଆଡିସିନାଲ୍ ଡିଷ୍ଟ୍ରିଟ୍ ଏଣ୍ଡ ସେସନ୍ (ଫାଷ୍ଟଟ୍ରାକ୍ ସ୍ପେସାଲ୍ କୋର୍ଟ-୧)ରେ ଏହି ମାମଲାର ଶୁଣାଣି ଚାଲିଥିଲା ।

ଆୟୁଷ୍ମାନ କାର୍ଡ ବାଣ୍ଟିଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରର ଡୁମଡୁମା ଓ ପୋଖରୀପୁଟ ସ୍ୱାସ୍ଥ୍ୟ କେନ୍ଦ୍ର ଅଞ୍ଚଳରେ ଆସୁଥିବା ବିଭିନ୍ନ ୱାର୍ଡରେ ଏକାମ୍ର ବିଧାୟକ ବାବୁ ସିଂଙ୍କ ସହ ମିଶି ଆୟୁଷ୍ମାନ ଜନ ଆରୋଗ୍ୟ ଓ ଗୋପବନ୍ଧୁ ଜନ ଆରୋଗ୍ୟ ସ୍ୱାସ୍ଥ୍ୟ କାର୍ଡକୁ ହିତାଧିକାରୀ ମାନଙ୍କୁ ବଂଟଣିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହଲିଙ୍ଗ । ଏହା ସହ ସାଙ୍ଗରେ ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ନେଇ ୱାର୍ଡରୁ ୱାର୍ଡ ବୁଲି ସ୍ୱାସ୍ଥ୍ୟ କାର୍ଡ ବାଣ୍ଟିଛନ୍ତି । ଆଗାମୀ ୩ ମାସ ମଧ୍ୟରେ ସରକାର ସମସ୍ତଙ୍କ ନିକଟରେ ସ୍ୱାସ୍ଥ୍ୟ କାର୍ଡ ପହଞ୍ଚାଇବା ପାଇଁ ଟାର୍ଗେଟ ରଖିଛନ୍ତି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହଲିଙ୍ଗ ।

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଦିଲ୍ଲୀ ବିଧାନସଭା ବାଚସ୍ପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦିଲ୍ଲୀ ବିଧାନସଭାର ବାଚସ୍ପତି ବିଜେନ୍ଦ୍ର ଗୁପ୍ତା ଏବଂ ଉପବାଚସ୍ପତି ମୋହନ୍ ସିଂ ବିଷ୍ଟ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

ଯାହାଙ୍କ ପାଇଁ କେହିନାହାନ୍ତି, ସରକାରୀ ବ୍ୟବସ୍ଥା ସବୁବେଳେ ଅଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରୁ ଚୋରି ହୋଇଥିବା ଶିଶୁ ପୁତ୍ର ଉଦ୍ଧାର ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୁସି ବ୍ୟକ୍ତ କରିବା ସହ ଏଥିପାଇଁ ପୋଲିସ ପ୍ରଶାସନକୁ ପ୍ରଶଂସା କରିଛନ୍ତି । ମୁଖ୍ୟମନ୍ତ୍ରୀ ଏକ୍ସରେ ଲେଖିଛନ୍ତି ଭୁବନେଶ୍ୱରରୁ ଚୋରି ହୋଇଥିବା ଶିଶୁ ପୁତ୍ର ନିଜ ଦୃଷ୍ଟି ବାଧିତ ମା' କୋଳକୁ ଫେରି ଆସିବା ଖବର ମୋତେ ଆଶ୍ୱସ୍ତି ପ୍ରଦାନ କରିଛି । ସମ୍ପୃକ୍ତ ମା'ଙ୍କ ମୁହଁରେ ଶିଶୁ ପୁତ୍ରକୁ ପାଇବାର ହସ ଦେଖି ମୁଁ ଅତ୍ୟନ୍ତ ଆନନ୍ଦିତ । ଘଟଣା ଘଟିବାର ୩ ଦିନ ମଧ୍ୟରେ ଶିଶୁ ପୁତ୍ରକୁ ଉଦ୍ଧାର କରାଯାଇଛି । ଜଣେ ଗରିବ, ଅସହାୟ ମହିଳାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ ପୋଲିସ ପ୍ରଶାସନର ପଦକ୍ଷେପ ନିଶ୍ଚୟ ପ୍ରଶଂସନୀୟ । ତୃଣମୂଳସ୍ତରରେ ସବୁ ସମସ୍ୟାର ସମାଧାନ ପାଇଁ ଲୋକଙ୍କ ଆହୁରି ନିକଟତର ହୋଇ କାମ କରିବା ଦିଗରେ ଆମ ସରକାର ସର୍ବଦା ସମ୍ବେଦନଶୀଳ । ପ୍ରତ୍ୟେକଟି ଓଡ଼ିଶାବାସୀ ବିଶେଷ କରି ଗରିବ, ଅସହାୟ ଲୋକମାନେ ଯାହାଙ୍କ ପାଇଁ କେହି ନାହାନ୍ତି, ସରକାରୀ ବ୍ୟବସ୍ଥା ସବୁବେଳେ ତାଙ୍କ ପାଖରେ ଅଛି । ତାଙ୍କ ସମସ୍ୟାର ସମାଧାନ ହିଁ ଆମର ସର୍ବୋଚ୍ଚ ପ୍ରାଥମିକତା ।

ଓଡ଼ିଶା ଗସ୍ତରେ ଦିଲ୍ଲୀ ବିଧାନସଭା ବାଚସ୍ପତି, ନେଭାର କାର୍ଯ୍ୟକାରିତା ନେଇ ଆଲୋଚନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦ୍ରର ଗୁପ୍ତା ଓ ଉପବାଚସ୍ପତି ମୋହନ ସିଂ ବିଷ୍ଟ ତିନି ଦିନିଆ ଓଡ଼ିଶା ଗସ୍ତରେ ଆସି ଆଜି ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀଙ୍କୁ ରାଜ୍ୟ ବିଧାନସଭାଠାରେ ସାକ୍ଷାତ କରିଛନ୍ତି । ଦିଲ୍ଲୀ ବିଧାନସଭା ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଆସିଥିବା ଏହି କମିଟିର ସଦସ୍ୟମାନେ ଓଡ଼ିଶା ବିଧାନସଭାର କାର୍ଯ୍ୟାବଳୀ ଓ କାର୍ଯ୍ୟଧାରା ସମ୍ପର୍କରେ ବିଶେଷ ଭାବେ ଅବଗତ ହେବା ସହ ଓଡ଼ିଶା ବିଧାନସଭାରେ ଜାତୀୟ ଇ-ବିଧାନ ଆପ୍ଲିକେସନ୍ (ନେଭା) ମାଧ୍ୟମରେ କାଗଜବିହୀନ ବିଧାନସଭା ପରିଚାଳନାର ସଫଳ କାର୍ଯ୍ୟକାରିତା ନେଇ ଆଲୋଚନା କରିଥିଲେ । ଏହି ଅବସରରେ ଦିଲ୍ଲୀ ବିଧାନସଭାର ସଚିବ ରଣଜିତ ସିଂ, ବିତ୍ତ ଅଧିକାରୀ ଗୁରୀନ୍ଦର ସିଂ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ରାଜ୍ୟ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

ଜଷ୍ଟିସ୍ ସଙ୍ଗମ ସାହୁ ଆଇନସେବା ପ୍ରାଧିକରଣ କାର୍ଯ୍ୟକାରୀ ଅଧ୍ୟକ୍ଷ

କଟକ(ଭାସ୍କର ନ୍ୟୁଜ୍): ଓଡିଶା ହାଇକୋର୍ଟର ବିଚାରପତି ସଙ୍ଗମ ସାହୁଙ୍କୁ ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି । ମହାମହିମ ରାଜ୍ୟପାଳ ଲିଗାଲ୍ ସର୍ଭିସ୍ ଅଥୋରିଟିଜ୍ ଆକ୍ଟ ୧୯୮୭ର ସେକ୍ସନ୍ ୬, ସବ୍ ସେକ୍ସନ୍ (୨) କ୍ଲଜ୍ (ବି) ଆଧାରରେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶକ୍ରମେ ଜଷ୍ଟିସ୍ ସାହୁଙ୍କୁ ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ମନୋନୀତ କରିଛନ୍ତି ।

ବେଲଭ୍ୟୁ ଛକରେ ଦୁର୍ଘଟଣା, ୩ ଗୁରୁତର

କଟକ(ଭାସ୍କର ନ୍ୟୁଜ୍): ବେଲଭ୍ୟୁ ଛକରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି । ଏକ କାର୍ ଡିଭାଇଡରକୁ ଧକ୍କା ଦେଇ ରାସ୍ତା ଉପରେ ଓଲଟି ପଡ଼ିଥିଲା । ଦୁର୍ଘଟଣାରେ କାର୍ ଭିତରେ ଥିବା ତିନି ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ସିଡିଏର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୭ଟା ୩୦ ବେଳେ ତ୍ରିଶୁଳିଆରୁ ଏକ ହୁଣ୍ଡାଇ କାର୍ (ଓଡି ୦୫ ଏବି ୧୮୯୪)ରେ ସ୍ୱାମୀ, ସ୍ତ୍ରୀ ଓ ତାଙ୍କ ଭଣଜା ବେଲଭ୍ୟୁ ଛକ ଦେଇ ନରାଜ ଆଡ଼କୁ ଯାଉଥିଲେ । ଏହି ସମୟରେ ବେଲଭ୍ୟୁ ଛକରେ ଡିଭାଇଡରକୁ କାର୍ ଧକ୍କା ଦେଇଥିଲା । କାର୍ ଧକ୍କା ଦେବା ଫଳରେ କାର ଓଲଟି ପଡ଼ିଥିଲା । କାରରେ ଥିବା ତିନିଜଣ ଗୁରୁତର ଆହତ ହୋଇଥିଲେ । ଘଟଣା ସ୍ଥଳରେ ମର୍କତନଗର ଥାନା ପୁଲିସ ପହଁଚି ଆହତଙ୍କୁ କାର ଭିତରୁ ଉଦ୍ଧାର କରିଥିଲା । ସମସ୍ତେ ଗୁରୁତର ଆହତ ହୋଇଥିବାରୁ ତୁରନ୍ତ ସିଡିଏରେ ଥିବା ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବା ମର୍କତନଗର ଥାନା ପୋଲିସ ପକ୍ଷରୁ ସୂଚନା ମିଳିଛି ।

ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ କୁଳପତିଙ୍କ ସମ୍ମିଳନୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୪ କୁଳାଧିପତିଙ୍କ ଅନୁମୋଦନ ଲାଭ କରିବା ପରେ ମଙ୍ଗଳବାର ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଏକ ବୈଠକ ବସିଛି । ନୂଆ ଅଧିନିୟମ ଅନୁମୋଦନ ପାଇବାର ଦୁଇ ଦିନ ପରେ ବିଭାଗ ପକ୍ଷରୁ କୁଳପତିମାନଙ୍କ ସମ୍ମିଳନୀ ଡକାଯାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ ହଲ୍‌ରେ ହେବାକୁ ଥିବା ସମ୍ମିଳନୀରେ ଅଧିନିୟମ ଉପରେ ବ୍ୟାପକ ଆଲୋଚନା କରାଯିବ । ନିଯୁକ୍ତି ପ୍ରକ୍ରିୟା ପାଇଁ ଥିବା ନିୟମିତ , ପ୍ରଫେସର ଓ କର୍ମଚାରୀ ନିଯୁକ୍ତି ଯୋଜନା, ପାଠ୍ୟକ୍ରମରେ ସମାନତା, ବିଭିନ୍ନ ପିଜି ବିଭାଗଗୁଡିକୁ ମିଶାଇବା, ଅଣଶିକ୍ଷକ ପଦବିଗୁଡ଼ିକରେ ସମାନତା, ଭିତ୍ତିଭୂମି ପ୍ରକଳ୍ପ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପରେ ଏହି ବୈଠକରେ ଆଲୋଚନା କରାଯିବ । ୧୭ ବିଶ୍ୱବିଦ୍ୟାଳୟର କୁଳପତି, ବିଶ୍ୱବିଦ୍ୟାଳୟ କୁଳସଚିବ, ଉପ କୁଳସଚିବ, ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ମଧ୍ୟ ଏହି ସମ୍ମିଳନୀରେ ସାମିଲ ହୋଇଛନ୍ତି । ଉଚ୍ଚ ଶିକ୍ଷା ବିଭାଗର ମନ୍ତ୍ରୀ ଏହି ବୈଠକରେ ଉପସ୍ଥିତ ଅଛନ୍ତି ।

ପୌରାଞ୍ଚଳରେ ନାଗରିକ କୈନ୍ଦ୍ରିକ ପଦେକ୍ଷପଗୁଡିକୁ ସୁଦୃଢ ପାଇଁ ପରାମର୍ଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସାରା ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ପ୍ରଶାସନରେ ସ୍ୱଚ୍ଛତା ଏବଂ ଦାୟିତ୍ୱ ବୃଦ୍ଧି କରିବା ଦିଗରେ ଏକ ଦୃଢ଼ ପ୍ରୟାସ ସ୍ୱରୂପ, ଗୃହ ଏବଂ ନଗର ଉନ୍ନୟନ ପ୍ରମୁଖ ସଚିବ ଉଷା ପାଢୀ ସମସ୍ତ ପୌର ଅଧିକାରୀଙ୍କ ମଧ୍ୟରେ ସମୟାନୁବର୍ତ୍ତୀତା ଏବଂ ବୃତ୍ତିଗତ ଆଚରଣ ଉପରେ ଗୁରୁତ୍ୱାରୋପ କରି ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ସମୟାନୁବର୍ତ୍ତୀତା ବଜାୟ ରଖିବାରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରଶଂସନୀୟ ପ୍ରୟାସକୁ ସ୍ୱୀକାର କରି, ଶ୍ରୀମତୀ ପାଢୀ ପୌରସଂସ୍ଥା ଅଧୀନରେ ସମସ୍ତ କର୍ମଚାରୀଙ୍କଠାରୁ ସମାନ ପ୍ରତିବଦ୍ଧତା ପାଇଁ ଆହ୍ୱାନ କରିଛନ୍ତି । ସେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଉଦାହରଣ ଦେଇ ନେତୃତ୍ୱ ନେବାକୁ ଏବଂ ବିଳମ୍ବ ନକରି ବାୟୋମେଟ୍ରିକ୍ ଉପସ୍ଥିତି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଛନ୍ତି । ଏହି ପଦକ୍ଷେପ ଶୃଙ୍ଖଳାକୁ ସଂସ୍ଥାଗତ କରିବା, ସାଧାରଣ ସେବାର ସମୟାନୁବର୍ତ୍ତୀ ବିତରଣ ସୁନିଶ୍ଚିତ କରିବା ଏବଂ ସ୍ଥାନୀୟ ଶାସନ ଉପରେ ନାଗରିକଙ୍କ ବିଶ୍ୱାସକୁ ମଜବୁତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଶାସନରେ ଏକ ସାଂସ୍କୃତିକ ପରିବର୍ତ୍ତନର ସମୟ ଆସିଛି, ଯାହା ସଚ୍ଚୋଟତା, ପ୍ରତିକ୍ରିୟାଶୀଳତା ଏବଂ ଦକ୍ଷତାକୁ ପ୍ରତିଫଳିତ କରେ । ସମୟାନୁବର୍ତ୍ତିତା ଏବଂ ବୃତ୍ତିଗତ ଆଚରଣ ଆଲୋଚନାଯୋଗ୍ୟ ହେବା ଉଚିତ ନୁହେଁ, ଏବଂ କେବଳ ବ୍ୟତିକ୍ରମିକ ପରିସ୍ଥିତିରେ ନମନୀୟତାକୁ ଅନୁମତି ଦିଆଯାଇପାରିବ ବୋଲି ଶ୍ରୀମତୀ ପାଢୀ କହିଛନ୍ତି । ନିର୍ଦ୍ଦେଶକ ପୌର ପ୍ରଶାସନ ଅରିନ୍ଦମ ଡାକୁଆଙ୍କୁ ଏହି ପଦକ୍ଷେପଗୁଡ଼ିକର କାର୍ଯ୍ୟାନ୍ୱୟନକୁ ସକ୍ରିୟ ଭାବରେ ତଦାରଖ କରିବା ଏବଂ ସମସ୍ତ ପୌରସଂସ୍ଥା ମଧ୍ୟରେ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

୧୭ରେ ଓଡ଼ିଶା ଆସିବେ ନୀତିନ ଗଡକାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୧୭ ତାରିଖରେ ଓଡିଶା ଗସ୍ତରେ ଆସିବେ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ୍ ଗଡ଼କରୀ । ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁଥିବା ହରେକୃଷ୍ଣ ମହାତବ ଜୟନ୍ତୀ ଉତ୍ସବରେ ଯୋଗ ଦେବେ । ପରେ ଏନଏଚଏଆଇ ପ୍ରକଳ୍ପର ସମୀକ୍ଷା କରିବେ । ଭୁବନେଶ୍ୱରରେ ସାଧାରଣ ସଭାରେ ଜାତୀୟ ରାଜପଥକୁ ନେଇ କରିବେ ବଡ ଘୋଷଣା । ୫ ହଜାର କୋଟି ଟଙ୍କାର ୧୬ ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ ।

ରନ୍ଧନ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

କଟକ(ଭାସ୍କର ନ୍ୟୁଜ୍): କେନ୍ଦ୍ର ବିଜେପି ସରକାର ସମ୍ପ୍ରତି ରନ୍ଧନ ଗ୍ୟାସର ଅହେତୁକ ମୂଲ୍ୟବୃଦ୍ଧିକୁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ତରଫରୁ ତୀବ୍ର ନିନ୍ଦା କରାଯାଇଛି । କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ପ୍ରତିବାଦରେ ଆଜି ପାର୍ଟି ପକ୍ଷରୁ କଲେଜ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପାର୍ଟି ପକ୍ଷରୁ ପ୍ରକାଶ କରାଯାଇଛି ଯେ, ଗୋଟିଏ ପଟରେ ଦରଦାମ୍ ବଢ଼ି ଚାଲିଛି ଅନ୍ୟ ପଟରେ ସାଧାରଣ ଲୋକଙ୍କ ରୋଜଗାର କମିଚାଲିଚି, ବେକାରୀ ଭୟଙ୍କର ହୋଇଛି । ଫଳରେ ସାଧାରଣ ଲୋକଙ୍କ ବଞ୍ଚିବା ଦୁର୍ବିସହ ହୋଇଚି ।ଆନ୍ତର୍ଜାତୀୟ ବଜାରରେ କଞ୍ଚା ତେଲର ଦାମ କମୁଥିଲେ ବି ଦେଶରେ ପେଟ୍ରୋଲ ଡିଜେଲ ର ଦର

" ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । "

-ସ୍ୱାମୀ ବିବେକାନନ୍ଦ



" ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ
ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ । "

-ମଧୁସୂଦନ ରାଓ

ଦେଶ ପାଇଁ ଆଶ୍ୱସ୍ତିକର ଖବର

ତଦନ୍ତ ଜାଲରେ ରାଣା ଓ ଚୋକ୍‌ସି

ଆମ ଦେଶରେ ବଡ଼ଧରଣର ଅପରାଧ, ଷଡ଼ଯନ୍ତ୍ର, ଆର୍ଥିକ ଠକେଇ ଓ ଜାଲିଆତି ଘଟାଇବା ପରେ କୌଶଳକ୍ରମେ ବିଦେଶ ମାଟିକୁ ଖସିଯାଇଥିବା ଦୁଇଜଣ ମୋଷ୍ଟ ୱାଣ୍ଟେଡ୍ ଅପରାଧୀ ଏବେ ତଦନ୍ତକାରୀ ସଂସ୍ଥାର ଜାଲରେ ଧରାପଡିବା ଦେଶବାସୀଙ୍କ ପାଇଁ ଆଶ୍ୱସ୍ତି ଆଣି ଦେଇଛି । ଗତ ୨୦୦୮ ମସିହା ନଭେମ୍ବର ମାସ ୨୬ ତାରିଖ ରାତିରେ ଭାରତର ଅର୍ଥନୈତିକ ରାଜଧାନୀ ମୁମ୍ବାଇ ମହାନଗରୀ ଉପରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ତାହାୱର୍ ରାଣାକୁ ଗତ ସପ୍ତାହରେ ଯୁକ୍ତରାଷ୍ଟ୍ର ଆମେରିକାରୁ ପ୍ରତ୍ୟର୍ପଣ କରାଯାଇ ସ୍ୱଦେଶକୁ ଅଣାଯାଇଛି । ଭାରତରେ ପାଦଦେବା ମାତ୍ରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍.ଆଇ.ଏ) ତାକୁ ଗିରଫ କରିବା ସଙ୍ଗେ ସଙ୍ଗେ ୧୮ ଦିନିଆ ରିମାଣ୍ଡରେ ନେଇ ଜୋରସୋର ପଚରାଉଚରା ଆରମ୍ଭ କରିଦେଇଛି । ଭାରତକୁ ପ୍ରତ୍ୟର୍ପଣ ନହୋଇ ରାଣା ଯେପରି ଆମେରିକାରେ ରହିପାରିବ, ସେଥିପାଇଁ ଶେଷ ପର୍ଯ୍ୟନ୍ତ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଥିଲା । ତା'ପକ୍ଷରୁ ଲଢୁଥିବା ଓକିଲ ଏଥିପାଇଁ ୩୩ଥର ଆବେଦନ କରିଥିଲେ ଏବଂ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଭାରତକୁ ନଆଣିବା ଲାଗି ଯୁକ୍ତି ବାଢ଼ିଥିଲେ । ମାତ୍ର ରାଣାର ସବୁପ୍ରକାର ପ୍ରୟାସ ବିଫଳ ହେଲା ଏବଂ ଶେଷରେ ନିଜେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରତ୍ୟର୍ପଣ ଉପରେ ରୋକ୍ ଲଗାଇବାକୁ ମନା କରିଦେବାରୁ ତାକୁ ନିରାଶ ହେବାକୁ ପଡ଼ିଲା । ରାଣାକୁ ଏବେ ନୂଆଦିଲ୍ଲୀର ସିଜିଓ କମ୍ପ୍ଲେକ୍ସରେ ଥିବା ଏନ୍.ଆଇ.ଏ ମୁଖ୍ୟ କାର୍ଯ୍ୟାଳୟରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି । ତଦନ୍ତ ଅଧିକାରୀମାନେ ତାକୁ ଦିନରାତି ଜେରା କରିବା ସହିତ ତା'ର ପ୍ରତ୍ୟେକ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିଛନ୍ତି । ଏନ୍.ଆଇ.ଏ ହେପାଜତ୍‌କୁ ଆସିବା ପୂର୍ବରୁ ତାହାୱର୍ ରାଣା ମୁସଲିମ୍ ଧର୍ମଗ୍ରନ୍ଥ କୋରାନ ସହ କିଛି କାଗଜ ଓ ଗୋଟିଏ କଲମ ଯୋଗାଇବାକୁ ଅନୁରୋଧ କରିଥିଲା ଏବଂ ତାଙ୍କୁ ସେସବୁ ଯୋଗାଇ ଦିଆଯାଇଛି । ତାକୁ କୌଣସି ସ୍ୱତନ୍ତ୍ର ସୁବିଧା ଯୋଗାନଯାଇ ସାଧାରଣ କଏଦୀ ଭଳି ରଖାଯାଇଛି ଏବଂ ସେ ଦିନକୁ ପାଞ୍ଚଥର କୋରାନ୍ ପାଠ କରୁଥିବାର ଦେଖାଯାଉଛି । ସପ୍ତାହର ପ୍ରତି ଦୁଇଦିନ ରାଣା ତା' ପାଇଁ ଲଢୁଥିବା ଓକିଲଙ୍କୁ ଭେଟି ପାରିବ ବୋଲି ଅନୁମତି ଦିଆଯାଇଛି । ୨୦୦୮ ନଭେମ୍ବର ମୁମ୍ବାଇ ଆକ୍ରମଣରେ ଅନେକ ସୁରକ୍ଷା ଅଧିକାରୀଙ୍କ ସମେତ ଶହ ଶହ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ । ପାକିସ୍ତାନର ବନ୍ଦର ନଗରୀ କରାଚୀରୁ ଦଶଜଣ ତାଲିମପ୍ରାପ୍ତ ସଶସ୍ତ୍ର ଆତଙ୍କବାଦୀ ଜଳପଥରେ ଆସି ମୁମ୍ବାଇରେ ପହଞ୍ଚିବା ପରେ ଅତର୍କିତ ଆକ୍ରମଣ ଆରମ୍ଭ କରିଦେଇଥିଲେ । ଦୁଇଦିନ ଧରି ଆତଙ୍କରାଜ ଚଳାଇ ସେମାନେ ବହୁ ଲୋକଙ୍କୁ ହତ୍ୟା କରିବା ସହିତ ଅନେକ କ୍ଷୟକ୍ଷତି ଘଟାଇଥିଲେ । ଅବଶ୍ୟ ଦଶଜଣଙ୍କ ମଧ୍ୟରୁ ୯ଜଣ ସୁରକ୍ଷା କର୍ମୀଙ୍କ ପାଲଟା ଆକ୍ରମଣରେ ପ୍ରାଣ ହରାଇଥିବା ସ୍ଥଳେ କସବ୍ ନାମକ ଜଣେ ଆତଙ୍କୀ ଗିରଫ ହୋଇଥିଲା । କିଛିବର୍ଷ ପରେ ବିଚାର ପ୍ରକ୍ରିୟାରେ ଦୋଷୀ ସାବ୍ୟସ୍ତ ହେବାରୁ କସବ୍‌କୁ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଗଲା । ଏବେ ମୁମ୍ବାଇ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ରାଣା ନ୍ୟାୟିକ ପ୍ରକ୍ରିୟାରେ କେଉଁ ଦଣ୍ଡ ପାଇବାକୁ ଯାଉଛି, ତାହା ଆଉ ଅଳ୍ପଦିନ ମଧ୍ୟରେ ଜଣାପଡିବ । ଭାରତ ପାଇଁ ଅନ୍ୟଏକ ଆଶ୍ୱସ୍ତିକର ଖବର ହେଉଛି ଯେ, ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ (ପି.ଏନ୍.ବି)ରୁ ପ୍ରାୟ ୧୪ ହଜାର କୋଟି ଟଙ୍କା ଠକେଇ ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ମେହୁଲ ଚୋକ୍‌ସିଙ୍କୁ ଶେଷରେ ବେଲଜିୟମରେ ଗିରଫ କରାଯାଇଛି । ଚୋକ୍‌ସି ଜଣେ ହୀରା ଗହଣା ବ୍ୟବସାୟୀ ଓ ଆଇନ୍ ଆଖିରେ ଧୂଳି ଦେଇ ଗିରଫଦାରୀକୁ ଏଡ଼ାଇ ଚାଲିଥିଲେ । ଏବେ ଧରାପଡିବା ପରେ ତାଙ୍କୁ ଭାରତକୁ ପ୍ରତ୍ୟର୍ପଣ ପାଇଁ ଉଦ୍ୟମ କରାଯିବ । ଚୋକ୍‌ସିଙ୍କ ଗିରଫଦାରୀ ନିଶ୍ଚିତ ଭାବେ ଏହି ବିଶାଳ ଠକେଇ ଓ ଜାଲିଆତି ଘଟଣାର ଗୁମର ଖୋଲିବାରେ ବେଶ୍ ସହାୟକ ହେବ ।

ବାୟୁ ପ୍ରଦୂଷଣ ଓ ତା'ର ପ୍ରତିକାର

ଡ. ବିଜୟଲକ୍ଷ୍ମୀ ଭୂୟାଁ
ପ୍ଲଟ ନଂ: ୧୦୮୨/ଡ଼ି, ସେକ୍ଟର-୬
ସିଡିଏ, କଟକ, ମୋ : ୯୮୬୧୩୫୫୬୨୮

ସମଗ୍ର ଜଗତ ପଞ୍ଚ ମହାଭୂତ ଦ୍ୱାରା ନିର୍ମିତ । ଏ ଗୁଡ଼ିକ ହେଲେ ଆକାଶ, ବାୟୁ, ଅଗ୍ନି, ଜଳ ଓ ପୃଥିବୀ । ବାୟୁ ବା ପବନ ପ୍ରକୃତିର ଏକ ମହାନ ଉପହାର । ବାୟୁ ବିନା ଜୀବ ଜଗତ ତିଷ୍ଠି ପାରିବ ନାହିଁ । ବାୟୁରେ ଥିବା ଅମ୍ଳଜାନକୁ ଆମେ ନିଃଶ୍ୱାସରେ ଗ୍ରହଣ କରୁ । ବାୟୁ ଜରିଆରେ ହିଁ ଶବ୍ଦ ଯାତାୟାତ କରିଥାଏ ଓ ଆମେ ତାହା ଶୁଣିପାରୁ । ସୂର୍ଯ୍ୟ ଆମକୁ ଆଲୋକ ପ୍ରଦାନ କରେ । ଏହି ଆଲୋକ ବାୟୁ ମାଧ୍ୟମରେ ଯାତ୍ରା କରି ଆମ ପାଖରେ ପହଞ୍ଚେ ଓ ଆମେ ବିଭିନ୍ନ ବସ୍ତୁ ଦେଖିବାକୁ ସକ୍ଷମ ହେଉ । ଏହା ବ୍ୟତୀତ ବର୍ଷାପାତର ସମ୍ଭାବନା ନ ହୁଏ ଯେତେବେଳେ ମୌସୁମୀ ମେଘକୁ ଦୂର ଦୂରାନ୍ତକୁ ଉଡାଇ ନେବାରେ ବାୟୁ ତା'ର ଭୂମିକା ନିର୍ବାହ କରିଥାଏ । ସୁତରାଂ ବାୟୁ ବିନା ଜୀବନ କଥା କଳ୍ପନା ସୁଦ୍ଧା କରି ହେବନାହିଁ ।

ବାୟୁ ଅମ୍ଳଜାନ, ଯବକ୍ଷାରଜାନ, ଅଙ୍ଗାରକାମ୍ଳ, ଧୂଳିକଣା ଓ ଜଳୀୟ ବାଷ୍ପର ଏକ ମିଶ୍ରଣ । ଏହି ଉପାଦାନଗୁଡ଼ିକ ସମାନୁପାତିକ ଭାବରେ ଥିଲେ ଏହାକୁ ଶୁଦ୍ଧ ବାୟୁ କୁହାଯାଏ । ଅନ୍ୟଥା ଏହା ଦୂଷିତ ବାୟୁ ଭାବରେ ପରିଚିତ ହୁଏ । ଯାହା ଆମକୁ ଚାରିପଟୁ ଘେରି ରହିଛି । ତାହା ହିଁ ପରିବେଶ । ଏହି ପରିବେଶକୁ ଅତ୍ୟଧିକ ପରିମାଣରେ ପରିତ୍ୟକ୍ତ ଓ ଦୂଷିତ ପଦାର୍ଥ ପରିତ୍ୟାଗ କରିବାକୁ ପ୍ରଦୂଷଣ କୁହାଯାଏ । ଶିଳ୍ପାୟନ, ପରିବହନ ବ୍ୟବସ୍ଥା ଓ ଜଙ୍ଗଲ ଧ୍ୱଂସଦ୍ୱାରା ମୁଖ୍ୟତଃ ବାୟୁ ପ୍ରଦୂଷଣ ହୋଇଥାଏ । ଏହାଦ୍ୱାରା ବାୟୁ ମଣ୍ଡଳକୁ କିଛି କ୍ଷତିକର ଓ ବିଷାକ୍ତ ପଦାର୍ଥ ପ୍ରବେଶ କରି ମଣିଷ, ଜୀବଜନ୍ତୁ ତଥା ଉଦ୍ଭିଦ ଜଗତର ପ୍ରଭୂତ କ୍ଷତି ସାଧନ କରେ ଏହାଛଡ଼ା ତାପମାତ୍ରା, ଜଳବାୟୁ ଓ ଧୂଳିକଣା ଇତ୍ୟାଦି ମଧ୍ୟ ବାୟୁମଣ୍ଡଳକୁ ପ୍ରଭାବିତ କରିଥାଏ । ଯାବତୀୟ ମଇଳା ଆବର୍ଜନା, ନାଳନର୍ଦ୍ଦମାରୁ ନିର୍ଗତ ଅପରିଷ୍କାର ଜଳରୁ ନିର୍ଗତ ଗ୍ୟାସ, ପଚାସଢ଼ା ପଦାର୍ଥର ଦୁର୍ଗନ୍ଧ, ବିଭିନ୍ନ ଦହନଜାତ ପଦାର୍ଥ ଦହନ ଦ୍ୱାରା ଉତ୍ପନ୍ନ ହେଉଥିବା ଗ୍ୟାସ ଓ ବାୟୁମଣ୍ଡଳରେ ପ୍ରବେଶ କରୁଥିବା ତେଜସ୍କ୍ରିୟ ରଶ୍ମୀ ବାୟୁମଣ୍ଡଳକୁ ବିଶେଷ ଭାବରେ ପ୍ରଦୂଷିତ କରିଥାଏ । ମୃତ୍ତିକାରେ ବ୍ୟବହୃତ ରାସାୟନିକ ସାର ଓ କୀଟନାଶକ ବିଷ, ପ୍ଲାଷ୍ଟିକ ପଲିଥିନ୍ ଓ ଗ୍ୟାରେଜମାନଙ୍କର ନିଗିଡ଼ା ତେଲ ଇତ୍ୟାଦି ବାୟୁମଣ୍ଡଳକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପ୍ରଦୂଷିତ କରିଥାଏ । ପ୍ରାକୃତିକ ଭାବରେ ଆଗ୍ନେୟଗିରି ଉଦ୍‌ଗୀରଣ, ଜଙ୍ଗଲ ପୋଡ଼ି ଓ ଧୂଳିଝଡ଼ ଇତ୍ୟାଦି ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷିତ ହୋଇପାରେ । ମଣିଷର ସ୍ୱାର୍ଥପର ପ୍ରକୃତି ହିଁ ଏଥିପାଇଁ ଅତିମାତ୍ରାରେ ଦାୟୀ । ଅତିମାତ୍ରାରେ ଜନସଂଖ୍ୟା ବୃଦ୍ଧି, ବୃକ୍ଷ ଛେଦନ, ସହରାଞ୍ଚଳ ବୃଦ୍ଧି ଓ ଅତ୍ୟଧିକ ଗାଡିମଟର ଚାଲିବା ଦ୍ୱାରା ବାୟୁମଣ୍ଡଳ ପ୍ରଭାବିତ ହୋଇଥାଏ । କଳକାରଖାନା ଓ ବିଭିନ୍ନ ଦହନ ପ୍ରକ୍ରିୟାରୁ ନିର୍ଗତ କେତେକ କ୍ଷତିକାରକ ଗ୍ୟାସ ଉପରେ ଆଲୋଚନା କରିବା ।

ସଲଫର ଡାଇଅକ୍ସାଇଡ୍ : ତାପଜ ତଥା ପେଟ୍ରୋଲ ଜାତୀୟ ସାମଗ୍ରୀ ପ୍ରସ୍ତୁତ କେନ୍ଦ୍ରରେ ବ୍ୟବହୃତ ଜାଳେଣି ଓ କୋଇଲାରେ ସଲଫର ଥିବାରୁ ଏହି ଗ୍ୟାସ ନିର୍ଗତ ହୋଇଥାଏ । ଏହା ହୃଦ୍‌ରୋଗ, ଆଖିରୋଗ, ଗଳାଫୁଲିବା ଓ ଚର୍ମରୋଗ ଇତ୍ୟାଦିର କାରଣ ।

ନାଇଟ୍ରୋଜେନ ଅକ୍ସାଇଡ : କୋଇଲା, ଡିଜେଲ, ପେଟ୍ରୋଲ ଇତ୍ୟାଦି ଦହନ ହେଲେ ଏହି ଗ୍ୟାସ ନିର୍ଗତ ହୁଏ । ଶ୍ୱାସରୋଗ, ଚକ୍ଷୁ ଜ୍ୱଳନ ଇତ୍ୟାଦି ରୋଗ ଏହି ଗ୍ୟାସ ଦ୍ୱାରା ହୋଇଥାଏ ।

କାର୍ବନ ମନୋକ୍ସାଇଡ୍ : ଗାଡ଼ି ମଟରରେ ବ୍ୟବହୃତ ପେଟ୍ରୋଲ, ଡିଜେଲର ଆଂଶିକ ଦହନ ହେତୁ ଏହି ଗ୍ୟାସ ନିର୍ଗତ ହୁଏ । ଏହାଛଡ଼ା ସିଗାରେଟ ଧୂଆଁ, ଘରୋଇ ବ୍ୟବହୃତ ଫ୍ରିଜ ଓ କାଠକୋଇଲା ଜାଳେଣିରୁ ମଧ୍ୟ ଏହି ଗ୍ୟାସ ନିର୍ଗତ ହୁଏ । ଏହି ଗ୍ୟାସ ଦ୍ୱାରା ଦୃଷ୍ଟିଶକ୍ତି କମିବା ସହ ପାରାଲିସିସ୍ ଓ ଅତିମାତ୍ରାରେ ହେଲେ ମୃତ୍ୟୁର କାରଣ ମଧ୍ୟ ହୋଇଥାଏ ।

କାର୍ବନ ଡାଇଅକ୍ସାଇଡ୍ : କୋଇଲା, କାଠ, ପେଟ୍ରୋଲ, ଡିଜେଲ ଇତ୍ୟାଦିର ଜ୍ୱଳନ ଦ୍ୱାରା ଯେଉଁ ଧୂଆଁ ବାୟୁମଣ୍ଡଳରେ ପ୍ରବେଶ କରେ ତାହା ଅନେକ ପରିମାଣରେ ଏହି ଗ୍ୟାସ ଦହନ କରିଥାଏ ।

ଅତ୍ୟଧିକ ଜନସଂଖ୍ୟା ବୃଦ୍ଧି, ଗାଡ଼ି ମଟର ସଂଖ୍ୟା ବୃଦ୍ଧି ଓ ଜଙ୍ଗଲ କ୍ଷୟ ଏହାର ମୁଖ୍ୟ କାରଣ । ଏହିସବୁ ବିଷାକ୍ତ ଅକ୍ସାଇଡ୍‌ମାନେ ବାୟୁମଣ୍ଡଳରେ ଅମ୍ଳ ବର୍ଷା କରନ୍ତି, ବାୟୁ ମଣ୍ଡଳରେ ଥିବା ଜଳକଣା ସହିତ ମିଶ୍ରିତ ହୋଇ ଏମାନେ ଅମ୍ଳ ସୃଷ୍ଟି କରନ୍ତି । ଯଥା ଏହି ଅମ୍ଳ ବର୍ଷା ଜଳରେ ଅମ୍ଳ ଅଂଶ ବଢ଼ାଏ ଯାହା ଜୀବଜଗତ ତଥା ଉଦ୍ଭିଦ ଜଗତରେ କ୍ଷତି ସାଧନ କରେ, ଧାତବ ଦ୍ରବ୍ୟର କ୍ଷୟ କରେ ଓ ପାହାଡ଼ ପର୍ବତ, ଘରଦ୍ୱାର ଇତ୍ୟାଦି ନଷ୍ଟକରେ । ଆଗ୍ରା ନିକଟରେ ଅବସ୍ଥିତ ଅନେକ କଳକାରଖାନାରୁ ନିର୍ଗତ ଅକ୍ସାଇଡ ମାନଙ୍କ ଦ୍ୱାରା ଅମ୍ଳବର୍ଷା ହୋଇ ମାର୍ବଲ ନିର୍ମିତ ବିଶ୍ୱପ୍ରସିଦ୍ଧ ତାଜମହଲର ଅନେକ କ୍ଷତି ସାଧନ ହୋଇଛି । ସୂର୍ଯ୍ୟ କିରଣରୁ ଇନ୍‌ଫ୍ରାରେଡ ରଶ୍ମୀ ଗ୍ରହଣ କରି କାର୍ବନ ଡାଇଅକ୍ସାଇଡ୍ ବାୟୁ ମଣ୍ଡଳ ଉତ୍ତପ୍ତ ହେବାରେ ମୁଖ୍ୟ ଭୂମିକା ଗ୍ରହଣ କରେ । ଏହାକୁ ଗ୍ରୀନ୍ ହାଉସ ପ୍ରଭାବ କୁହାଯାଏ । ବାୟୁ ମଣ୍ଡଳର ଉପରିଭାଗରେ ଥିବା ବହଳିଆ ଓଜନ ଆସ୍ତରଣ ସୂର୍ଯ୍ୟ ଠାରୁ ଆସୁଥିବା କ୍ଷତିକାରକ ତେଜସ୍କ୍ରିୟ ରଶ୍ମୀକୁ ପ୍ରବେଶ କରିବାକୁ ଦିଏନାହିଁ । ବର୍ତ୍ତମାନ ରାସାୟନିକ ଦ୍ରବ୍ୟ ପ୍ରସ୍ତୁତ କରାଖାନା, ଥଣ୍ଡାତାପ ନିୟନ୍ତ୍ରିତ ଯନ୍ତ୍ରରୁ ନିର୍ଗତ କ୍ଲୋରୋଫ୍ଲୋର କାର୍ବନ ଗ୍ୟାସ ଓଜୋନ ସହିତ ରାସାୟନିକ ପ୍ରକ୍ରିୟା ଦ୍ୱାରା ଏହାକୁ କ୍ରମଶଃ ନଷ୍ଟ କରେ । ଭୂପୃଷ୍ଠରୁ ବାରମ୍ବାର ଅନ୍ତରୀକ୍ଷ ଯାନ ପ୍ରେରଣ ଦ୍ୱାରା ମଧ୍ୟ ଓଜନସ୍ତର ଫାଟ ସୃଷ୍ଟି କରେ ।

ଏହିସବୁ ବାଷ୍ପ ପ୍ରଦୂଷଣ ବ୍ୟତୀତ ବାୟୁମଣ୍ଡଳରେ ପ୍ରବେଶ କରୁଥିବା ବିଭିନ୍ନ ଧୂଳିକଣା ଦ୍ୱାରା ବାୟୁ ପ୍ରଦୂଷଣ ହୋଇଥାଏ । ଖଣିଖାଦାନ ଖୋଳା ହେବା ସମୟରେ, ଯାନବାହାନ ଯାତାୟତ ଦ୍ୱାରା, କଳକାରଖାନାରୁ ନିର୍ଗତ ବାଷ୍ପରୁ, ଘରଦ୍ୱାର ରାସ୍ତାଘାଟ ଓଳାଇବା ସମୟରେ, ଧୂଳିଝଡ଼ ଦ୍ୱାରା ଏହା ବହୁ ପରିମାଣରେ ବାୟୁମଣ୍ଡଳରେ ପ୍ରବେଶ କରେ । ଧୂଳିକଣା ବିଭିନ୍ନ ପ୍ରକାର ଆଲର୍ଜି, ଶ୍ୱାସଜନିତ ରୋଗ, ଘରଦ୍ୱାର ଓ ଧାତବ ପଦାର୍ଥର କ୍ଷୟକ୍ଷତି କରେ । ଧୂଳିକଣା ବ୍ୟତୀତ କଳକାରଖାନା ଓ ଅନ୍ୟାନ୍ୟ ଦହନ ଦ୍ୱାରା ନିର୍ଗତ ଧୂଆଁ ବାୟୁମଣ୍ଡଳକୁ ଦୂଷିତ କରିଥାଏ । ଏହା ବହୁ ପରିମାଣରେ ଅଙ୍ଗାର କଣିକା, ପାଉଁଶ ଓ ତେଲ କଣିକା ବହନ କରିଥାଏ । ଆବଶ୍ୟକୀୟ ପରିମାଣରେ ଅମ୍ଳଜାନ ନପାଇ ଇନ୍ଧନର ଅସମାପ୍ତ ଦହନ ହେବା ଦ୍ୱାରା ଏହି ଧୂଆଁ ସୃଷ୍ଟି ହୁଏ । ଏଥିରେ ଘରର ଲୁଗାପଟା ଓ ଆସବାପତ୍ର ନଷ୍ଟ ହେବା ସହ ଚକ୍ଷୁ, ଚର୍ମ ଇତ୍ୟାଦି ଅନେକ ରୋଗ ସୃଷ୍ଟି କରିଥାଏ । ଜଙ୍ଗଲ କ୍ଷୟ ବାୟୁମଣ୍ଡଳ ପ୍ରଦୂଷଣର ଅନ୍ୟଏକ କାରଣ । ଆମେ ବାୟୁମଣ୍ଡଳରୁ ଅମ୍ଳଜାନ ଗ୍ରହଣ କରି ଅଙ୍ଗାରକାମ୍ଳ ଛାଡ଼ି ଦେଇଥାଉ । ଉଦ୍ଭିଦମାନେ ବାୟୁରୁ ଅଙ୍ଗାରକାମ୍ଳ ଗ୍ରହଣ କରି ପତ୍ର ମାଧ୍ୟମରେ ଖାଦ୍ୟ ପ୍ରସ୍ତୁତ କରନ୍ତି ଓ ଅମ୍ଳଜାନ ଛାଡ଼ନ୍ତି । ଏହା ଭଗବାନଙ୍କର ଏକ ଅଦ୍ଭୁତ ସ୍ୱାଭାବିକ ଉପହାର । ଗଛ କାଟିବା ଦ୍ୱାରା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ମାତ୍ରା ବୃଦ୍ଧି ପାଇ ପରିବେଶର ତାପମାତ୍ରା ବଢ଼ାଇ ଦେଉଛି ।

ମଣିଷ ଚାହିଁଲେ ବାୟୁମଣ୍ଡଳ ପ୍ରଦୂଷଣମୁକ୍ତ ହୋଇପାରିବ । ଗାଡ଼ି ମଟର, ଅଟୋରିକ୍ସା, ମଟରସାଇକେଲ ଇତ୍ୟାଦିରେ ଉନ୍ନତମାନର ଇଞ୍ଜିନ ବ୍ୟବହାର ହେବା ଉଚିତ । ଯଦ୍ୱାରା ଏଥିରେ ବ୍ୟବହୃତ ଇନ୍ଧନ ଓ ତହିଁରୁ ନିର୍ଗତ କାର୍ବନ, ହାଇଡ୍ରୋକାର୍ବନର ସମ୍ପୂର୍ଣ୍ଣ ଦହନ ହୋଇପାରିବ । କଳକାରଖାନାରେ ଅତି ଉଚ୍ଚ ଧୂଆଁ ନିର୍ଗତ ନଳୀ (ଚିମିନି) ବ୍ୟବହାର କଲେ ବାୟୁମଣ୍ଡଳରେ ଉପରିଭାଗକୁ ଧୂଆଁ ଚାଲିଯାଏ ଓ ପୃଥିବୀର ନିମ୍ନଭାଗରେ ଏହାର କମ ପ୍ରଭାବ ପଡ଼େ । ଜାଳେଣି ବ୍ୟବହାର ସମୟରେ ଅଧିକ ଉତ୍ତାପ ପ୍ରଦାନ ଓ ପ୍ରଚୁର ଅମ୍ଳଜାନ ଯୋଗାଇବା ଦ୍ୱାରା ଧୂଆଁ ଓ କ୍ଷତିକାରକ ଗ୍ୟାସ ର ସମ୍ପୂର୍ଣ୍ଣ ଦହନ ହୋଇଥାଏ । ଫଳରେ ବାୟୁମଣ୍ଡଳ ପ୍ରଦୂଷଣ ମୁକ୍ତ ହୁଏ । ଆଜିର ଶକ୍ତି ସଂକଟକୁ ବାୟୁଚାଳିତ କଳ ତଥା ମୋଟର ଶକ୍ତିର ଉତ୍ସ ହେବା ସହ ବାୟୁମଣ୍ଡଳକୁ ପ୍ରଦୂଷଣ ମୁକ୍ତ କରେ । ଏବେ ଜାତିସଂଘ ବାୟୁ ପ୍ରଦୂଷଣ ତଥା ଉତ୍ତାପ ବୃଦ୍ଧି ଉପରେ ନଜର ରଖିବା ପାଇଁ ସମସ୍ତ ଦେଶକୁ ସତର୍କ କରିଛି । ଜାତୀୟ ସବୁଜ ଅଦାଲତ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ରହିଛି । ଏହାର ବିନା ଅନୁମତିରେ କୌଣସି ଶିଳ୍ପ ପ୍ରତିଷ୍ଠା କରାଯାଇ ପାରିବ ନାହିଁ । ସରକାରୀ, ବେସରକାରୀ ତଥା ସାମାଜିକ ସଂସ୍ଥାମାନେ ବହୁ ପରିମାଣରେ ଗଛ ଲଗାଇବା ଓ ଜଙ୍ଗଲ ସୃଷ୍ଟି କରିବା ଆବଶ୍ୟକ ।

ଏସବୁ ସତ୍ତ୍ୱେ ମଣିଷ ସମାଜର ସଚେତନତା ନିତାନ୍ତ ଆବଶ୍ୟକ । ଆମେ ଯଦି ସଂଘବଦ୍ଧ ଭାବରେ ଏହାର ମୁକାବିଲା ପାଇଁ ହାତ ନ ମିଳାଇବା ପୃଥିବୀର ଏ ସୁନ୍ଦର ପରିବେଶ ଅଚିରେ ଧ୍ୱଂସ ପାଇଯିବ । ଆସନ୍ତୁ ଆମେ ଆମକୁ ଘେରି ରହିଥିବା ବାୟୁମଣ୍ଡଳକୁ ପ୍ରଦୂଷଣରୁ ରକ୍ଷା କରିବା ଏବଂ ଏକ ସୁସ୍ଥ ନିରାମୟ ଜୀବନଯାପନ କରିବା ।

ବିଚାର ଆପଣମାନଙ୍କର

ଭାସ୍କର ବାରିକ୍
ବାସୁଦେବପୁର, ଭଦ୍ରକ
ମୋ: ୯୪୩୭୩୨୦୩୫୦

'ପତା ଧର୍ମ ପିତା ସ୍ୱର୍ଗ ପିତା ହିଁ ପରମତପଃ,
ପିତରୀ ପ୍ରୀତିମାପର୍ଣ୍ଣେ ପ୍ରୀୟନ୍ତେ ସର୍ବ ଦେବତାଃ'

ଏହି ଶ୍ଳୋକ ବାବଦରେ ପ୍ରାୟ ସମସ୍ତେ ଅବଗତ ଯେଉଁମାନେ ଶିକ୍ଷିତ । ପାଠ ପଢି ନଥିବା ଲୋକଟିଏ ବି ଅନ୍ତତଃ ଏତିକି ଜାଣିଛି ବାପାମାଆଙ୍କ ଠାରୁ ଦୁନିଆରେ ଆଉ ବଡ଼ ଦେବତା ନାହାଁନ୍ତି । ଅନ୍ତ ଫାଡ଼ି ଜନ୍ମକଲା ମାଆ ଓ ଜନ୍ମଭୂମି ସ୍ୱର୍ଗ ଠାରୁ ଅଧିକ ମହାନ । ବାପାମାଆଙ୍କୁ ଭକ୍ତି କରୁଥିବା, ତାଙ୍କର ସେବା କରୁଥିବା ସନ୍ତାନ ଜୀବନରେ କେବେ କେଉଁଠି ବି ହାରେନି । ବାପାମାଆଙ୍କର ଆଶିଷର ହାତ ସନ୍ତାନ ଉପରେ ଥିଲେ, ଜୀବନର ସମସ୍ତ ଝଡଝଞ୍ଝାକୁ ସେ ଅକ୍ଳେଶରେ ସାମନା କରିପାରେ । ଆମ ଧର୍ମ, ଆମ ସଂସ୍କୃତି ଓ ସଂସ୍କାର ଆମକୁ ଏକଥା ଶିଖେଇଛି । କିନ୍ତୁ ଏବେର ସ୍ୱାର୍ଥପର ସୁବିଧାବାଦୀ ଦୁନିଆଁରେ ବାପାମାଆଙ୍କ ସାହାରାରେ ବଡ଼ହେଇ ନିଜ ଗୋଡରେ ଠିଆହେଲା ପରେ କିଛି ସନ୍ତାନ ନିଜର ବାଟରେ । ପରିଣତ ବୟସରେ ବାପାମାଆ ଗାଁରେ ଆଉ ଶିକ୍ଷିତ ସନ୍ତାନ ନିଜର ସ୍ତ୍ରୀ ଓ ପିଲାଙ୍କ ସହିତ ସହରରେ । ନିଜର ଅତୀତ ଇତିହାସ ଭୁଲି ସ୍ତ୍ରୀ କଥାରେ ଥେଇ ଥେଇ ନାଚ । ପିଲାମାନଙ୍କୁ ପଢାନ୍ତି ଦାମିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ । ପିଲାମାନେ ନିଜ ବାପାମାଆଙ୍କୁ ଡାକନ୍ତି ଡାଡି ମମି । ଡାଡି ମମି ଡାକଶୁଣି ଛାତି ଚଉଡ଼ା ହେଇ ଯାଉଛି । ଆଉ ଯେଉଁ ବାପାମାଆ ଜୀବନର ସର୍ବସ୍ୱ ହରେଇ ନିଜ ସନ୍ତାନର ସୁଖ ମନାସୁଥିଲେ, ହଜାରେ ମନ୍ଦିର ଯାଇ ସନ୍ତାନର ସଫଳତା ଉନ୍ନତି ପାଇଁ ଠାକୁରଙ୍କ ପାଖରେ ମାନସିକ ରଖୁଥିଲେ, ବୁଢା ବୟସରେ ପାଇଲେ କ'ଣ ସେମାନେ ? ଧିକ୍, ଶତଧିକ୍ ଏଭଳି କୃତଘ୍ନ ସନ୍ତାନ ମାନଙ୍କୁ । ଧିକ୍ ତମର ଶିକ୍ଷା, ପଦବୀ ରୋଜଗାରକୁ । ଦୁନିଆ

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର

ଭାପୁର, (ଭାସ୍କର ନ୍ୟୁଜ୍): ଭାପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଦିନ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୩୧ ଗୋଟି ସମସ୍ୟାର ଅଭିଯୋଗ ଆସିଥିଲା । ଜିଲ୍ଲାପାଳ ଅଭିଯୋଗ ଶୁଣାଣୀ ଶିବିର ସକାଳ ୧୦ଟା ପୂର୍ବରୁ ଶେଷ ହୋଇଯାଇଥିବା ବେଳେ ୧୦ଟା ପରେ ଜନସାଧାରଣ ଅଭିଯୋଗ ପତ୍ର ଧରି ଅଫିସ୍ ଦୌଡୁଥିବା ଦେଖାଯାଇଥିଲା । ବ୍ୟକ୍ତିଗତ ସମସ୍ୟା ୨୬ ଗୋଟି,ଗ୍ରାମ୍ୟ ସମସ୍ୟା ୩, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡ ୨ଗୋଟି ଓ ତତ୍କାଳ ସମାଧାନ ୧୦ ଗୋଟି ହୋଇଥିଲା । ଏହି କାର୍ଯ୍ୟକ୍ରମରେ, ସିଡିଓ କମ୍ ଇଓ-ଜିଲ୍ଲାପରିଷଦ ଲଗ୍ନଜିତ୍ ରାଉତ, ଆରକ୍ଷୀ ଉପଖଣ୍ଡ ଅଧିକାରୀ ମଦନ ମୋହନ ପ୍ରଧାନଙ୍କ ସମେତ ଜିଲ୍ଲା ସ୍ତରୀୟ ସମସ୍ତ ବିଭାଗୀୟ ପଦାଧିକାରୀ ଯୋଗ ଦେଇଥିବାବେଳେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସାଦ ପଣ୍ଡା, ତହସିଲଦାର ଅର୍ଜୁନ ପ୍ରଧାନ ଫତେଗଡ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା, ଭାପୁର ଆଉଟ୍ ପୋଷ୍ଟ ଅଧିକାରୀ ସୁଶାନ୍ତ କୁମାର ବେହେରାଙ୍କ ସମେତ ବ୍ଲକର ସମସ୍ତ କାର୍ଯ୍ୟାଳୟରୁ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇ ଜନସାଧାରଣଙ୍କ ସମସ୍ୟା ର ସମାଧାନ କରିଥିଲେ ।

ଥଇଥାନ ଦାବିରେ ନିଆଳି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

ନିଆଳି, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ନିଆଳି ବଜାର ଓ ଆଖପାଖ ଅଞ୍ଚଳ ସମେତ ନୂଆଗାଁ ଛକଠାରୁ ଜିଲ୍ଲାରପୁର ପର୍ଯ୍ୟନ୍ତ ଆର୍ ଆଣ୍ଡ ବି ବିଭାଗର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜାଗାରେ ଜବରଦଖଲ କରି ଗଢିଉଠିଛି ବ୍ୟବସାୟୀ ପ୍ରତିଷ୍ଠାନ ଏବଂ ପାଲେସ । ଫଳରେ ଗମନାଗମନ ଦୃଷ୍ଟିକୋଣରୁ ବିଭିନ୍ନ ସମୟରେ ଗାଡି ଦୁର୍ଘଟଣା ବଢ଼ିବା ସହିତ ମୁଖ୍ୟରାସ୍ତା ଜାମ ରହୁଛି । କଟକ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ହେବାପରେ ଗତ ତିନିତାରିଖ ଦିନ ନିଆଳି ପ୍ରଶାସନ ପକ୍ଷରୁ ନିଆଳି ବାହାରଣା ରାସ୍ତା ଉଚ୍ଛେଦ ହୋଇଥିଲା । ଉଚ୍ଛେଦ ହେବା ଫଳରେ ଏକାଧିକ ବ୍ୟବସାୟୀ ନିଜର ରୋଜଗାର ପନ୍ଥା ହରାଇଛନ୍ତି । ପରବର୍ତ୍ତୀ ସମୟରେ ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ ହେବାକଥା କିନ୍ତୁ ହୋଇ ନଥିବା କାରଣରୁ ଉଚ୍ଛେଦ ହୋଇଥିବା ବ୍ୟବସାୟୀମାନଙ୍କ ପକ୍ଷରୁ ଆଜି ନିଆଳି ତହସିଲଦାରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବ୍ୟବସାୟୀ ମାନଙ୍କ ପକ୍ଷରୁ କୁହାଯାଇଛି ସରକାରୀ ଜମିରୁ ଉଚ୍ଛେଦ କରାଯାଉ ଭିତ୍ତିଭୂମି ବିକାଶ କାର୍ଯ୍ୟ ଦୃଷ୍ଟିରେ ଏହାକୁ ଆମେମାନେ ସ୍ୱାଗତ କରୁଛୁ, କିନ୍ତୁ ଆମ୍ଭମାନଙ୍କ ପେଟପାଟଣା କଥା ରାଜ୍ୟ ସରକାର ଏବଂ କଟକ ଜିଲ୍ଲା ପ୍ରଶାସନ ଓ ନିଆଳି ବିଧାୟକ ଦୃଷ୍ଟି ଦେବାପାଇଁ କହିଛନ୍ତି । ଏ ସମ୍ପର୍କରେ ବେଦଖଲ ହୋଇଥିବା ବ୍ୟବସାୟୀମାନେ ଏକ ଦାବିପତ୍ର କଟକ ଜିଲ୍ଲା ପ୍ରଶାସନଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବା ସହିତ ଭେଣ୍ଡିଜୋନ ମାଧ୍ୟମରେ ଥଇଥାନ କରିବା ପାଇଁ ନିଆଳି ବ୍ୟବସାୟୀମାନଙ୍କ ପକ୍ଷରୁ ଦାବି ହୋଇଛି ।

ବିଷ୍ଣୁବ ସଂସଦ ପକ୍ଷରୁ ବିଷ୍ଣୁବମିଳନ ଅନୁଷ୍ଠିତ

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ସମ୍ମୁଖ ବିଷ୍ଣୁବ ସଂସଦ ପରିଷରରେ ସୋମବାର ପବିତ୍ର ମହାବିଷୁ ସଂକ୍ରାନ୍ତି ଉପଲକ୍ଷେ ରଘୁନାଥପୁର ବିଷ୍ଣୁବ ସଂସଦ ପକ୍ଷରୁ ବିଷ୍ଣୁବ ମିଳନ ଓ ସାହିତ୍ୟ ଆସର ପ୍ରଫେସର ରମାରଂଜନ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି କବି ବିଷ୍ଣୁ ସାହୁ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଆଜି ବିପନ୍ନ ଏହାକୁ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ଓଡ଼ିଆ ତତ୍ପର ହେବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ କବି ପ୍ରେମଚାନ୍ଦ ମହାନ୍ତି ଯୋଗଦେଇ ଓଡ଼ିଶା ଭାଷା ଓ ସଂସ୍କୃତି ସର୍ବଶ୍ରେଷ୍ଠ । ପ୍ରତ୍ୟେକ ସ୍ଥାନରେ ସାହିତ୍ୟ ଭରିରହିଛି । ଏହାକୁ ପ୍ରତିପାଦନ କରିପାରିଲେ ସାହିତ୍ୟ ସୃଷ୍ଟି ହୋଇପାରିବ ବୋଲି ମତ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଶୁକଦେବ ପରିଡା, ସ୍ତମ୍ଭକାର ପ୍ରଦିପ୍ତ ଆଚାର୍ଯ୍ୟ, ଯୋଗଦେଇ ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ମହାତମ୍ୟ ଉପରେ

ଆଲୋକପାତ କରିଥିଲେ । ଶେଷରେ ମୋହିତ ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ବ୍ରଜେନ୍ଦ୍ର ମହାନ୍ତି, ରମାକାନ୍ତ ପ୍ରଧାନ, ବାବାଜୀ ଚରଣ ସାହୁ, ଗୁରୁନାରାୟଣ ମହାନ୍ତି, ଦିବାକର ଖଟୁଆ, ହେମନ୍ତ କୁମାର ସାହୁ, ପ୍ରଭାତ ରାଉତ, କଲ୍ୟାଣ ମୁଖାର୍ଜୀ, ସରିତ ମହାପାତ୍ର, ସୁକାନ୍ତ ସାହୁ, ଗୌତମ ପାଲିତ, ପ୍ରତାପ ପଟ୍ଟନାୟକ ପ୍ରମୁଖଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅନୁଷ୍ଠାନ ପ୍ରଥମେ ବିରିଡି ବ୍ଲକ ଅରାଣା ପଞ୍ଚାୟତର ମାଳିଅଞ୍ଚଳ ଗ୍ରାମରେ ୧୯୮୯ ମସିହାରେ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ପ୍ରଦିପ୍ତ ଚୈଧୁରୀ, ଅଜୟ ଖଟୁଆ ଓ ଅଞ୍ଚଳର ଅନେକ ବୁଦ୍ଧିଜୀବୀଙ୍କ ପ୍ରଚେଷ୍ଟାରେ ଏହା ଗଠନ ହୋଇଥିଲା । ପରେ ଏହା ରଘୁନାଥପୁର ବ୍ଲକ ଜଗନ୍ନାଥପୁର ଠାରେ ୧୯୯୦ ମସିହାରେ ପ୍ରତିଷ୍ଠା କରାଯାଇ ପ୍ରତିବର୍ଷ କାର୍ଯ୍ୟକ୍ରମ କରାଯାଉଛି । ଏଥିରେ କମିଟିର କଲ୍ୟାଣ ମୁଖାର୍ଜୀ କଣ୍ଠଶିଳ୍ପୀ ଭାବେ ସଙ୍ଗୀତ ଗାନ କରିଥିଲେ ।

ପାରାଦୀପ ବନ୍ଦର ଅଧ୍ୟକ୍ଷଙ୍କୁ କୃତଜ୍ଞତା

ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ବନ୍ଦର ଡିଏଲଆର କର୍ମଚାରୀଙ୍କ ବୋନସ ବୃଦ୍ଧି ନିମନ୍ତେ ପାରାଦୀପ ପୋର୍ଟ ଡିଏଲଆରଆଣ୍ଡ୍ କଣ୍ଟ୍ରାକ୍ଟ ଆସୋସିଏସନର ଦାବିକୁ ଶେଷରେ ଗ୍ରହଣ କରିଛନ୍ତି ପାରାଦୀପ ବନ୍ଦର ପ୍ରଶାସନ । ପୂର୍ବରୁ ଏହି ବୋନସ ରାଶି ୭ ହଜାର ଟଙ୍କା ବୃଦ୍ଧି ପାଇ ୧୩,୫୦୦ ଟଙ୍କାରେ ପହଞ୍ଚିଛି । ଅର୍ଥାତ ଏଥିରେ ଅତ୍ୟଧିକ ୬,୫୦୦ଟଙ୍କା ବୃଦ୍ଧି ଘଟିଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ପାରାଦୀପ ପୋର୍ଟ ଡିଏଲଆର ଆଣ୍ଡ କଣ୍ଟ୍ରାକ୍ଟ ଆସୋସିଏସନର ସଭାପତି ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱରେ ଆସୋସିଏସନର ସାଧାରଣ ସମ୍ପାଦକ

ଅଭିମନ୍ୟୁ ବେହେରା, ଉପସଭାପତି ସୁବ୍ରତ ପ୍ରଧାନ ଏବଂ ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂହଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ବନ୍ଦର ଅଧ୍ୟକ୍ଷ ପିଏଲ ହରନାଦଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ବୋନସ ବୃଦ୍ଧି ପାଇଁ ତାଙ୍କୁ ଫୁଲତୋଡ଼ା ଦେଇ କୃତଜ୍ଞତା ଜ୍ଞାପନ କରିଥିଲେ । ତେବେ ଡିଏଲଆରମାନଙ୍କ ଅନ୍ୟାନ୍ୟ ମୌଳିକ ସୁବିଧା ହାସଲ ପାଇଁ ସଂଘ ପକ୍ଷରୁ ନିରବଚ୍ଛିନ୍ନ ପ୍ରୟାସ ଜାରି ରହିବ ବୋଲି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ସୂଚନା ଦେଇଛନ୍ତି । ସୂଚନାଥାଉକି ପ୍ରକାଶଙ୍କ ନେତୃତ୍ୱରେ ପରିଚାଳିତ ସଂଘମାନଙ୍କର ସଠିକ ନେତୃତ୍ୱ ଏବଂ ସଂଗ୍ରାମ ଯୋଗୁଁ ସ୍ଥାନୀୟ ଶ୍ରମିକମାନଙ୍କର ଗୋଟିଏ ପରେ ଗୋଟିଏ ଦାବି ପୂରଣ ହୋଇ ଚାଲିଥିବା ବେଳେ ତାଙ୍କ ଉପରେ ଭାରସା କରି ବହୁ ଶ୍ରମିକ ଓ କର୍ମଚାରୀ ପ୍ରକାଶ ତ୍ରିପାଠୀଙ୍କ ଦ୍ୱାରା ପରିଚାଳିତ ଶ୍ରମିକ ସଂଘରେ ସାମିଲ ହେଉଥିବା ଦେଖିବାକୁ ମିଳୁଛି । ତେବେ ସଠିକ ନେତୃତ୍ୱ ନିର୍ଣ୍ଣୟ ଏବଂ ନିଜ ଭିତରେ ଏକତା ରଖିପାରିଲେ ଶ୍ରମିକଙ୍କ ସମସ୍ୟା ନିଶ୍ଚିତ ଭାବେ ସମାଧାନ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ।

ବିଷ୍ଣୁବ ସାଂସ୍କୃତିକ ସାମ୍ମୁଖ୍ୟ ପକ୍ଷରୁ ବିଷ୍ଣୁବ ଉତ୍ସବ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବିଷ୍ଣୁବ ସାଂସ୍କୃତିକ ସାମ୍ମୁଖ୍ୟ ପକ୍ଷରୁ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଟାଉନ ହଲ ପରିସରରେ ବିଷ୍ଣୁବ ଉତ୍ସବ, କବିତା ପାଠ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗାଳ୍ପିକ ଡ. ଲକ୍ଷ୍ମୀଧର ତ୍ରିପାଠୀଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ପ୍ରବଚକ ପଣ୍ଡିତ ଦେବେନ୍ଦ୍ର ପଣ୍ଡା ଯୋଗଦେଇ ସୂର୍ଯ୍ୟଙ୍କ ପରି ଆଲୋକିତ ହେବାକୁ ହେଲେ ମଣିଷ ନିଜ ଭିତରର ଅନ୍ଧକାରକୁ ଦୂର କରି ଆଲୋକିତ କରିବା ବିଷ୍ଣୁବ ସଂକ୍ରାନ୍ତିର ମହତ୍ୱ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କଥାକାର ପବିତ୍ର ପାଣିଗ୍ରାହୀ ଯୋଗ ଦେଇ ବିଷ୍ଣୁବ ସଂକ୍ରାନ୍ତି ଓଡ଼ିଆ ପରମ୍ପରାର ଗୁରୁତ୍ୱ ବହନ କରେ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ରୋଟାରିଆନ୍ ଅଭିଜିତ୍ ନାୟକ, ଶିକ୍ଷାବିତ୍ ସୋମନାଥ ପାଢ଼ୀ, ସାହିତ୍ୟିକ ବିଭୂତି ଭୂଷଣ ସେନାପତି, ଗୀତିକାର ପଞ୍ଚାନନ ନାୟକ ପ୍ରମୁଖ ଯୋଗ ଦେଇ ବିଷ୍ଣୁବ ସଂକ୍ରାନ୍ତିର ମହତ୍ୱ

ଉପରେ ଆଲୋକପାତ କରିଥିଲେ । ବିଷ୍ଣୁବ ସାମ୍ମୁଖ୍ୟର ସମ୍ପାଦକ ରଘୁନାଥ ପାତ୍ର ବିଷ୍ଣୁବ ସାମ୍ମୁଖ୍ୟର ଉତ୍ପତ୍ତି ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଏହି ଅବସରରେ କବିଶ୍ରୀ ଗୋଲକ ପ୍ରସାଦ ବୈୟାରୀ, କବି ମଥୁରା ମୋହନ ବେହେରା, ଆଲୋଚକ ନାରାୟଣ ଚନ୍ଦ୍ର ମାନଧାତା, ମନ୍ଦିର ଶିଳ୍ପୀ ରବିନ୍ଦ୍ର ବଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗାଳ୍ପିକ ମୁକ୍ତିକାନ୍ତ ନାୟକଙ୍କ ଗଳ୍ପ ପୁସ୍ତକ 'ଭିଜା ଭିଜା ଜହ୍ନରାତି'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଯୁବ କବି ବିପ୍ଳବ ରଂଜନ ପତି ଓ କବି ଅମୂଲ୍ୟ କୁମାର ସେନାପତିଙ୍କ ସଂଯୋଜନାରେ ବହୁ କବି କବିତା ପାଠ କରିଥିଲେ । ସଦସ୍ୟ ସୀତାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ତିହିଡ଼ି ସଂଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ ରଂଜନ ନାୟକଙ୍କ ତତ୍ତ୍ୱାବଧାନରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଉପସ୍ଥିତ ସାହିତ୍ୟ ଓ କବିମାନଙ୍କୁ ପଣା ବଣ୍ଟନ କରାଯାଇଥିଲା । ଏହି ଉତ୍ସବରେ ସାହିତ୍ୟିକ ଭଗବାନ ଚନ୍ଦ୍ର ନାୟକ, ନାରାୟଣ ଚନ୍ଦ୍ର ବାରିକ, ସନ୍ନ୍ୟାସୀ ବ୍ରହ୍ମ, ନିର୍ମଳ ଦଲେଇ, ପି. ହୃଷିକେଶ, ବିଶ୍ୱମୈତ୍ରୀ ନାୟକ, ଚନ୍ଦ୍ରକାନ୍ତ ମହାନ୍ତି, ସୁଧାରଂଜନ ମହାନ୍ତି, ଜୟନ୍ତ ମହାନ୍ତି, ପୁଷ୍ପାଞ୍ଜଳି ତ୍ରିପାଠୀ ପ୍ରମୁଖଙ୍କ ସମେତ ବହୁ କବି ଓ ସାହିତ୍ୟିକ ଉପସ୍ଥିତ ଥିଲେ । ବିଷ୍ଣୁବ ସାମ୍ମୁଖ୍ୟ ପକ୍ଷରୁ ସରପଞ୍ଚ ଶୁଭ୍ରନାରାୟଣ ସେଠୀ, କୈଳାସ ବେହେରା, ନୀଳମାଧବ ସେନାପତି, ବିଷ୍ଣୁୟବିହାରୀ ସାହୁ, ମନୋଜ ପାଣିଗ୍ରାହୀ, ନିରଂଜନ ବାରିକ, ବିଶ୍ୱଜିତ୍ ବେହେରା, ଯଯାତିକେଶରୀ ଦାସ, ଉମାକାନ୍ତ ଦାସ, କେଶବ ବେହେରା, ଅଜୟ ନାୟକ, ପ୍ରଶାନ୍ତ ବଳ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

ନୂତନ ଥାନା ଅଧିକାରୀଙ୍କ ନିଯୁକ୍ତି

ସୋରଡ଼ା, (ଭାସ୍କର ନ୍ୟୁଜ୍): ସୋରଡା ଥାନାର ନୂତନ ଥାନା ଅଧିକାରୀ ଭାବେ ସୁନୀଲ କୁମାର ପ୍ରଧାନ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ଥିବା କାର୍ଯ୍ୟରତ ଥାନା ଅଧିକାରୀ ସୁଧୀର କୁମାର ସାହୁଙ୍କୁ ଛତ୍ରପୁର ଗଞ୍ଜାମ ଜିଲ୍ଲା ଏସ.ପି. ଅଫିସକୁ ବଦଳୀ କରାଯାଇଛି ଏବଂ ଏସ.ପି. ଅଫିସରେ ଥିବା ସୁନୀଲଙ୍କ ସୋରଡା ଥାନାକୁ ବଦଳୀ କରାଯାଇଛି । ପ୍ରଧାନ ଏଥି ପୂର୍ବାରୁ ବହୁ ଜିଲ୍ଲାମାନଙ୍କରେ ଏସ.ଆଇ. ଭାବେ କମ କରୁଥିଲେ । ସାକ୍ଷାତକରରେ ପ୍ରଧାନ କହିଛନ୍ତି ସେ ଅଞ୍ଚଳର ଆଇନ ଶୃଙ୍ଖଳା, ଚୋରା ମଦ ଏବଂ ସଡକ ସୁରକ୍ଷା ନିରାପତ୍ତା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ । ତାଙ୍କୁ ସ୍ଥାନୀୟ ଜନସାଧାରଣ ମାଁ'କନ୍ଧୁଣିଦେବୀ ଘରୋଇ ବସ ମାଲିକ ସଂଘ, ବ୍ୟବସାୟୀକ ସଂଘ, ପ୍ରେସ କ୍ଲବ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଏନଜିଓ, ଶଶିଭୂଷଣ ଯୁବକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି । ସରକାରୀ ବିଦେଶୀ ମଦ ଦୋକାନ ଅବସ୍ଥିତ ଥିଲେ ମଧ୍ୟ ଅଞ୍ଚଳରେ ଏବଂ ସହରର ପ୍ରାୟ ହୋଟେଲ, ଜନଗହଳି ସ୍ଥାନରେ ନକଲି ମଦର ବନ୍ୟା ଅବାଟରେ ଚାଲିଥିବାରୁ ତା'ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୋରଡା ପ୍ରେସ କ୍ଲବର ଆଡଭାଇଜର ଆରାପଲୀ ସାରଥି ଦାବି କରିଛନ୍ତି ।

ଶିଶୁ ପୁତ୍ରକୁ ନେଇ ବାପା ଫେରାର



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ନିଜର ୧୧ମାସର ଶିଶୁପୁତ୍ରକୁ ନେଇ ଗତ ୧୨ତାରିଖ ଦିନ ବାପା ଫେରାର ହୋଇଯାଇଥିବା ନେଇ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ନିଖୋଜ ଶିଶୁ ପୁତ୍ରର ମା । ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି ଚୌଦ୍ୱାର ପୌରପାଳିକା ୨ନଂ ୱାର୍ଡ ଅନ୍ତର୍ଗତ ମୁସଲିମ ସାହିରେ । ଶିଶୁର ମା ମୁସଲିମ ସାହିର ଖୁଦ୍ରତୁନ ନିସା ଥାନାରେ କରିଥିବା ଅଭିଯୋଗ ମତେ ସେ ପଶ୍ଚିମବଙ୍ଗ ରାଜ୍ୟର ପୂର୍ବ ମେଦିନିପୁର ପ୍ରତାପଦିଘୀ ବାଘମାରୀର ମାର୍ଜା ରଫିଉଲ ବେଗଙ୍କରତ ୨୦୧୭ମସିହାରେ ମୁସଲିମ ରୀତିନୀତି ଅନୁଯାୟୀ ନିକାହ କରିଥିଲେ । ସେମାନଙ୍କ ଔରସରୁ ଗତ ମେ ମାସରେ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା । ପରିବାରରେ ସବୁ ଠିକ ଠାକ ଚାଲିଥିବା ବେଳେ ଗତ ୧୨ତାରିଖ ରାତିରେ ପୁଅକୁ ବୁଲାଇ ନେଇ ଆସୁଛି କହି ସ୍ୱାମୀ ରଫିଉଲ ଶିଶୁକୁ ନେଇ ବାହାରି ଯାଇଥିଲା । ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ନ ଫେରିବାରୁ ଖୁଦ୍ରତୁନ ଓ ପରିବାର ଲୋକେ ଏଠିସେଠି ଏବଂ ବନ୍ଧୁ ବାନ୍ଧବଙ୍କ ଘରେ ଖୋଜାଖୋଜି କରି ନିରାଶ ହୋଇଥିଲେ । ପରେ ଖୁଦ୍ରତୁନ ଥାନାକୁ ଯାଇ ପୁଅକୁ ନେଇ ସ୍ୱାମୀ କେଉଁଆଡ଼େ ପଳାଇ ଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ତେବେ ପୋଲିସର କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେଉଥିବା ଅଭିଯୋଗ କରି ଗଣମାଧ୍ୟମର ସହାୟତା ଲୋଡିଛନ୍ତି ଖୁଦ୍ରତୁନ୍ ନିଶା । ଏଠାରେ ସୂଚନାଯୋଗ୍ୟ ଖୁଦ୍ରତୁନର ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ଏବଂ ପରିବାରର ସମସ୍ତେ ଦୃଷ୍ଟି ବାଧକ ଓ ବିକଳାଙ୍ଗ ହୋଇଥିବାରୁ ପୋଲିସ ତୁରନ୍ତ ପଦକ୍ଷେପ ନେଇ ପୁଅକୁ ଖୋଜି ଆଣିବାକୁ ଖୁଦ୍ରତୁନ ନିବେଦନ କରିଛନ୍ତି ।

ନାରୀ ନିର୍ଯାତନା ବିରୋଧରେ କଂଗ୍ରେସର ମଶାଲ ଶୋଭାଯାତ୍ରା

ଯୋଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାରେ ନଗର କଂଗ୍ରେସ ତରଫରୁ ମଙ୍ଗଳବାର ସନ୍ଧ୍ୟା ୬ ଘଟିକରେ ଶାନ୍ତିପୂର୍ଣ୍ଣ ଭାବେ ଏକ ମଶାଲ ଶୋଭା ବାହାରିଥିଲା । ବଢୁଥିବା ନାରୀ ନିର୍ଯ୍ୟାତନା ଏବଂ ଆଦିବାସୀ ମହିଳାଙ୍କ ଉପରେ ଅତ୍ୟାଚାର ବିରୋଧରେ ରାଜ୍ୟ ସାରା କଂଗ୍ରେସ ବିରୋଧ ପ୍ରଦର୍ଶନ କରିଆସୁଥିବା ବେଳେ ନଗର କଂଗ୍ରେସ ତରଫରୁ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରାଯାଇଥିଲା । ଏହି ଶୋଭାଯାତ୍ରାଟି ଯୋଡ଼ା ଏଫଏମପି ଛକ ଠାରୁ ବାହାରି ବସ ଷ୍ଟାଣ୍ଡ, ଧରାଣୀଧର ଛକ, ଟାଟା ମେଡିକାଲ ଗେଟ ଦେଇ ହିନ୍ଦୀ ସ୍କୁଲ ପର୍ଯ୍ୟନ୍ତ ଯାଇଥିଲା । ତେବେ ଏହି ଶୋଭାଯାତ୍ରାରେ ଶହଶହ ସଂଖ୍ୟାରେ ମହିଳାମାନେ ଯୋଗଦେଇ ନାରୀ ନିର୍ଯାତନା ବନ୍ଦକର, ନାରୀ ଅତ୍ୟାଚାର ବନ୍ଦକର ଆଦି ନାରା ଦେଇଥିଲେ । କଂଗ୍ରେସ ନଗର ସଭାପତି ସୁବ୍ରତ ନାୟକ ଏବଂ ଜିଲ୍ଲା ସମ୍ପାଦକ ରୂପରଞ୍ଜନ ପଣ୍ଡା, ମହିଳାମୋର୍ଚ୍ଚା ସଭାପତି ଆରତୀ ଘଣା ଯୋଗଦେଇ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ । ତେବେ ସଭାପତି ସୁବ୍ରତ ନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ କେନ୍ଦୁଝର ଜିଲ୍ଲା ଏକ ଆଦିବାସୀ ଓ ଖଣି ବହୁଳ ଅଞ୍ଚଳ ଥିବାରୁ ନାରୀ ନିର୍ଯାତନା ଏହି ଅଞ୍ଚଳରେ ବୃଦ୍ଧି ପାଇବାରେ ଲାଗିଛି ଯାହା ପ୍ରତିବାଦରେ କଂଗ୍ରେସ ତରଫରୁ ଶାନ୍ତିପୂର୍ଣ୍ଣ ଭାବରେ ୨ଘଣ୍ଟିଆ ମଶାଲ ଶୋଭାଯାତ୍ରା କରାଯାଇଛି ।

ମାଛଧରା ଉପରେ ଲାଗିଲା କଟକଣା

ଏପ୍ରିଲ ୧୫ରୁ

ନୂଆପଡା, (ଭାସ୍କର ନ୍ୟୁଜ୍) : ନୂଆପଡା ଜିଲ୍ଲାରେ ଭାରତ ରତ୍ନ ଡକ୍ଟର ବି. ଆର୍. ଆମ୍ବେଦକରଙ୍କ ଜୟନ୍ତୀ ଜିଲ୍ଲା ପ୍ରଶାସନ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି । ସ୍ଥାନୀୟ ସଭାବନା ସଭାଗୃହରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ନୂଆପଡା, ମଧୁସୂଦନ ଦାଶ ଏବଂ ବରେଣ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀ, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବିଇଓ ହେମସାଗର ମହାନନ୍ଦ ମୁଖ୍ୟ ବକ୍ତାରୂପେ ଯୋଗ ଦେଇଥିଲେ । ପ୍ରଦୀପ ପ୍ରଜ୍ୱଳନ କରି ଏବଂ ଆମ୍ବେଦକରଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ସମସ୍ତ ଅତିଥି ଆମ୍ବେଦକରଙ୍କ ସ୍ମୃତି ଚାରଣ କରି ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଆମ୍ବେଦକରଙ୍କ ଜିବନାଦର୍ଶରେ ଉଦବୁଦ୍ଧ ହୋଇ ସେହି ମହାପୁରୁଷଙ୍କ ପ୍ରେରଣାରେ ଆଗକୁ ବଢିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଜୟନ୍ତୀ ପାଳନ ଉପଲକ୍ଷେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ବରିଷ୍ଠ ରାଜସ୍ୱ ସହାୟକ ବିଭୁ ଦତ୍ତ ମିଶ୍ର ସଭା ସଂଯୋଜନା କରିଥିଲେ । ଏହି ସମାରୋହରେ ବିଭିନ୍ନ ପ୍ରଶାସନିକ ଅଧିକାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭାଗୀୟ ଅଧିକାରୀ, ଲୋକ ପ୍ରତିନିଧି, ସହରର ଗଣ୍ୟ ମାନ୍ୟ ବ୍ୟକ୍ତି ବିଶେଷ,ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଗଣ ମାଧ୍ୟମର ପ୍ରତିନିଧି ଓ ଆମ୍ବେଦକର ପ୍ରେମୀ ସୁଧି ବୃନ୍ଦ ଉପସ୍ଥିତ ଥିଲେ ।

ବିଷୁବ ସାହିତ୍ୟ ଆସର ସହିତ ଓଡିଆ ନବବର୍ଷ ପାଳିତ

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ସରୋଜିନୀ କଲ୍ୟାଣ ମଣ୍ଡପ ଠାରେ ସୀମାନ୍ତ ସାହିତ୍ୟ ପରିବାର ନବରଙ୍ଗପୁରର ଅଧ୍ୟକ୍ଷ ଅଶୋକ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଷୁବ ସାହିତ୍ୟ ଆସର ଏବଂ ଓଡିଆ ନବବର୍ଷ ପାଳନ ଉତ୍ସବ ୨୦୨୫ ସହିତ ସଂଯୁକ୍ତା ତ୍ରିପାଠୀ ସ୍ମୃତି ପ୍ରତିଷ୍ଠାନ ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ମାନ୍ୟବର ବିଧାୟକ ଗୌରୀ ଶଙ୍କର ମାଝୀ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସମାଜସେବୀ ସମସ୍ତଙ୍କ ମାର୍ଗଦର୍ଶକ ନାରାୟଣ ପାତ୍ର, ବରିଷ୍ଠ ଅଧିବକ୍ତା ଝାଡେଶ୍ୱର ଖାଡ଼ଙ୍ଗା, ଉପ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ ସଦାଶିବ ତ୍ରିପାଠୀଙ୍କ ଦାୟାଦ ତଥା ଦିବଂଗତ କବୟତ୍ରୀ, ଆକାଶବାଣୀର ସ୍ୱୀକୃତି ପ୍ରାପ୍ତ କଳାକାର ସଂଯୁକ୍ତା ତ୍ରିପାଠୀଙ୍କ ବଡ ଭାଇ କେଦାରନାଥ ତ୍ରିପାଠୀଙ୍କ ସହ ମୁଖ୍ୟବକ୍ତା ଭାବେ ସମାଜସେବୀ, ବିଶିଷ୍ଟ କଳାକାର ସଂସ୍କୃତି ସମ୍ପନ୍ନ ବ୍ୟକ୍ତି ସର୍ବେଶ୍ୱର ତ୍ରିପାଠୀ ମଞ୍ଚାସୀନ ଥିଲେ । ପ୍ରଥମେ ଜଗତର ନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଠାରେ ଦୀପ ପ୍ରଜ୍ଜଳନ କରିବା ସହ ବିଦ୍ୟାର୍ଥୀ ବିଜ୍ଞାନ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏହି ଅବସରରେ ସୀମାନ୍ତ ସାହିତ୍ୟ ପରିବାର ପକ୍ଷରୁ 'ସୃଜନ ସୀମାନ୍ତ' ବିଷୁବ ବିଶେଷାଙ୍କ ୨୦୨୫ ଉନ୍ମୋଚିତ ହେବା ସହିତ ଦିବଂଗତା ସଂଯୁକ୍ତା ତ୍ରିପାଠୀଙ୍କ ସ୍ୱରଚିତ 'ଭକ୍ତି ରସାମୃତ ସିନ୍ଧୁ' ପୁସ୍ତକ ମଞ୍ଚାସୀନ ଅତିଥି ବୃନ୍ଦଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଲୋକାର୍ପିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବିଶିଷ୍ଟ ସମାଜସେବୀ ନାରାୟଣ ପାତ୍ରଙ୍କୁ ସାହିତ୍ୟ ସମାଜସେବା ରାଜନୀତି କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଏବଂ ପାରମ୍ପାରିକ ଗଣ ନାଟ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ନିର୍ଦ୍ଦେଶକ ନରସିଂହ ତ୍ରିପାଠୀଙ୍କୁ 'ସୀମାନ୍ତ ସମ୍ମାନ ୨୦୨୫' ପ୍ରଦାନ କରାଯାଇଥିଲା । ଏବଂ ସଂଯୁକ୍ତା ତ୍ରିପାଠୀ ସ୍ମୃତି ସମ୍ମାନ ପ୍ରତିଷ୍ଠାନ ପକ୍ଷରୁ ଆଦର୍ଶ ଶିକ୍ଷକ, ବିଶିଷ୍ଟ ସଙ୍ଗୀତଜ୍ଞ ମଦନ ମୋହନ ମିଶ୍ରଙ୍କୁ ଓ ଶିକ୍ଷକ ଓ ବିଶିଷ୍ଟ ସାହିତ୍ୟିକ ଡଃ ପ୍ରଦୀପ କୁମାର ମିଶ୍ରଙ୍କୁ ଚଳିତ ବର୍ଷର ସଂଯୁକ୍ତା ତ୍ରିପାଠୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭେଙ୍କେଟ ରେଡି, ସୁରେଶ କୁମାର ମିଶ୍ର, ଦିଲ୍ଲୀପ କୁମାର ପାଣିଗ୍ରାହୀ, ମୁନ୍ନା ତ୍ରିପାଠୀ, ଡଃ ରଘୁନାଥ ଶତପଥୀ, ପ୍ରଭାକର ପାତ୍ର, ରାମକୃଷ୍ଣ ପାତ୍ର, ରାମପ୍ରସାଦ ପାତ୍ର, ରତିକାନ୍ତ ରଘୁରାମ, ସ୍ମୃତି ପଣ୍ଡା, ଜାହ୍ନବୀ ପଣ୍ଡା, ପ୍ରଭାସିନୀ ମହାନ୍ତି, ମନୋରମା ମାଝୀ, ବାସନ୍ତୀ ଲତା ଜେନା, ନମିତା ଘଡେଇ, ଓଡିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ ସଦାଶିବ ତ୍ରିପାଠୀଙ୍କ ଅଣନାତି ଆଦିତ୍ୟ ବିକ୍ରମ ତ୍ରିପାଠୀ, ରଣେନ୍ଦ୍ର ପ୍ରତାପ ତ୍ରିପାଠୀ, ପିଣ୍ଟୁ ତ୍ରିପାଠୀ, ଗୌରୀ ତ୍ରିପାଠୀଙ୍କ ସହ ସୀମାନ୍ତ ପରିବାରର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡଃ ସଂଯୁକ୍ତା ପଣ୍ଡା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଦିବଙ୍ଗତ ସଂଯୁକ୍ତା ତ୍ରିପାଠୀଙ୍କ ସ୍ୱରଚିତ ଗୀତ ଗୁଡ଼ିକ ନେଇ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ଏକ ସଙ୍ଗୀତ ଆସର ଅନୁଷ୍ଠିତ ହୋଇଥିଲା ।

ଉତ୍କଳ ଗୋପାଳ ସମାଜ ପକ୍ଷରୁ ପଣା ବଣ୍ଟନ କାର୍ଯ୍ୟକ୍ରମ

ରାୟଗଡ଼ା, (ଭାସ୍କର ନ୍ୟୁଜ୍) : ଉତ୍କଳ ଗୋପାଳ ସମାଜ ତରଫରୁ ରାୟଗଡ଼ ଜିଲ୍ଲା କାଶୀପୁର ବ୍ଲକରେ ବିଷୁବ ପଣାସଂକ୍ରାନ୍ତି ଓଡ଼ିଆ ନୂଆବର୍ଷ ଓ ହନୁମାନ ଜୟନ୍ତୀ ପାଳନ କରାଯାଇଛି । ଏହି ଉପଲକ୍ଷେ ପାରମ୍ପରିକ ନୀତି ନିୟମ ଓ ଓଡ଼ିଆ ସଂସ୍କୃତିକୁ ବଞ୍ଚେଇ ରଖିବା ପାଇଁ ରାୟଗଡ଼ ଜିଲ୍ଲା କାଶୀପୁର ବ୍ଲକରେ ଏକ ଅଭିନବ ପ୍ରୟାସ ଉତ୍କଳ ଗୋପାଳ ସମାଜ ରାଜ୍ୟ ଯୁବ ସଭାପତି କୃଷ୍ଣଚନ୍ଦ୍ର ଗଉଡ଼ ଏବଂ ଜିଲ୍ଲା ସଭାପତି ଶରତ ଚନ୍ଦ୍ର ଗଉଡ଼ଙ୍କ ତତ୍ତ୍ୱାବଧାନରେ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଇଛନ୍ତି । ଏହି ମହତ୍ୱପୂର୍ଣ୍ଣ ସେବାକାର୍ଯ୍ୟରେ ସହଯୋଗ କରିଥିବା କାଶୀପୁର ବ୍ଲକ ସଭାପତି ଝିଲଧର ଗଉଡ଼, ଜଗନ୍ନାଥ ଗଉଡ଼, ଜଗମୋହନ ଗଉଡ଼, ଲାବଣ୍ୟ ଗଉଡ଼, ତ୍ରିପତି ଗଉଡ଼, ମନୋଜ ଗଉଡ଼, ପୂର୍ଣ୍ଣଚନ୍ଦ୍ର ଗଉଡ଼,ବିଦ୍ୟାଧର ଗଉଡ଼, ଡମ୍ବରୁ ଗଉଡ଼, ଚିତ୍ରସେନ ଗଉଡ଼, ଶୁଶାନ୍ତ ଗଉଡ଼, ଧନେଶ୍ୱର ଗଉଡ଼, ଜଗବନ୍ଧୁ ଗଉଡ଼, ବୁଲୁ ଗଉଡ. ଶିବ ଗଉଡ଼, ଦୈତାରୀ ଗଉଡ଼, ରତି ଗଉଡ଼, କୋମଳଲୋଚନ ଗଉଡ଼ ମହିଳା ସଂଗଠନ ତରଫରୁ ମୋନାଲିସା ଗଉଡ଼, ଲକ୍ଷ୍ମୀ ଗଉଡ଼, ମିନାକ୍ଷୀ, ହେମଲତା, ଅଳକା, ମିଲି, ଶିବାନୀ, ବୋଇତା ଗଉଡ଼ ଓ (କୁନି ଗୋପାଳ ସେବକ ବିହାନ ଗଉଡ଼ ଆଦର୍ଶ ଗଉଡ଼, ପ୍ରଜ୍ଞା ଗଉଡ଼) ମହୋଦୟ ଓ ମହୋଦୟା ମନେ ଯୋଗଦେଇ ସେବାକାର୍ଯ୍ୟକୁ ଆଗେଇ ନେଇଥିଲେ । ସେବାକାଯ୍ୟ ପାଇଁ ଉତ୍କଳ ଗୋପାଳ ସମାଜ ଓଡିଶା ତରଫରୁ ସମସ୍ତ ଗୋପାଳ ଭାଇ ଭଉଣୀଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ଗୋପାଳ ଏକତା ଅମର ମୂଳମନ୍ତ୍ର ଓ ଲକ୍ଷ୍ୟ ବୋଲି କହିଛନ୍ତି ।

'ଜୟ ଭୀମ ଜୟ ସମ୍ବିଧାନ' ଧ୍ୱନୀରେ ପ୍ରକମ୍ପିତ ହେଲା ସହର

ଉମରକୋଟ, (ଭାସ୍କର ନ୍ୟୁଜ୍) : ଉମରକୋଟ ସହରରେ ଡ଼ ଭୀମ ରାଓ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷିରେ ଉମରକୋଟ ସହରର ଡିଏନକେ, ଗୋପବନ୍ଧୁ ଛକ ଠାରୁ ଏକ ରାଲି ବାହାରି ଥିଲା । ଏସ୍‌ସି/ଏସ୍‌ଟି ବର୍ଗର ଆମ୍ବେଦକର ବାଦି ମହିଳା ଓ ପୁରୁଷ ଏହି ରାଲି ସହ ସହର ପରିକ୍ରମା କରିଥିଲେ ଓ ନୂତନ ବସ୍‌ଷ୍ଟାଣ୍ଡରେ ଥିବା ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି 'ଜୟ ଭୀମ ଜୟ ସମ୍ବିଧାନ'ର ନାରାବାଜି ଦେଇଥିଲେ । ଏବଂ ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା ସ୍ୱାଧୀନ ସଂଗ୍ରାମୀ ରବି ସିଂ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଚୁନିଲାଲ ମିର୍ଦ୍ଧା, ଗଙ୍ଗାଧର କଚିମ୍, କୈଳାସ ନାୟକ ଓ କାମଳ ଗାଇନ୍‌ଙ୍କ ସହ ପ୍ରାୟ ୧୫୦ ରୁ ଅଧିକ ଆମ୍ବେଦକର ବାଦି ଯୋଗ ଦେଇଥିଲେ ।

ରାସ୍ତା ସଂଯୋଗୀକରଣ ପାଇଁ ଦାବି ଆଣିଲେ ଜନସାଧାରଣ

ରାଇଘର/ଡାବୁଗାଁ, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଡଙ୍ଗରିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ସଦର ହାଟପଦା ତଳ ସାହିରେ ବିଭାଜନ କରୁଥିବା ଦୁଇଟି ରାସ୍ତାକୁ ସଂଯୋଗ ନ ଥିବାରୁ ସାହିବାସି ନାହିଁ ନ ଥିବା ହଇରାଣ ହେଉଥିବା ଦେଖିବାକୁ ମିଳିଛି । ପ୍ରକାଶ ଥାଉ କି ଏହି ରାସ୍ତା ଦେଇ ପୂର୍ବରୁ ଯାନବାହାନ ଓ ବାଇକ୍ ଚଳାଚଳ କରୁଥିଲା । ଗତ କିଛି ଦିନ ହେଲା ଉକ୍ତ ସଂଯୋଗ ରାସ୍ତାକୁ କେହି ହଟାଇ ଦେଇଥିବାରୁ ଯାନବାହାନ ଚଳାଚଳରେ ଅସୁବିଧା ହେଉଛି । ବିଶେଷ କରି ମାତ୍ର ଅଳ୍ପ ଦୂରରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ଛୋଟ ଛୋଟ ଶିଶୁ ମାନେ ଉକ୍ତ ରାସ୍ତା ଦେଇ ଯିବା ଆସିବା ସମୟରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାତ୍ର ସମୟରେ ସାହିବାସି ଯାତାୟାତ ସମୟରେ ଡ୍ରେନ ଭିତରେ ଖସି ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି । ଗୁରୁବାର ସାପ୍ତାହିକ ହାଟରେ ମଧ୍ୟ ଉକ୍ତ ରାସ୍ତା ଦେଇ ଗୋରୁ ଯାତାୟାତ କରୁଥିବା ବେଳେ ରାସ୍ତାରୁ ଯୋଗାଯୋଗ ହଟିବା ପରେ ଗୋରୁ ଯାତାୟାତରେ ଅସୁବିଧା ହେଉଛି । ବିଶେଷ କରି ପ୍ରଶାସନ ଓ ସ୍ଥାନୀୟ ଲୋକ ପ୍ରତିନିଧି ହାଟ ପଦା ତଳ ସାହିର ରାସ୍ତା ସଂଯୋଗି କରଣ କରିବାକୁ ସାଧାରଣରେ ଦାବି ହେଉଛି ।

ଆଇଇଡି ଠାବ କରି ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ସୀମାନ୍ତ ଛତିଶଗଡ଼ ରାଜ୍ୟ ବିଜାପୁର ପୋଲିସ ଏବଂ ଜେଟାଲୁର କ୍ୟାମ୍ପର ବାଟାଲିୟନ-୧୩ ସଶସ୍ତ୍ର ବାହିନୀ ଯବାନଙ୍କ ମିଳିତ ଟିମ ଗୋରନା ମାନକେଲି ଅଭିମୁଖେ ଏରିଆ ଡୋମିନେସନ ଏବଂ ଡିମାଇନିଂ ପାଇଁ ବାହାରିଥିଲେ । ସୋମବାର ଦିନ ମାଓ ବିରୋଧୀ ଅଭିଯାନରେ ଯାଇଥିବା ଯବାନଙ୍କୁ କ୍ଷତି ପହଞ୍ଚାଇବା ଉଦେଶ୍ୟରେ ମାନକେଲି ଗାଁ ନିକଟସ୍ଥ କଚା ରାସ୍ତାରେ ନକ୍ସଲମାନେ ଖଞ୍ଜିଥିବା ୫ ଆଇଇଡିକୁ ଯବାନ ଠାବ କରିବା ସହ ଘଟଣା ସ୍ଥଳରେ ସୁରକ୍ଷିତ ଭାବରେ ନିଷ୍କ୍ରିୟ କରିଛନ୍ତି । ପୋଲିସ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ନକ୍ସଲମାନେ ଗୋରନା ମାନକେଲି କଚା ରାସ୍ତାରେ ଦୁଇରୁ ପାଞ୍ଚ ମିଟର ଦୂରତା ମଧ୍ୟରେ ୨ କିଲୋଗ୍ରାମ ଓଜନର ୩ଟି ବିୟର ବୋତଲ ବୋମା ଏବଂ ତିନିରୁ ପାଞ୍ଚ ମିଟର ଦୂରତା ମଧ୍ୟରେ ୨ଟି ଟିଫିନ ବୋମା ସିରିଜରେ ଖଞ୍ଜିଥିଲେ । ଯାହା ଏକ କମାଣ୍ଡ ସ୍ୱିଚ୍ ସହିତ ସଂଯୋଗ ହୋଇଥିଲା । ବିଜାପୁର ଜିଲ୍ଲା ବିଡିଏସ ଦଳ ଘଟଣା ସ୍ଥଳରେ ବିସ୍ଫୋରଣ କରି ଆଇଇଡିକୁ ସୁରକ୍ଷିତ ଭାବରେ ନଷ୍ଟ କରିଦେଇଥିଲେ । ସୁରକ୍ଷା ବାହିନୀର ସତର୍କତା ଏବଂ ଉପସ୍ଥିତି ବୁଦ୍ଧି ଯୋଗୁଁ ଆଇଇଡି ଗୁଡିକୁ ଠାବ ପରେ ନିଷ୍କ୍ରିୟ କରି ନକ୍ସଲପନ୍ଥିଙ୍କ ଘୃଣ୍ୟ ଯୋଜନାକୁ ବିଫଳ କରିବାରେ ସଫଳ ହୋଇଛନ୍ତି ।

ଅଢେଇ ମାସ ପାଇଁ ହେଲେ ବିଡ଼ିଓ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ବିଡ଼ିଓ ଗୁରେଶ୍ୱର ଭୋଇ ପ୍ରଶାସନିକ ସ୍ତରର ଏକ ଟ୍ରେନିଂ ପାଇଁ ଅଢେଇ ମାସ ଛୁଟିରେ ଥିବାରୁ ଦଶମନ୍ତ୍ରପୁର ବିଡ଼ିଓ ମିଳନ କୁମାର ଝାଙ୍କର ଅଢେଇ ମାସ ପାଇଁ ଲକ୍ଷ୍ମୀପୁର ବିଡ଼ିଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏନେଇ ତାଙ୍କୁ ଜିପିଓ ସୁଧୀର ବେହେରା, ଏଇଏମ. ପବନ କୁମାର, ଏପିଓ ଜୁନେସ ଶବର, ବିଆରସୀ ଦାମଦାର କନ୍ଧପାଣି, ଆଶିଷ ମଲିକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ । ପରେ ଶ୍ରୀଯୁକ୍ତ ଝାଙ୍କର ସମସ୍ତ ବିଭାଗ ଭ୍ରମଣ କରିଥିଲେ ।

ଦିଲ୍ଲୀପ ଜେନା ହେଲେ କେବିଇଏମ କିଡ୍ସ ସ୍କୁଲର ନିର୍ଦ୍ଦେଶକ

କାକଟପୁର, (ଭାସ୍କର ନ୍ୟୁଜ୍) : କାକଟପୁର ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ କେବିଇଏମ କିଡ୍ସ ପବ୍ଲିକ ସ୍କୁଲର ନୂତନ ନିର୍ଦ୍ଦେଶକ ଭାବେ କାକଟପୁରର ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଜେନା ସୋମବାର ଦିନ ଆନୁଷ୍ଠାନିକ ଭାବେ ଯୋଗଦେଇଛନ୍ତି । ସ୍କୁଲ ପରିସରରେ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଅନୁଷ୍ଠାନର ଚେୟାରମ୍ୟାନ ଦିବ୍ୟରଞ୍ଜନ ସାହୁ ବ୍ଲକ ପ୍ରାକ୍ତନ ଶିକ୍ଷାଧିକାରୀ ଦିଲ୍ଲୀପ ଜେନା ଓ ସହ - ଶିକ୍ଷାଧିକାରିଣୀ ପଙ୍କଜିନୀ ଦେଇଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବିଶ୍ୱାଳ, ସହ -ନିର୍ଦ୍ଦେଶକ ଆଲୋକ ରଞ୍ଜନ ପାଣି, ମଙ୍ଗଳା ମହାବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାପକ ଭ୍ରମରବର ପଢ଼ିଆରୀଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଦୁଇ ଅତିଥିଙ୍କର କାର୍ଯ୍ୟକାଳ ସମୟରେ ଦକ୍ଷତା ଓ ଶିକ୍ଷାବିଭାଗ ପ୍ରତି ଗୁରୁତ୍ୱ ଉପରେ ସ୍ମୃତି ଚାରଣ କରିଥିଲେ । ପରେ ଅନୁଷ୍ଠାନର ଚେୟାରମ୍ୟାନ ଦିବ୍ୟରଞ୍ଜନ ସାହୁ ନୂତନ ନିର୍ଦ୍ଦେଶକ ଭାବେ ଶ୍ରୀ ଜେନାଙ୍କୁ ସ୍ୱାଗତ କରିଥିବାବେଳେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ନିଜର ଅବସର ଜୀବନକୁ ଉତ୍ସର୍ଗୀକୃତ କରିବା ସହିତ କେବିଇଏମ ସ୍କୁଲ ପ୍ରତି ତାଙ୍କର ଦୀର୍ଘ ଦିନର ଅଭିଜ୍ଞତା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ପ୍ରେରଣା ସାଜିବ ବୋଲି ନୂତନ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ଜେନା ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସର୍ବଶେଷରେ ସମସ୍ତ ଅତିଥି, ଅଭିଭାବକ ଏବଂ ଛାତ୍ରଛାତ୍ରୀ ମାନଙ୍କୁ ପଣା ବଣ୍ଟନ କରାଯିବା ସହିତ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

ମା'ଦକ୍ଷିଣକାଳୀ ପୀଠରେ ମେରୁ ପର୍ବ ପାଳିତ

ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମୁଣ୍ଡେଇଲୋ ପଞ୍ଚାୟତ ନାଉପାଳ ଗ୍ରାମରେ ବହୁ ବର୍ଷ ଧରି ପାଳିତ ହେଉଥିବା ମେରୁ ପର୍ବ ଚଳିତବର୍ଷ ମହାସମାରୋହରେ ପାଳିତ ହୋଇଯାଇଛି । ଗ୍ରାମରେ ଅବସ୍ଥିତ ମା' ଦକ୍ଷିଣକାଳୀଙ୍କ ପୀଠରେ ଦଣ୍ଡ ଭକ୍ତ ମାନେ ପୂଜାର୍ଚ୍ଚନା କରି ତେର ଦିନ ପର୍ଯ୍ୟନ୍ତ ଗାଁରୁ ଗାଁ ବୁଲି ବୁଲି ଦିନ ଦ୍ୱିପ୍ରହରରେ ଧୂଳିଦଣ୍ଡ, ପାଣିଦଣ୍ଡ ଓ ରାତିରେ ଦଣ୍ଡ ନାଚ ପରିବେଷଣ କରିଥିଲେ । ତେର ଦିନ ଧରି ବିଭିନ୍ନ ଗାଁ ମାନଙ୍କରେ ଦଣ୍ଡ ସାରି ମେରୁ ଦିନ ଗାଁର ମା' ଦକ୍ଷିଣକାଳୀଙ୍କ ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ । ବହୁ ବର୍ଷ ଧରି ଭକ୍ତମାନଙ୍କ ବିଶ୍ୱାସ ଭାଜନ ହୋଇଥିବା ଶ୍ରଦ୍ଧାଳୁ ଭକ୍ତମାନେ ଭୋକ ଉପାସରେ ନିଷ୍ଠାର

ନିଆଳି (ଭାସ୍କର ନ୍ୟୁଜ୍): ପି ଏମ ଶ୍ରୀ ନିଆଳି ହାଇସ୍କୁଲରେ ୭୮ ତମ ବାର୍ଷିକ କ୍ରୀଡା ଉତ୍ସବ ୨୦୨୫ ବିଦ୍ୟାଳୟ ପରିସରରେ ୧୫ ତାରିଖ ମଙ୍ଗଳବାର ଦିନ ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍ଘାଟନୀ ଉତ୍ସବରେ ସଭାପତିତ୍ୱ କରିଥିଲେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ନିଆଳି ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରିଣୀ ଜ୍ୟୋତ୍ସ୍ନା ରାଣୀ ମହାପାତ୍ର, ମୁଖ୍ୟ ଅତିଥିଭାବେ ନିଆଳି ପଂଚାୟତ ସମିତି ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଲିଲନ ପ୍ରସାଦ ସାହୁ, ସମ୍ମାନୀତ ଅତିଥିଭାବେ ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା କଟକ ଜିଲ୍ଲା କ୍ଲାଉଡ଼ କମିଶନର ଅଶୋକ କୁମାର ମହାପାତ୍ର, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରିଣୀ ସୁଶ୍ରୀ ସୌଦାମିନୀ ଦାଶ, ନିଆଳି ଥାନା ବରପ୍ରାପ୍ତ ଅଧିକାରୀ ବିଜୟ କୁମାର ମଲିକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ଦୀକ୍ଷିତ, ପ୍ରାକ୍ତନ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରତିମା ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସେକ ହୁମାୟୁନ, ଅଧ୍ୟକ୍ଷ ପାଞ୍ଚଶଖା ଶିକ୍ଷା ସେତୁ ବିଦ୍ୟାଳୟ ପରିଚାଳନା କମିଟି ସେକ ହସନ, ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ନିଜ ନିଜ ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ଉକ୍ତ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସ୍ୱାଧୀନ କୁମାର ବସ୍ତିଆ କ୍ରୀଡା ବିବରଣୀ ପାଠ କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଆଲୋକ ରଂଜନ ଦେଓ । ଛାତ୍ରଛାତ୍ରମାନେ ଉକ୍ତ ବିଦ୍ୟାଳୟରେ ପାଠପଢ଼ି ଜିଲ୍ଲା ତଥା ଜିଲ୍ଲା ବାହାରେ ପାଇଥିବା ସଫଳତାକୁ ନେଇ ମଧ୍ୟ ଆଗାମୀ ଦିନରେ ପୁରସ୍କୃତ କରାଯିବ ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି ।

ଝାମୁଯାତ୍ରାରେ ଅଘଟଣ: ଜଣେ ମୃତ, ଜଣେ ଗୁରୁତର

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ସ୍ଥିତ ଶିବ ମନ୍ଦିରରେ ଝାମୁଯାତ୍ରା ଚାଲିଥିବା ବେଳେ ଜାତିଆଣ ଆକ୍ଷେପକୁ ନେଇ ଜନୈକ ଯୁବକକୁ ହତ୍ୟା କରା ଯାଇଥିବା ନେଇ ମୃତକଙ୍କ ସ୍ତ୍ରୀ ବୋଲଗଡ଼ ଥାନାରେ ଅଭିଯୋଗ କରିଛନ୍ତି । ଏଥିରେ ତାଙ୍କ ପୁଅ ମଧ୍ୟ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ଏନେଇ ବୋଲଗଡ଼ ଥାନାରେ ୮୬/୨୫ରେ ଏକ କେଶ ରୁଜୁ ହୋଇ ତଦନ୍ତ ଚାଲିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛି ଏବଂ ତାର ବାପାକୁ ଏଥିରେ ସଂପୃକ୍ତି ଥିବା ସନ୍ଦେହରେ ଥାନାରେ ଅଟକ ରଖାଯାଇଛି । ଘଟଣା ଅନୁଯାୟୀ ସ୍ଥାନୀୟ ଶିବମନ୍ଦିର ପରିସରରେ ମଧ୍ୟାହ୍ନ ସମୟରେ ଝାମୁଯାତ୍ରା ଚାଲିଥିବା ବେଳେ ମୃତକ ପ୍ରତାପ ସେଠି(୪୫) ଠାକୁର ଦର୍ଶନ ପାଇଁ ଯାଇଥିଲେ । ତେବେ ସେ ଠାକୁରଙ୍କୁ ଛୁଇଁ ମୁଣ୍ଡିଆ ମାରୁଥିବା ବେଳେ ଦଣ୍ଡୁଆ ମେଳର ପାଟଭଗତା ରାମ ବେହେରାଙ୍କ ପୁଅ ସିଦ୍ଧାନ୍ତ ବେହେରା ଏଥିନେଇ ଜାତିଆଣ ଆକ୍ଷେପ କରି ପ୍ରତାପଙ୍କୁ ଧକ୍କା ମରିଥିଲା । ପରେ ପ୍ରତାପ ଘରକୁ ଆସି ଏ ଘଟଣା ଜଣାଇବାରେ ତାଙ୍କ ସ୍ତ୍ରୀ ଅଭିଯୋଗ କାରିଣୀ ବୀଣାପାଣି ସେଠୀ ଓ ପୁଅ ରସାନନ୍ଦ ସେଠୀ (୨୨) ରାମ ବେହେରାଙ୍କ ଘର ସମ୍ମୁଖରେ ଏଥିନେଇ ପଚରାଉଚରା କରୁଥିବା ବେଳେ ଅଭିଯୁକ୍ତ ସିଦ୍ଧାନ୍ତ ଏକ ଚାପଡ ସାହାଯ୍ୟରେ ଆକ୍ରମଣ କରିବାରୁ ପ୍ରତାପଙ୍କ ଛାତି ଚିରି ହୋଇ ଗଭୀର କ୍ଷତ ହୋଇଥିଲା । ଏହି ସମୟରେ ତାଙ୍କ ପୁଅ ରସାନନ୍ଦ ଏହାକୁ ପ୍ରତିହତ କରିବାକୁ ଚେଷ୍ଟା କରୁଥିବା ବେଳେ ସିଦ୍ଧାନ୍ତଙ୍କ ସହ ଥିବା ଅନ୍ୟ କେତେଜଣଙ୍କ ଆକ୍ରମଣରେ ତାର ହାତର ପାପୁଲି ଓ ଆଙ୍ଗୁଠି ଗୁରୁତର ଭାବେ ଆଘାତ ପ୍ରାପ୍ତ ହୋଇଥିଲା ।

ପ୍ରତାପ ରକ୍ତ ଯୁଡୁବୁଡୁ ଅବସ୍ଥାରେ ନିଜ ଘର ସାମ୍ନାରେ ଆସି ପଡ଼ିଯାଇଥିବା ବେଳେ ଉଭୟ ବାପ ପୁଅଙ୍କୁ ପରିବାର ଲୋକେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ତେବେ ସେଠାରେ ଡକ୍ଟର ପ୍ରତାପଙ୍କୁ ମୃତ ଘୋଷଣା କରିଥିବା ବେଳେ ପୁଅ ରସାନନ୍ଦକୁ ଅଧିକ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ବୋଲଗଡ଼ ଥାନା ପୋଲିସ ସୂଚନା ପାଇ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ଅଭିଯୁକ୍ତ ସିଦ୍ଧାନ୍ତ ଓ ତାର ସହଯୋଗୀ ମାନେ ଘଟଣା ସ୍ଥଳରୁ ଫେରାର ହୋଇ ଯାଉଥିବା ବେଳେ ତାର ବାପା ରାମ ବେହେରା ଦୌଡ଼ି ପଳାଉଥିବା ବେଳେ ତାକୁ କାବୁ କରି ଥାନାରେ ଅଟକ ରଖିଛନ୍ତି ।

କୁହୁଳୁଛି ଅସନ୍ତୋଷ, ବିଡିଓଙ୍କୁ ଦାବିପତ୍ର ଦେଲେ ମହିଳା ସଂଗଠନ

ଗୋପ (ଭାସ୍କର ନ୍ୟୁଜ୍): ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପୂର୍ନଗଠନ ପାଇଁ ନୂତନ ବିଜେପି ସରକାର ନିର୍ଦ୍ଦେଶ ଦେଇଛନ୍ତି । ମିଶନ ଶକ୍ତିକୁ ପୂର୍ବ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଆଗକୁ ନେଉଥିବା ବେଳେ ଏବେ ନୂଆ ସରକାର ତାହାକୁ ବନ୍ଦ କରିବା ପାଇଁ ପ୍ରୟାସ କରିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମାଆ ମାନେ ଅଭିଯୋଗ କରିଛନ୍ତି । ମହିଳା ମାନଙ୍କ ପାଇଁ ପୂର୍ବ ସରକାର କରିଥିବା ଯୋଜନା ଗୁଡିକୁ ମହିଳାମାନେ ସହଜରେ ଭୁଲି ପାରୁନଥିବା ବେଳେ ଏବେ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି, ସେକ୍ରେଟାରୀ ବଦଳ କରିବା ପାଇଁ ନୋଟିସ ଜାରି କରିଛନ୍ତି । ଯାହାକୁ ନେଇ ଗୋପ ବ୍ଲକର କେତେକ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି । ଏହି ଅସନ୍ତୋଷ ଆଗାମୀ ଦିନରେ ଉଗ୍ର ରୂପ ନେବ ବୋଲି ଆଲୋଚନା ହେଉଛି । ଯାହାର ଉଦାହରଣ ଆଜିଠାରୁ ଦେଖିବାକୁ ମିଳିଛି । ଏହି ଅଦଳବଦଳ ପୂର୍ବରୁ ଗୋପ ବ୍ଲକ ଗୋପ ପଂଚାୟତର ଆଖଣ୍ଡଳେଶ୍ୱର ମହିଳା ଶକ୍ତି ସଂଗଠନର ସଭାପତି ଜ୍ୟୋତ୍ସ୍ନାରାଣୀ ସେନାପତି, ସଂପାଦିକା ଶୈଳବାଳା ପରମାଣିକ, ଇସି ମେମ୍ବର ମମତା ସିଂ, ସୁଜାତା ରାଉତ, ସେହେନାଜ ବେଗମ, ରେଜିଆ ବେଗମ, ସରୋଜିନି ବାରିକ ପ୍ରମୁଖ

୩ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ବିଡିଓଙ୍କୁ ଦେବା ସେମାନଙ୍କ ଦାବି ପୂରଣ ନହେଲେ ସେମାନେ ଅନିର୍ଦ୍ଧିଷ୍ଟକାଳ ପର୍ଯ୍ୟନ୍ତ କୌଣସି ବୈଠକରେ ଯୋଗ ଦେବେ ନାହିଁ ବୋଲି ଜଣାଇବା ସହ ଆଖଣ୍ଡଳେଶ୍ୱର ମହିଳା ଶକ୍ତି ଗୃହକୁ ତାଲା ପକାଇଥିବା ଜଣାପଡିଛି । ଆଖଣ୍ଡଳେଶ୍ୱର ମହିଳା ଶକ୍ତି ସଂଗଠନ ଗୋପର ପୂର୍ନଗଠନ ପୂର୍ବରୁ ସେମାନଙ୍କୁ ସରାକାରଙ୍କ ପକ୍ଷରୁ ଦିଆଯାଇଥିବା ସ୍କୁଟି ଲୋନ୍ ସଂପୂର୍ଣ୍ଣ ସୁଧା ସରିବା ଯାଏଁ ସମୟ ଦିଆଯିବା, ଉକ୍ତ ସଂଗଠନରେ ଥିବା ୧୯୮ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦୁଇ ଭାଗ କରାଯାଇ ଦୁଇଟି ଶକ୍ତି ସଂଗଠନ କରିବା ଏବଂ ସେମାନେ ମହିଳା ଶକ୍ତି ସଂଗଠନକୁ ଦେଉଥିବା ମାସକୁ ୩୦ ଟଙ୍କା ସଂଚୟ ଅର୍ଥକୁ ପ୍ରତ୍ୟେକ ଗୋଷ୍ଠୀକୁ ସଠିକ୍ ଭାବେ ହିସାବ ଦିଆଯାଇ ଫେରସ୍ତ କରିବା ଦାବି କରିଛନ୍ତି । ଯଦି ସେମାନଙ୍କ ଦାବି ପୂରଣ ନହୁଏ ତେବେ ଆଗାମୀ ଦିନରେ ସୋମାନେ ବ୍ଲକ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

ଐତିହ୍ୟ ପଦଯାତ୍ରାର ପୂଜ୍ୟ ପ୍ରଣାମ କାର୍ଯ୍ୟକ୍ରମ

ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଓଡ଼ିଆ ନବ ବର୍ଷ ଅବସରରେ, ଢେଙ୍କାନାଳ ମାଟିର ଗୌରବ, ରୀତିଯୁଗର ମହାନ କବି, ଉତ୍କଳ ସାହିତ୍ୟର ଅମଳିନ ଜ୍ୟୋତି ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ ଅବସରରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ପକ୍ଷରୁ ସିଦ୍ଧ ବଳରାମ ମନ୍ଦିର ନିକଟସ୍ଥ ପାର୍କ ମଧ୍ୟରେ ଥିବା କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ କବିଙ୍କୁ ଭକ୍ତି ଅର୍ଘ୍ୟ ଅର୍ପଣ କରାଯାଇଥିଲା । ଧୂପ, ଦୀପ ଓ ମାଲ୍ୟାର୍ପଣ ପରେ ଐତିହ୍ୟ ପଦଯାତ୍ରାର ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ର ବ୍ରଜନାଥଙ୍କ ବହୁମୁଖି କବି ପ୍ରତିଭା ସଂପର୍କରେ ଆଲୋକପାତ କରିଥିଲେ । ଐତିହାସିକ କାବ୍ୟ ସମର ତରଙ୍ଗ, ଓଡିଆ ସାହିତ୍ୟର ପ୍ରଥମ ଗଦ୍ୟଗ୍ରନ୍ଥ ଚତୁର ବିନୋଦ, ରାଜନଙ୍କୁ ଛଲୋକ୍ତି ଓ ଖୋରଠା ଭାଷାରେ ଲିଖିତ ଗୁଣ୍ଡିଚା ବିଜେ କାବ୍ୟ ଭିତରେ ବ୍ରଜନାଥ ଓଡିଆ ସାହିତ୍ୟକୁ ଏକ ଅଭିନବତ୍ୱ ପ୍ରଦାନ କରି ଆଧୁନିକ ଓଡ଼ିଆ ସାହିତ୍ୟ ପାଇଁ ସେ କ୍ଷେତ୍ର ପ୍ରସ୍ତୁତି କରିଥିଲେ ବୋଲି ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ । ରୀତିଯୁଗର ଅନ୍ତିମ ଚରଣରେ ଜନ୍ମିତ ଏହି ଯୋଗଜନ୍ମା କବି ଯଥାର୍ଥରେ ନବ୍ୟ ଚେତନାର ଆଦ୍ୟ ବାହକ ଥିଲେ ବୋଲି ମତ ଦେଇ କବିଙ୍କୁ ଶ୍ରଦ୍ଧା ଅର୍ପଣ କରିଥିଲେ । କବିଙ୍କ ଜୟନ୍ତୀ ଅବସରରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଏହି ପୂଜ୍ୟ ପ୍ରଣାମ କାର୍ଯ୍ୟକ୍ରମରେ ରମେଶ ଚନ୍ଦ୍ର ପତି, ବଦ୍ରିନାଥ ଜେନା, ପିୟୁଷ ଅଗ୍ରୱାଲ୍, ନାରାୟଣ ପଟ୍ଟନାୟକ, ସୁନୀତା ମହାପାତ୍ର, ସୁମିତ୍ରା ଦେବତା, ଟ୍ୱିଙ୍କିଲ୍ ରାଉତ, ସୁବ୍ରତ କୁମାର ରାଉତ, ଜନ୍ମେଜୟ ରାଉତ, ସୁଜିତ କୁମାର ଦେବତା, ଆଜାଦ ଖାନ୍ ଏବଂ ମୋନାଲିସା ଦାସ ପ୍ରମୁଖ ଅଂଶ ଗ୍ରହଣ କରି କବିଙ୍କୁ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ ।

ବିଭିନ୍ନ ସ୍ଥାନରେ ମହାବିଷୁବ ସଂକ୍ରାନ୍ତି ପାଳିତ

ଆଳି (ଭାସ୍କର ନ୍ୟୁଜ୍): ଆଳି ବ୍ଲକର ବିଭିନ୍ନ ସ୍ଥାନରେ ଓଡ଼ିଆ ନବ ବର୍ଷ ତଥା ମହା ବିଷୁବ ସଂକ୍ରାନ୍ତି ଧୁମ୍‌ଧାମରେ ପାଳିତ ହୋଇଯାଇଛି । ଆଳି ପ୍ରସିଦ୍ଧ ମାଣିକପାଟଣାର ରାମମନ୍ଦିର ଠାରେ ନବଦିନ ବ୍ୟାପି ଶ୍ରୀରାମ ନବମୀ ମହାସମାରୋହରେ ପାଳିତ ହୋଇଛି । ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ରାଜାଭିଷେକ ଉତ୍ସବରେ ରାଜଭୋଗ ସମର୍ପିତ କରାଯାଇଥାଏ । ଘଣ୍ଟ ଘଣ୍ଟା ଖୋଳ କୀର୍ତ୍ତନରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥାଏ । ରାମ ଚରିତ ମାନସ ସହିତ ରାମକଥାମୃତ ଉପରେ ନଅ ଦିନ ଧରି ପ୍ରବଚନ ବେଶ ଆକର୍ଷଣୀୟ ଏବଂ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇଥାଏ । ଏହି ନଅ ଦିନର ବିଭିନ୍ନ କାର୍ଯ୍ୟକ୍ରମରେ ସେପଟେ ବ୍ରାହ୍ମଣ ପଣ୍ଡିତ ମାନଙ୍କ ଦ୍ୱାରା ଯଜ୍ଞ ନିମିତ୍ତ ପୂର୍ବାହ୍ନରେ ଗୋ ପୂଜା ସୂର୍ଯ୍ୟ ପୂଜା ଆଦି ନୀତିକାନ୍ତିରେ ଯଜ୍ଞ କାର୍ଯ୍ୟ ଚାଲିଥାଏ । ବିଭିନ୍ନ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇଥିଲେ । ସେହିପରି ମହୁ ସ୍ଥିତ ଗୋବିନ୍ଦ ଗୋସାଇଁ ମଠରେ ମଧ୍ୟ ମହା ବିଷୁବ ସଂକ୍ରାନ୍ତି ନିଷ୍ଠାର ସହିତ ପାଳନ କରାଯାଇଛି । ବିଶେଷ କରି ବିଭିନ୍ନ ହନୁମାନ ପୀଠରେ ମହା ବିଷୁବ ସଂକ୍ରାନ୍ତି ମହାଆଡମ୍ବରରେ ପାଳିତ ହୋଇଛି । ଦେମାଳ, ଭୂଇଁପୁର, ଗୋବିନ୍ଦପୁର, ସିଙ୍ଗିରି, ପତ୍ରପୁର, ଚଣ୍ଡୀଆଗଡିସ୍ଥିତ ଭାତୁଆ ମଠ ଆଦି ବିଭିନ୍ନ ହନୁମାନ ପୀଠରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେହିପରି ନମୌଜାର ବଡ଼ଆମ୍ବିଳା, ସାହୁପଡ଼ା, ତାରିଣୀ ଛକରେ ଅବସ୍ଥିତ ହନୁମାନ ମନ୍ଦିରରେ ଦିନତମାମ ବିଭିନ୍ନ ପୂଜା ପାଠ ଆୟୋଜିତ ହୋଇଛି ।

ଉତ୍କଳୀୟ ନବବର୍ଷରେ ପଣା ବଣ୍ଟନ କଲେ ପୂର୍ବତନ ମନ୍ତ୍ରୀ

ଗୋପ (ଭାସ୍କର ନ୍ୟୁଜ୍): ଆମେ ଓଡିଆ ଆମର ଚାଲିଚଳଣୀ, ସଂସ୍କୃତି, ପରମ୍ପରା ଭାରି ବଢିଆ । ଆମେ ଗର୍ବରେ କହିବା ଆମେ ଓଡିଆ । ଓଡିଆ ଅସ୍ମିତାକୁ ବଂଚାଇ ରଖିବାକୁ ଆମେ ସର୍ବଦା ଚେଷ୍ଟିତ । ଏହି ବର୍ଷଟି ଆପଣମାନଙ୍କୁ ଖୁସି ଓ ସଫଳତାର ଶିର୍ଷକୁ ନେଇଯାଉ, ଜଗତର ନାଥ ଜଗନ୍ନାଥଙ୍କ ପାଖରେ ମୋର ପ୍ରାର୍ଥନା ବୋଲି ପବିତ୍ର ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ତଥା ଓଡିଆ ନବ ବର୍ଷ ପାଳନ ଓ ହନୁମାନ ଜୟନ୍ତୀ ଅବସରରେ ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ତଥା ବିଜେପି ରାଜ୍ୟ ମୁଖପାତ୍ର ସମୀର ରଂଜନ

ଦାସ ଗୋପ ବସଷ୍ଠାଣ୍ଡ ନିକଟରେ ଅନୁଷ୍ଠିତ ପଣା ବଣ୍ଟନ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ । ପଣା ସଂକ୍ରାନ୍ତି ସମସ୍ତ ଓଡିଆଙ୍କ ଘରେ ଓ ମନ୍ଦିରରେ ମହା ଆଡମ୍ବରରେ ପାଳନ କରାଯାଇଛି । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ତଥା ବିଜେପି ରାଜ୍ୟ ମୁଖପାତ୍ର ସମୀର ଦାଶ ଏକ ବିରାଟ ଶୋଭାଯାତ୍ରାରେ ଗୋପ କୁଶୁପୁର ଜୟଗୁରୁ ଆଶ୍ରମ ନିକଟରୁ ବାହାରି ଗୋପ ମୁଖ୍ୟ ବଜାର ନିକଟ ବସଷ୍ଠାଣ୍ଡ ପଡିଆରେ ପହଁଚିଥିଲେ । ପରେ ସେଠାରେ ବଣ୍ଟନ ହେବାକୁ ଥିବା ପଣା ଷ୍ଟଲକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ଏବଂ ନିଜେ ସେଠାରେ ଉପସ୍ଥିତ ଥିବା ହଜାର ହଜାର ଲୋକଙ୍କୁ ପଣା ବଣ୍ଟନ କରିଥିଲେ । ଯାହାକୁ ନେଇ ସେଠାରେ ଏକ ପ୍ରକାର ଖୁସିର ମାହୋଲ ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ପ୍ରଦିପ ଖଟୋଇ, ଅଶୋକ ସାହୁ, ରାକେଶ ବେହେରା, ଗୋପ ସରପଞ୍ଚ ସୁଲୋଚନା ଦାସ, ଜୀବନାନନ୍ଦ ମହାପାତ୍ର, ଶଙ୍କର ଭୋଇ, ମନନ୍ଦୀପ ପାଇକରାୟ, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା, ଯୁବନେତା ପ୍ରତାପ କୁମାର ପରିଡା, ଦେବାଶିଷ ସାହୁ, ହେମନ୍ତ ଛୋଟରାୟ, ସ୍ୱରାଜ ମହାନ୍ତି ପ୍ରମୁଖଙ୍କ ସମେତ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇଥିଲେ ।

ଜାତିଆଣ ଆକ୍ଷେପରୁ ହତ୍ୟାକାଣ୍ଡ: ବାପ ମୃତ, ପୁଅ ଗୁରୁତର

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ସ୍ଥିତ ଶିବ ମନ୍ଦିରରେ ଝାମୁ ଯାତ୍ରା ଚାଲିଥିବା ବେଳେ ଜାତିଆଣ ଆକ୍ଷେପକୁ ନେଇ ଜନୈକ ଯୁବକକୁ ହତ୍ୟା କରା ଯାଇଥିବା ନେଇ ମୃତକଙ୍କ ସ୍ତ୍ରୀ ବୋଲଗଡ଼ ଥାନାରେ ଅଭିଯୋଗ କରିଛନ୍ତି । ଏଥିରେ ତାଙ୍କ ପୁଅ ମଧ୍ୟ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ଏନେଇ ବୋଲଗଡ଼ ଥାନାରେ ୮୬/୨୫ ରେ ଏକ କେଶ ରୁଜୁ ହୋଇ ତଦନ୍ତ ଚାଲିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇ ଯାଇଛି ଏବଂ ତାର ବାପାକୁ ଏଥିରେ ସଂପୃକ୍ତି ଥିବା ସନ୍ଦେହରେ ଥାନାରେ ଅଟକ ରଖାଯାଇଛି । ଘଟଣା ଅନୁଯାୟୀ ସ୍ଥାନୀୟ ଶିବମନ୍ଦିର ପରିସରରେ ମଧ୍ୟାହ୍ନ ସମୟରେ ଝାମୁ ଯାତ୍ରା ଚାଲିଥିବା ବେଳେ ମୃତକ ପ୍ରତାପ ସେଠି(୪୫) ଠାକୁର ଦର୍ଶନ ପାଇଁ ଯାଇଥିଲେ । ତେବେ ସେ ଠାକୁରଙ୍କୁ ଛୁଇଁ ମୁଣ୍ଡିଆ ମାରୁଥିବା ବେଳେ ଦଣ୍ଡୁଆ ମେଳର ପାଟଭଗତା ରାମ ବେହେରାଙ୍କ ପୁଅ ସିଦ୍ଧାନ୍ତ ବେହେରା ଏଥିନେଇ ଜାତିଆଣ ଆକ୍ଷେପ କରି ପ୍ରତାପଙ୍କୁ ଧକ୍କା ମରିଥିଲା । ପରେ ପ୍ରତାପ ଘରକୁ ଆସି ଏ ଘଟଣା ଜଣାଇବାରେ ତାଙ୍କ ସ୍ତ୍ରୀ ଅଭିଯୋଗ କାରିଣୀ ବୀଣାପାଣି ସେଠୀ ଓ ପୁଅ ରସାନନ୍ଦ ସେଠୀ (୨୨) ରାମ ବେହେରାଙ୍କ ଘର ସମ୍ମୁଖରେ ଏଥିନେଇ ପଚରାଉଚରା କରୁଥିବା ବେଳେ ଅଭିଯୁକ୍ତ ସିଦ୍ଧାନ୍ତ ଏକ ଚାପଡ ସାହାଯ୍ୟରେ ଆକ୍ରମଣ କରିବାରୁ ପ୍ରତାପଙ୍କ ଛାତି ଚିରି ହୋଇ ଗଭୀର କ୍ଷତ ହୋଇଥିଲା । ଏହି ସମୟରେ ତାଙ୍କ ପୁଅ ରସାନନ୍ଦ ଏହାକୁ ପ୍ରତିହତ କରିବାକୁ ଚେଷ୍ଟା କରୁଥିବା ବେଳେ ସିଦ୍ଧାନ୍ତଙ୍କ ସହ ଥିବା ଅନ୍ୟ କେତେଜଣଙ୍କ ଆକ୍ରମଣରେ ତାର ହାତର ପାପୁଲି ଓ ଆଙ୍ଗୁଠି ଗୁରୁତର ଭାବେ ଆଘାତପ୍ରାପ୍ତ ହୋଇଥିଲା । ପ୍ରତାପ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନିଜ ଘର ସାମ୍ନାରେ ଆସି ପଡ଼ିଯାଇଥିବା ବେଳେ ଉଭୟ ବାପ ପୁଅଙ୍କୁ ପରିବାର ଲୋକେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ତେବେ ସେଠାରେ ଡକ୍ଟର ପ୍ରତାପଙ୍କୁ ମୃତ ଘୋଷଣା କରିଥିବା ବେଳେ ପୁଅ ରସାନନ୍ଦକୁ ଅଧିକ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ବୋଲଗଡ଼ ଥାନା ପୋଲିସ ସୂଚନା ପାଇ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ଅଭିଯୁକ୍ତ ସିଦ୍ଧାନ୍ତ ଓ ତାର ସହଯୋଗୀ ମାନେ ଘଟଣା ସ୍ଥଳରୁ ଫେରାର ହୋଇ ଯାଉଥିବା ବେଳେ ତାର ବାପା ରାମ ବେହେରା ଦୌଡ଼ି ପଳାଉଥିବା ବେଳେ ତାକୁ କାବୁ କରି ଥାନାରେ ଅଟକ ରଖିଛନ୍ତି ।

ବୁଲା ଗାଈଗୋରୁଙ୍କ ପାଇଁ ଜଳଛତ୍ର

ପରଜଙ୍ଗ, (ଭାସ୍କର ନ୍ୟୁଜ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ସ୍ଥିତ ରେଡ୍ ନାଇଟ କ୍ଲବ ପରିବାର ଆନୁକୁଲ୍ୟରେ ବିଭିନ୍ନ ଦିନ ମାନଙ୍କରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଥାଏ । ପୂର୍ବରୁ କ୍ଲବ୍ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଥିବା ବେଳେ ରାତ୍ରୀ କା

ନୂଆପଡା (ଭାସ୍କର ନ୍ୟୁଜ): ଓଡ଼ିଆ ପକ୍ଷ ପାଳନର ଅନ୍ତିମ ଦିନରେ ନୂଆପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ମହାସମାରୋହରେ ଓଡ଼ିଆ ନବବର୍ଷ ପାଳିତ ହୋଇ ଯାଇଛି । ଜିଲ୍ଲା ପ୍ରଶାସନ ତଥା ନୂଆପଡା ପଞ୍ଚାୟତ ସମିତି ମିଳିତ ଆନୁକୁଲ୍ୟରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ରଙ୍ଗୋଲି, ହୁଳହୁଳି ଓ ପିଠାପଣା ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମହିଳାମାନେ ପାରମ୍ପରିକ ବେଶ ପୋଷାକରେ ଆସି ବେଶ୍ ଉତ୍ସାହର ସହିତ ଏହି ସବୁ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ । ସମ୍ମାନିତ ଅତିଥି ରୂପେ ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ନୂଆପଡା ବିଡ଼ିଓ ରୋହିତ ଭୋଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, ଏଲ୍ ଡି ଏମ୍ ସୀତାରାମ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଅତିଥିମାନେ ସମସ୍ତ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହିତ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ସମାରୋହରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମା' ଭଉଣୀ ମାନେ, ଗଣ ମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ କୁମାର ମହରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ନୂଆପଡା ଏନ୍‌ଏସିଇ ଓ କୁରୁକ୍ଷେତ୍ର ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ, ରାଜସ୍ୱ ସହାୟକ ବିଭୁ ଦତ୍ତ ମିଶ୍ର ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଦୀର୍ଘ ଚଉଦ ଦିନ ଧରି ନୂଆପଡା ଜିଲ୍ଲାରେ ଆଡମ୍ବରରେ ଓଡ଼ିଆ ପକ୍ଷ ସଫଳତାର ସହିତ ପାଳିତ ହୋଇଥିବାରୁ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଅଧ୍ୟାପକ ଗୋପାଳ ମହାରଣାଙ୍କୁ ଶାବର ଶ୍ରୀକ୍ଷେତ୍ର ନାଟ୍ୟ ସମ୍ମାନ

ରାଇଘର(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଝରିଗାଁ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଗୋପାଳ ମହାରଣା।ବୃତ୍ତିରେ ଅଧ୍ୟାପନା, ନିଶା ତାଙ୍କର ସାହିତ୍ୟ ସାଧନା । ଛାତ୍ରବତ୍ସଳ ଅଧ୍ୟାପକ ଭାବେ ସେ ବିଦ୍ୟାର୍ଥୀଙ୍କ ଅତି ପ୍ରିୟ । ଜଣେ ଭାଷାବିତ୍, ସମାଲୋଚକ, ଗାଳ୍ପିକ, ପ୍ରାବନ୍ଧିକ ଓ ନାଟ୍ୟକାର ରୂପେ ସାହିତ୍ୟପ୍ରେମୀଙ୍କ ନିକଟରେ ସେ ବେଶ ଜଣାଶୁଣା ବ୍ୟକ୍ତିତ୍ୱ । ବିଶିଷ୍ଟ ନାଟ୍ୟକାର ଭାବେ ଶ୍ରୀଯୁକ୍ତ ମହାରଣାଙ୍କ ରହିଛି ସ୍ୱତନ୍ତ୍ର ପରିଚୟ । ଅଦ୍ୟାବଧି ଅଶି ଗୋଟି ନାଟକ ରଚନା କରି ସେ ନାଟ୍ୟ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ଉପାନ୍ତ ଅଞ୍ଚଳରେ ମଞ୍ଚ ନାଟକର ପ୍ରଚାର ଓ ପ୍ରସାର ପାଇଁ ସେ ଗଢିଛନ୍ତି 'ଭାରତୀ କଳା ନିକେତନ'। ବିଭିନ୍ନ ବର୍ଗର କଳାକାରମାନଙ୍କୁ ମଞ୍ଚ ସହିତ ଯୋଡିବା ତଥା ଭଲ ନାଟକଟିଏ ଦର୍ଶକଙ୍କୁ ଯୋଗାଇଦେବା ପାଇଁ ସତେ ଯେପରି ସେ ପାଗଳ ହୋଇପଡିଛନ୍ତି । ଫଳତଃ ସେ ନିଜସ୍ୱ ଖର୍ଚ୍ଚରେ ପ୍ରତିବର୍ଷ ତ୍ରିଦିବସୀୟ ନାଟକ ମହୋତ୍ସବ ଆୟୋଜନ କରି ଉପାନ୍ତ ଅଞ୍ଚଳର ଦର୍ଶକଙ୍କୁ ନାଟକ ପ୍ରତି ଆକର୍ଷିତ କରାଇ ପାରିଛନ୍ତି । ନାଟକ ପାଇଁ ସୁନେଲୀ ସ୍ୱପ୍ନ ଦେଖୁଥିବା ନାଟ୍ୟକାର ଶ୍ରୀଯୁକ୍ତ ମହାରଣାଙ୍କ ପ୍ରତିଟି ନାଟକ ବେଶ ହୃଦୟସ୍ପର୍ଶୀ ଓ ଦର୍ଶକାଦୃତ । ଏଥିପାଇଁ ସେ ବିଭିନ୍ନ ନାଟ୍ୟ ଅନୁଷ୍ଠାନରୁ 'ଶ୍ରେଷ୍ଠ ନାଟ୍ୟକାର'ଭାବେ ସମ୍ବର୍ଦ୍ଧିତ। ସଂପ୍ରତି ଓଡିଶା ନାଟ୍ୟସଂଘ ଦ୍ୱାରା କୋରାପୁଟ ସାଂସ୍କୃତିକ ପରିଷଦ ରଙ୍ଗମଞ୍ଚରେ ଆୟୋଜିତ ଦକ୍ଷିଣାଞ୍ଚଳ ନାଟ୍ୟ ମହୋତ୍ସବରେ ଅଧ୍ୟାପକ ତଥା ବିଶିଷ୍ଟ ନାଟ୍ୟକାର ଗୋପାଳ ମହାରଣାଙ୍କୁ 'ଶାବର ଶ୍ରୀକ୍ଷେତ୍ର ନାଟ୍ୟ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଛି ।ତାଙ୍କର ସମଗ୍ର ନାଟ୍ୟକୃତିକୁ ଆଧାର କରି ଓଡିଶା ନାଟ୍ୟ ସଂଘ ଏହି ସମ୍ବର୍ଦ୍ଧନା ପ୍ରଦାନ କରିଛି ।

ପିଡିଏସ୍ ଚାଉଳ ପରିବହନକୁ ନେଇ ବିବାଦ, ଚାଉଳ ପରିବହନ ଠପ୍

ଉମରକୋଟ(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ଠାରେ ସରକାରୀ ପିଡିଏସ ଚାଉଳ ପରିବହନକୁ ନେଇ ଷ୍ଟୋରେଜ ଏଜେଣ୍ଟ ଓ ଟ୍ରକ ମାଲିକ ସଂଘ ମଧ୍ୟରେ ବିବାଦ ଦେଖାଦେଇଛି । ଫଳରେ ଆଜି ଉମରକୋଟ ବ୍ଲକ ର ବିଭିନ୍ନ ଗ୍ରାମ ପଞ୍ଚାୟତକୁ ଯିବାକୁ ଥିବା ପିଡିଏସ ଚାଉଳ ପରିବହନ ଠପ ହେଇ ଯାଇଛି । ମିଳିଥିବା ସୂଚନା ଅନୁସାରେ ଦୀର୍ଘ ୮ ବର୍ଷ ହେଲା ଉମରକୋଟ ସହର ନିକଟସ୍ଥ ବୁର୍ଜା ଠାରେ ଥିବା ଚାଉଳ ଗୋଦାମରୁ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତକୁ ଚାଉଳ ପରିବହନ ବ୍ୟବସ୍ଥା ହେଇ ଆସୁଛି ଓ ଷ୍ଟୋରେଜ ଏଜେଣ୍ଟମାନେ ସେମାନଙ୍କ ନିଜର ଟ୍ରକ ଗୁଡ଼ିକ ବ୍ୟବହାର କରି ସୁରୁଖୁରରେ ପରିବହନ ବ୍ୟବସ୍ଥା କରି ଆସୁଛନ୍ତି । କିନ୍ତୁ ବର୍ତ୍ତମାନ ଏହି ପରିବହନ ବ୍ୟବସ୍ଥା ରେ ଉମରକୋଟ ଟ୍ରକ ମାଲିକ ମାନଙ୍କର ଟ୍ରକ ବ୍ୟବହାର କରିବା ପାଇଁ ଦାବିକରି ଆଜି ସକାଳ ଠାରୁ ଉମରକୋଟ ର କିଛି ଟ୍ରକ ମାଲିକ ବୁର୍ଜା ଠାରେ ଥିବା ସରକାରୀ ଚାଉଳ ଗୋଦାମ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି । ଅପର ପକ୍ଷରେ ଟ୍ରକ ମାଲିକଙ୍କ ଧାରଣା ଯୋଗୁଁ ଗୋଦାମ ପରିସରରେ ପ୍ରାୟ ୮ ଟି ଟ୍ରକରେ ଲୋଡ ହେଇଥିବା ପିଡିଏସ ଚାଉଳ ପଞ୍ଚାୟତରେ ପହଞ୍ଚି ପାରିନାହି । ଏହି ଗୋଦାମରୁ ଏପ୍ରିଲ ୩୦ ସୁଦ୍ଧା ବିଭିନ୍ନ ଗ୍ରାମ ପଞ୍ଚାୟତକୁ ୪୦ ହଜାର କ୍ୱିଣ୍ଟାଲ ଚାଉଳ ପରିବହନ ପାଇଁ ଧାର୍ଯ୍ୟ ରହିଥିବାବେଳେ ଆଜି ପର୍ଯ୍ୟନ୍ତ ମାତ୍ର ୧ ହଜାର କ୍ୱିଣ୍ଟାଲ ଚାଉଳ ହିଁ ପରିବହନ ହେଇ ପାରିଛି । ଫଳରେ ଟ୍ରକ ମାଲିକମାନଙ୍କ ଏପରି ଧାରଣା ଯୋଗୁ ବଳକା ଚାଉଳ ପରିବହନ କୁ ନେଇ ଏକ ପ୍ରକାରର ଅନିଶ୍ଚିତତା ଦେଖାଯାଇଛି । ଅପରପକ୍ଷରେ ଟ୍ରକ ମାଲିକ ମାନେ ପରିବହନରେ ନିଜ ଟ୍ରକ ନ ଲାଗିବ ପର୍ଯ୍ୟନ୍ତ ଧାରଣାରେ ବସି ରହିବୁ ବୋଲି ଅଟଳରେ ରହିଛନ୍ତି । ଉମରକୋଟ ଟ୍ରକ ମାଲିକ ସଂଘ କହୁଛି ଯେତେ ପର୍ଯ୍ୟନ୍ତ ଚାଉଳ ପରିବହନରେ ସେମାନଙ୍କ ଟ୍ରକ ଲାଗିବ ନାହିଁ ସେତେ ପର୍ଯ୍ୟନ୍ତ କୌଣସି ଚାଉଳ ବୋଝେଇ ଟ୍ରକକୁ ଗୋଦାମରୁ ବାହାର କରିବା ପାଇଁ ଦେବୁ ନାହିଁ । ଉମରକୋଟ ଯୋଗାଣ ନିରୀକ୍ଷକ ସୁନିଲ ଜେନା କହିଛନ୍ତି ମୁ ବାହାରେ ଅଛି କାଲି ଉମରକୋଟ ଠାରେ ପହଞ୍ଚିବ । ପରେ କୌଣସି ପ୍ରତିକ୍ରିୟା ଦେଇପାରିବି ।କୌଣସି ପ୍ରକାର ପରିସ୍ଥିତିକୁ ଏଡ଼ାଇବା ପାଇଁ ଉମରକୋଟ ପୋଲିସ ଘଟଣା ସ୍ଥଳରେ ଉପସ୍ଥିତ ରହିଛି ।

ମୋତ୍ୟାଲୁ ମା'ଙ୍କ ଘଟଯାତ୍ରା ଆରମ୍ଭ

ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ) : ଚୈତ୍ର ମାସ ଆସିଗଲେ କୋରାପୁଟ ଜିଲ୍ଲାରେ ଥିବା ଅଧିକାଂଶ ଗାଁ ଗଣ୍ଡାରେ ଗ୍ରାମଦେବୀଙ୍କ ଯାତ୍ରା ଅନୁଷ୍ଠିତ ହୁଏ । ଗାଁ ଗଣ୍ଡା ଉତ୍ସବ ମୁଖର ହୋଇ ଉଠେ । କେଉଁଠି ନଅ ଦିନ ଧରି ହୁଏ ତ କେଉଁଠି ତିନିଦିନ ଧରି ଯାତ୍ରା ଅନୁଷ୍ଠିତ ହୋଇଥାଏ । ହେଲେ ବନ୍ଧୁଗାଁ ବ୍ଲକ ନିଲାବାଡି ଠାରେ ଅବସ୍ଥାପିତ ମା'ଅଗ୍ନି ଗଙ୍ଗାମାଙ୍କ ପୀଠରୁ ଜିଲ୍ଲାର ପ୍ରଥମ ଠାକୁରାଣୀ ଯାତ୍ରା ଆରମ୍ଭ

ହୁଏ । ନିଲାବାଡି ଠାକୁରାଣୀଙ୍କ ଘଟ ଯାତ୍ରା ସରିବା ପରେ ଜିଲ୍ଲାର ପ୍ରତ୍ୟେକ ଗାଁରେ ଗ୍ରାମ ଦେବୀଙ୍କ ଯାତ୍ରା ଅନୁଷ୍ଠିତ ହୁଏ । ଏଇ କ୍ଷେତ୍ରରେ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ସଦରର ଅଧିଷ୍ଠାତ୍ରୀ ଦେବୀ ମା'ମୋତ୍ୟଲୁ ମା'ଙ୍କ ନବ ଦିନାତ୍ମକ ଘଟ ଯାତ୍ରା ସୋମବାର ରାତିରୁ ଆରମ୍ଭ ହୋଇଯାଇଛି ।ଏନେଇ ମନ୍ଦିର ପାଖ ଉତ୍ସବ ମୁଖର ହୋଇ ଉଠିଥିଲା । ମୁଖ୍ୟ ମନ୍ଦିରରୁ ମା'ଙ୍କୁ ଅସ୍ଥାୟୀ ମନ୍ଦିରକୁ ଅଣା ଗଲାବେଳେ ମନ୍ଦିର ପାଖରେ ସନ୍ଧ୍ୟା ସାତଟା ରୁ ରାତି ଦଶଟା ଯାଏଁ ଭକ୍ତଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା ।ବାଜା ବାଜଣା ସହ ବାଣ ଫୁଟା ଶବ୍ଦରେ ମନ୍ଦିର ପାଖ କମ୍ପି ଉଠିଥିଲା । ଏନେଇ ଲକ୍ଷ୍ମୀପୁର ଥାନା ତରଫରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିବା ବେଳେ ପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ନଅ ଦିନ ଧରି ଅଞ୍ଚଳରେ ଗହଳି ଚହଳି ଲାଗି ରହିବ,ମଙ୍ଗଳବାର ଦିନ ମା ବିଶ୍ରାମ ନେବା ପରେ ବୁଧବାର ଦିନ ଠାରୁ ସାତ ଦିନ ଧରି ମା' ଘର ଘର ବୁଲି ଭକ୍ତଙ୍କୁ ଦର୍ଶନ ଦେଇ ଭୋଗ ଖାଇବେ ।ଫଳରେ ଭକ୍ତଙ୍କ ମହଲରେ ଏବେ ଖୁସିର ଲହରି ଦେଖିବା କୁ ମିଳିଥିବା ବେଳେ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ଏନେଇ ମନ୍ଦିର ପାଖରୁ ବଜାର ପର୍ଯ୍ୟନ୍ତ ରାସ୍ତାର ଦୁଇ କଡ ସୁନ୍ଦର ସୁନ୍ଦର ଆଲୋକ ସଜାରେ ସୁସଜ୍ଜିତ କରାଯାଇଥିବା ବେଳେ ଆଲୋକରେ ପୁରା ରାସ୍ତା ଝଲସି ଉଠୁଛି ।

୭ ମାଓବାଦୀ ଗିରଫ

ମାଲକାନଗିରି(ଭାସ୍କର ନ୍ୟୁଜ): ସୁରକ୍ଷାକର୍ମୀଙ୍କୁ ବଡ଼ ସଫଳତା ଭିନ୍ନ ଭିନ୍ନ ଥାନା ଅଞ୍ଚଳରୁ ବିସ୍ଫୋରକ ସାମଗ୍ରୀ ସହ ୭ ଜଣ ମାଓବାଦୀଙ୍କୁ ଗିରଫ କଲେ ସୁରକ୍ଷାକର୍ମୀ । ସୂଚନା ଅନୁଯାୟୀ ଛତିଶଗଡର ବିଜାପୁର ଜିଲ୍ଲାର ଭୈରମଗଡ଼ ଏବଂ ମିରତୁର ଥାନା ଅଞ୍ଚଳରେ କିଛି ସନ୍ଦିଗ୍ଧ ବ୍ୟକ୍ତି ଗ୍ରାମବାସୀ ବେଶଭୁଷାରେ ବୁଲୁଥିବା ପୁଲିସ ଖବର ପାଇବା ପରେ ସେମାନଙ୍କୁ ଘେରାବନ୍ଦୀ କରି ପଚରାଉଚୁରା କରିବା ପରେ ମାଓ ସଂଗଠନରେ ଜଡିତ ଥିବା ଜାଣିବା ପରେ ୭ ଜଣ ମାଓବାଦୀଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ବିସ୍ଫୋରକ ସାମଗ୍ରୀ ଜବତ କରିଥିଲେ । ଗିରଫ ମାଓବାଦୀମାନେ ହେଲେ ଆୟୁତୁ ଓୟାମ(୫୦), ଫାଗୁ ମିଡ଼ିଆ(୪୫), ରାମୁ ଓ୍ୱେକୋ(୨୪),ଲକ୍ମଣ ଓ୍ୱେକୋ(୨୧), ରାନୁ ପୋଡିୟମ(୨୦), ଚମରୁ ଓୟାମ(୩୮), ଅଜୟ କୋରସା (୨୦)ବର୍ଷ । ଜବତ ସାମଗ୍ରୀ ମଧ୍ୟରେ ଟିଫିନ ବୋମା, କଡେକ୍ସ ୱାଇର, ଜିଲୋଟିନ ଷ୍ଟିକ, ଡିଟୋନେଟର, ବ୍ୟାଟେରୀ, ଖୋଳିବା ସାମଗ୍ରୀ ଜବତ କରିଥିଲେ । ଗିରଫ ପରେ ସମସ୍ତ ମାଓବାଦୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି ।

ଚେଙ୍କ ଓ ରକ୍ତଦାନ ଉପରେ ସଚେତନତା ସଭା

ଉମରକୋଟ(ଭାସ୍କର ନ୍ୟୁଜ): ଉମରକୋଟ ବ୍ଲକ ଅନ୍ତର୍ଗତ ଖାଣ୍ଡା ଗ୍ରାମ ପଞ୍ଚାୟତ ଅଧୀନରେ ଆସୁଥିବା ସେମିଳି ଗଦ୍ର। ଗ୍ରାମ ଠାରେ ଜିଲ୍ଲାର ସବୁଠାରୁ ବଡ ସ୍ୱେଚ୍ଛ ।ସେବୀ ଅନୁଷ୍ଠାନ ଜନ ଜାଗୃତି ମିଶନ ତରଫରୁ ଚେଙ୍କ ଓ ରକ୍ତ ଦାନ ଉପରେ ଏକ ସଚେତନ ସଭା ଅନୁଷ୍ଠିତ ହେଇଥିଲା । ମୁଖ୍ୟ ଅତିଥି ଭାବରେ ରାଜ୍ୟସଭା ସାଂସଦ ଜନାବ ମୁନା ଖାନ ଯୋଗ ଦେଇଥିବ । ବେଳେ ମୁଖ୍ୟବକ୍ତା ଭାବେ ଜନ ଜାଗୃତି ମିଶନର ମୁଖ୍ୟ ସାୟାଦ କାଜାମ ମାଦାନି ମୁଖ୍ୟବକ୍ତା ଭାବେ ଓ ସରକାରୀ ଓକିଲ ସୁଧାଂଶୁ ସାଧୁ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ରାଜ୍ୟସଭା ସାଂସଦ ମୁନା ଖାନ ଚେଙ୍କ ଓ ରକ୍ତ ଦାନ କରିବା ପାଇଁ ଅଧିକରୁ ଅଧିକ ଯୁବକ ଓ ଯୁବତୀ ମାନେ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ । ଶ୍ରୀ ଖାଁ ଉମରକୋଟ ଓ ଝରିଗାଁ ବ୍ଲକରେ ଅଧିକରୁ ଅଧିକ ରକ୍ତ ଦାନ ଶିବିର ଓ ଚେଙ୍କ ଉପରେ ସଚେତନ ସଭା ଆୟୋଜନ କରିବା ପାଇଁ ଜନ ଜାଗୃତି ମିଶନର ମୁଖ୍ୟ କାଜାମ ମାଦାନିଙ୍କୁ ପରାମର୍ଶ ଦେଇଥିଲେ । ଜନ ଜାଗୃତି ମିଶନ ସମଗ୍ର ନବରଙ୍ଗପୁର ଜିଲ୍ଲାରେ ଚେଙ୍କ ସଚେତନ ଅଭିଯାନ କରି ରାଜ୍ୟ ସ୍ତରରେ ପୁରସ୍କୃତ ହେଇଥିବା ଶ୍ରୀ ମାଦାନି ମନେ ପକାଇଥିଲେ । ଏହି ଅବସରରେ ମିଶନର ସଭାପତି ପର୍ଶୁରାମ ଭତ୍ର।, ଧନି ରାମ ଗଣ୍ଡ, ଦାମୁ ସାନ୍ତ।, ଆଶାରାମ ସାନ୍ତ।, ଖାଣ୍ଡା ସରପଞ୍ଚ ରମେଶ ଭତ୍ର।, ଗୋବିନ୍ଦ ସାନ୍ତାଙ୍କ ସମେତ ବହୁ ସଂଖ୍ୟାରେ କୁଇ ସମାଜର ମହିଳା ଓ ପୁରୁଷ ମାନେ ଉପସ୍ଥିତଥିଲେ । ସଭା ଆରମ୍ଭ ପୂର୍ବରୁ ଶତାଧିକ ମହିଳା କୁଇ ସମ୍ପ୍ରଦାୟର ନାଚ ଗୀତ ଗାନ ପରିବେଷଣ କରି ମୁଖ୍ୟ ଅତିଥି ଶ୍ରୀ ମୁନା ଖାଁ ଙ୍କୁ ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ ।

ପଣା ବଣ୍ଟନ

ଉମରକୋଟ (ଭାସ୍କର ନ୍ୟୁଜ) :ସୋମବାର ଦିନ ମହା ବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ଉମରକୋଟ ଝାଡ଼େଶ୍ୱର ମହାଦେବ ଙ୍କ ମନ୍ଦିର ପ୍ରାଙ୍ଗଣରେ ନିଖିଳ ଉତ୍କଳ ଖଡୁରା ସମାଜ, ଉମରକୋଟ ପେଣ୍ଠ ତରଫରୁ ଭକ୍ତ ବୃନ୍ଦଙ୍କୁ ପଣା ବଣ୍ଟନ କରାଯାଇଥିଲା କ୍ଷ ପେଣ୍ଠର ସଭାପତି ସୁରେନ୍ଦ୍ର ନାୟକ, ସମ୍ପାଦକ ତ୍ରିପତି ମହାପାତ୍ର ଓ କାର୍ଯ୍ୟକାରୀ ସମ୍ପାଦକ ସନ୍ତୋଷ କୁମାର ନାୟକ ଙ୍କ ନେତୃତ୍ୱ ରେ ଅନ୍ୟାନ୍ୟ ସଦସ୍ୟ ବୃନ୍ଦ ଯଥା ଶିବ ପ୍ରସାଦ ସୁବୁଦ୍ଧି, ଧବଳେଶ୍ୱର ନାୟକ, ସୁନୀଲ ନାୟକ, ମିଟୁ ମହାପାତ୍ର, ରମେଶ ନାୟକ, ପ୍ରବୀର ସାହୁ, ଶିବ ଶଙ୍କର ବେହେରା,ପ୍ରଭାକର ମହାପାତ୍ର, ନାଗେଶ୍ୱର

ନାୟକ, ସୁଧୀର ସାହୁ, ଅମୀୟ ସାହୁ, ପେଣ୍ଠରା ସାହୁ, କାହ୍ନୁଷ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଟିକୁ ସାଫଲ୍ୟ କରାଇଥିଲେ ।

ଓଡିଆ ନବବର୍ଷ ଓ ପଣା ସଂକ୍ରାନ୍ତି ପାଳିତ

ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ): ଓଡିଆ ପକ୍ଷ ପାଳନର ଚତୁର୍ଦଶ ଦିବସ ଅବସରରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ଦ୍ୱାରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଓଡିଆ ନବବର୍ଷ ଓ ପଣା ସଂକ୍ରାନ୍ତି ମହା ଆଡମ୍ବରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଶ୍ରୀଯୁକ୍ତ ଶଙ୍କର କେରକେଟା, ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ,ଜିଲ୍ଲାପରିଷଦ,ଗଜପତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଶ୍ରୀ ଅନୁପ ପଣ୍ଡା, ଉପ ଜିଲ୍ଲାପାଳ, ପାରଳାଖେମୁଣ୍ଡି,ଶ୍ରୀ କମଳକାନ୍ତ ପଣ୍ଡା ଡେପୁଟି କାଲେକ୍ଟର ଜରୁରୀକାଳିନ ବିଭାଗ, ଶ୍ରୀଯୁକ୍ତ ଟିମନ ବାରା, ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଓଡ଼ିଶା ଜୀବିକା ମିଶନ, ଗଜପତି, ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସଂସ୍କୃତି ଅଧିକାରୀ, ଗଜପତି, ଶ୍ରୀ ଅରୁଣ କୁମାର ତ୍ରିପାଠୀ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗଜପତି ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ । ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଙ୍କ ଆହ୍ୱାନ କ୍ରମେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଏପ୍ରିଲ ୧ ତାରିଖ ଠାରୁ ୧୪ ଏପ୍ରିଲ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନ କରାଯାଉଥିଲା,ଏହି ଅବସରରେ ସ୍ଥାନୀୟ ମହିଳା ମାନଙ୍କ ଦ୍ୱାରା ରଙ୍ଗୋଲୀ,ଝୋଟି ଚିତା,ମୁରୁଜ,ହୁଳହୁଳି ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି ଓଡିଆ ନୂତନ ବର୍ଷର ଅବସରରେ ପାରମ୍ପରିକ ପଣାର ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୨୦ରୁ ଉର୍ଦ୍ଧ ମହିଳା ମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।ଏହି ଅବସରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ଗୁଡିକରେ ମଧ୍ୟ ଓଡିଆ ନୂତନ ବର୍ଷ ଓ ପଣା ସଂକ୍ରାନ୍ତି ପାଳନ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା କର୍ମଚାରୀମାନଙ୍କ ସମେତ ଶ୍ରୀ ଲୋକନାଥ ରେଡ୍ଡୀ,ମନୋଜ କୁମାର ଲିମା, ରିଙ୍କୁ ମହାରଣା,ଅପରାନନ୍ଦ ଆନନ୍ଦ ପ୍ରଭୃତ ରାଜସ୍ୱ ସହାୟକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସମ୍ପାଦନ କରିଥିଲେ ।

ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶତବାର୍ଷିକୀ ମହୋତ୍ସବ ଉଦ୍‌ଯାପିତ

ବରଗଡ଼ (ଭାସ୍କର ନ୍ୟୁଜ): ଏପ୍ରିଲ ୧୨ ଓ ୧୩ ଦୁଇଦିନ ଧରି ବରଗଡ଼ ପୁରାତନ (ସିଟି ସ୍କୁଲ) ର ଶତ ବାର୍ଷିକୀ ମହୋତ୍ସବ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ମହା ସମାରୋହରେ ଉଦ୍‌ଯାପିତ

ପୁରୀ (ଭାସ୍କର ନ୍ୟୁଜ) : ପୁରୀ ସଦର ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଆଜି ପୁରୀ ମିଶନ ଶକ୍ତି ଗୃହରେ ପ୍ରକଳ୍ପ ସ୍ତରୀୟ ଅଙ୍ଗନବାଡିକର୍ମୀଙ୍କ ୩ ଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦଘାଟନ କରି ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସୁସ୍ଥ ଓ ନିରୋଗ ରହିବାକୁ ପୁଷ୍ଟିକର ଓ ପୌଷ୍ଟିକ ଖାଦ୍ୟ ଅତ୍ୟନ୍ତ ଜରୁରି। ବିଶେଷ କରି ଶିଶୁ ଓ ଗର୍ଭବତୀ ମା ମାନଙ୍କର ସ୍ୱାସ୍ଥ୍ୟ ପାଇଁ ସଚେତନ ହେବା ଉଚିତ। ମହଙ୍ଗା ଖାଦ୍ୟ ଅପେକ୍ଷା ଘର ପାଖ ବାଡି ବଗିଚାରେ ମିଳୁଥିବା ଫଳ, ପନିପରିବା, ଶାଗ,ଚୁନା ମାଛ ଇତ୍ୟାଦିକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବାକୁ ମା' ମାନଙ୍କୁ ଅବଗତ କରାଇବାକୁ ସେ ଅନୁରୋଧ କରିଥିଲେ। ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ ଯୋଗ ଦେଇ ସରକାରଙ୍କ ପକ୍ଷରୁ ଅଙ୍ଗନବାଡ଼ି ମାନଙ୍କ ପାଇଁ ଯେଉଁ ମାର୍ଗଦର୍ଶିକା ପ୍ରଣୟନ ହୋଇଛି ତାହାର ସଠିକ ଅନୁପାଳନ ସହ ପୋଷଣ ନିୟମକୁ ମାନି ଚଳିବାକୁ ପରାମର୍ଶ ଦେଇଥିଲେ। ସଦର ସିଡିପିଓ ବିନୋଦିନୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରୀ ସଦର ସୁପରଭାଇଜର ମଧୁଛନ୍ଦା ରାଉଳ, ପୁରୀ ମୁନିସପାଲିଟି ସୁପରଭାଇଜର ପ୍ରଣତି ଚିନ୍ନାରା ପ୍ରମୁଖ ଉପସ୍ଥିତ ରହି ପୋଷଣ ପକ୍ଷ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ପୁରୀ ସଦର ଓ ମୁନିସପାଲ୍ଟିର ଅଙ୍ଗନବାଡ଼ି କର୍ମୀ ମାନେ ଯୋଗ ଦେଇଥିଲେ।

ଝାରସୁଗୁଡ଼ାରେ ସମ୍ବଲପୁରୀ ଭାଷା ଶିକ୍ଷା, ପଠନ ପାର୍ବଣ ପୁସ୍ତକ ଉନ୍ମୋଚିତ

ଝାରସୁଗୁଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଝାରସୁଗୁଡ଼ା ଠାରେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ସମଗ୍ର ଶିକ୍ଷା ଯୋଜନା ଅନ୍ତର୍ଗତ ଦ୍ୱିଭାଷୀ ବର୍ଣ୍ଣମାଳା ପୁସ୍ତକ 'ସମ୍ବଲପୁରୀ ଭାଷା ଶିକ୍ଷା' ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲିଖନ କୌଶଳ ଓ ପଠନ ଗୁଣବତ୍ତାକୁ ବୃଦ୍ଧି କରିବା ଦିଗରେ ସ୍କୁଲ ଛାତ୍ରଛାତ୍ରୀଙ୍କ ଲେଖାକୁ ନେଇ ପ୍ରସ୍ତୁତ 'ପଠନ ପାର୍ବଣ' ପୁସ୍ତକ ଉନ୍ମୋଚନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତି ଅଧୀନରେ ଏଭଳି ସାଧୁ ଉଦ୍ୟମ ପାଇଁ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଯେ ଓଡ଼ିଶାର ପଶ୍ଚିମାଞ୍ଚଳରେ କଥିତ ମାତୃଭାଷାକୁ ରାଜ୍ୟ ଭାଷା ଓଡ଼ିଆ ସହ ଯୋଡାଯିବା ଦିଗରେ ଆଜି ଏକ ନୂଆ ସେତୁବନ୍ଧ ତିଆରି ହୋଇଛି । 'ସମ୍ବଲପୁରୀ ଭାଷା ଶିକ୍ଷା' ପୁସ୍ତକ ଦ୍ୱାରା ଆମର ସ୍ଥାନୀୟ ଅଞ୍ଚଳର ପିଲାମାନେ ସମ୍ବଲପୁରୀ - କୋଶଲି ଭାଷାରେ ଓଡ଼ିଆ ବର୍ଣ୍ଣମାଳାର ଧ୍ୱନି, ବର୍ଣ୍ଣ, ଶବ୍ଦ ବ୍ୟବହାର ସହିତ ଓଡ଼ିଆ ଭାଷାର ବର୍ଣ୍ଣ ପ୍ରକରଣ ଶିଖିପାରିବେ । କଥନ ସହିତ ପଠନ ଓ ଲିଖନରେ ମଧ୍ୟ ଦକ୍ଷତା ଅର୍ଜନ କରିପାରିବେ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିୟମିତ ପୁସ୍ତକ ପଠନ ଅଭ୍ୟାସକୁ ବୃଦ୍ଧି କରିବା ଲକ୍ଷ୍ୟରେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ 'ପଠନ ପାର୍ବଣ' ଆରମ୍ଭ ହୋଇଥିଲା । ଏହି ପଠନ ପାର୍ବଣ ଅଭିଯାନ ଗତ ବର୍ଷ ୧୮ ନଭେମ୍ବର ୨୦୨୪ରୁ ଆରମ୍ଭ ହୋଇ ୨୬ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ଚାରୋଟି ବର୍ଗରେ ପ୍ରଥମରୁ ତୃତୀୟ, ଚତୁର୍ଥରୁ ପଞ୍ଚମ, ଷଷ୍ଠରୁ ଅଷ୍ଟମ ଏବଂ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ନେଇ ଏହା ଅନୁଷ୍ଠିତ ହୋଇଥିଲା । ପିଲାମାନଙ୍କୁ ବିଭିନ୍ନ ପୁସ୍ତକ ପଢି ତାହାକୁ ସାଂରାଶରେ ଲେଖିବା ପାଇଁ କୁହାଯାଇଥିଲା । ପିଲାମାନେ ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀ ଭାଷାରେ ଏକ ପୁସ୍ତକ ପଢି ତାହାର ସାରାଂଶ ପ୍ରସ୍ତୁତ କରୁଥିଲେ, ଯାହାକୁ ନେଇ ଏକ ପୁସ୍ତକ ଆଜି ଲୋକାର୍ପିତ ହୋଇଛି । ପଠନ ପାର୍ବଣ ଭଳି କାର୍ଯ୍ୟକ୍ରମ ଜରିଆରେ ଝାରସୁଗୁଡ଼ା ଜିଲ୍ଲାର ୫୬,୦୦୦ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି । ବହି ପଢିବା ଦ୍ୱାରା ପିଲାମାନଙ୍କ ମଧ୍ୟରେ ନବସୃଜନ ଚିନ୍ତାଧାରା ବୃଦ୍ଧି ହେଉଥିବା ସେ କହିଛନ୍ତି । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଦେଶରେ ଜାତୀୟ ଶିକ୍ଷା ନୀତି କ୍ରିୟାନ୍ୱୟନ ହେବା ପରେ ଝାରସୁଗୁଡ଼ା ସମେତ ସମଗ୍ର ଭାରତବର୍ଷରେ ଶିକ୍ଷଣ ଫଳାଫଳ ବୃଦ୍ଧି ହୋଇଛି । ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ସର୍ବଶିକ୍ଷା ଅଭିଯାନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ସମଗ୍ର ଶିକ୍ଷା ଅଭିଯାନରେ ଡ୍ରପ୍ ଆଉଟ ହ୍ରାସ କରିବା ତଥା ସବୁ ବର୍ଗର ପିଲାମାନଙ୍କୁ ସ୍କୁଲକୁ ଆଣିବା ମୂଳ ଉଦ୍ଦେଶ୍ୟ ରହିଛି । ଝାରସୁଗୁଡ଼ା ଜିଲ୍ଲାର ଛାତ୍ରଛାତ୍ରୀଙ୍କର ଶିକ୍ଷଣ ଫଳାଫଳ ଜାତୀୟ ସ୍ତର ଠାରୁ ଅଧିକ ହୋଇଛି । 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲା ଲଖନପୁରର ଚାଷୀ ପରିବାରର ଝିଅ ପ୍ରୀତି ବିଶ୍ୱାଳଙ୍କ ଚିନ୍ତାଧାରା ଓ ଆତ୍ମବିଶ୍ୱାସ ସମସ୍ତଙ୍କୁ ପ୍ରଭାବିତ କରିଛି । ଆଜି ଭାଷା ସବୁଠୁ ବଡ ବିଷୟ ହୋଇଛି । ସ୍ୱଭାବ କବି ଗଙ୍ଗାଧର ମେହେର ସମ୍ବଲପୁରୀ ଭାଷାରେ କଥା ହେଉଥିଲେ ମଧ୍ୟ ଓଡ଼ିଆରେ କବିତା ଲେଖୁଥିଲେ । ବ୍ୟାସକବି ଫକୀରମୋହନ ସେନାପତି ବାଲେଶ୍ୱରର କଥିତ ଭାଷାରେ କଥା କହୁଥିଲେ ମଧ୍ୟ ଓଡ଼ିଆ ଭାଷାରେ ଉପନ୍ୟାସ ଲେଖୁଥିଲେ । ରାମାୟଣର ଭାଷା ଅଲଗା ହୋଇ ପରେ କିନ୍ତୁ ତାହାର ଭାବ ଅର୍ଥ ଗୋଟିଏ । ପ୍ରଧାନମନ୍ତ୍ରୀଙ୍କ ମତରେ ସବୁ ଭାରତୀୟ ଭାଷା ହେଉଛି ରାଷ୍ଟ୍ରୀୟ ଭାଷା । ଆଜି ବିଶ୍ୱର ଅନେକ ଦେଶର ବିକାଶ ହୋଇଛି ଇଂରାଜୀ ଭାଷା ପାଇଁ ନୁହେଁ ତାହାର ଆଞ୍ଚଳିକ ଭାଷା ପାଇଁ । ପିଲାମାନଙ୍କର ସାମାଜିକ ଓ ଜ୍ଞାନାତ୍ମକ ବିକାଶ ଭାଷାରେ ହିଁ ସମୃଦ୍ଧ ହୁଏ । ଜନ୍ମବେଳୁ ପିଲାମାନେ ଯେଉଁ ଭାଷାରେ ପାଠ ପଢନ୍ତି, ସେହି ଭାଷାରେ ପଢିଲେ ଏବଂ ଲେଖିଲେ ସେମାନଙ୍କର ସୃଜନଶୀଳ ଶକ୍ତି ବୃଦ୍ଧି ହୋଇଥାଏ । ମାତୃଭାଷାରେ ପିଲାମାନେ ଛୋଟବେଳୁ ପାଠ ପଢିଲେ ହିଁ ସନ୍ତ କବି ଭୀମ ଭୋଇ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭଳି ନୂଆପିଢିର ନେତୃତ୍ୱ ତିଆରି ହେବେ । ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ସମ୍ବଲପୁରୀ ଭାଷା ପ୍ରାଇମରର ଶୁଭାରମ୍ଭ କରି ଭାଷାକୁ ସମ୍ମାନ ଦେବା ଦିଗରେ ଏକ ବଡ ରେଖା ଟାଣିଛି ବୋଲି ଶ୍ରୀ ପ୍ରଧାନ କହିଥିଲେ । ଝାରସୁଗୁଡ଼ା ଜିଲ୍ଲାର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ବିଦ୍ୟାଳୟ ଓ ବିକାଶ ପରିଚାଳନା ସମିତିକୁ ଏହି ଉଦ୍ୟମକୁ ସଫଳ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ଏହି ଉନ୍ମୋଚନ ସମାରୋହରେ ଓଡ଼ିଶା ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସାଂସଦ ପ୍ରଦୀପ ପୁରୋହିତ ଏବଂ ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

ଝାନସୀପାଟଣା ହତ୍ୟାକାଣ୍ଡର ଦୁଇ ସହଯୋଗୀଙ୍କୁ କୋର୍ଟ ଚାଲାଣ

ବୋଲଗଡ (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଥାନା ଅଧିନ ତୃତୀୟପଡା ଝାନସୀପାଟଣା ଗାଁ ଦାଣ୍ଡରେ ହୋଇଥିବା ହତ୍ୟାର ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ସିଦ୍ଧାନ୍ତଓ ତାର ସହଯୋଗୀ ଅବୁଲ ଖାଁ ଫେରାର ଅଛନ୍ତି । ଅପରପକ୍ଷେ ବୋଲଗଡ ଥାନା ପୁଲିସ ତଦନ୍ତ ଜାରିରଖି ମୁଖ୍ୟ ଅଭିଯୁକ୍ତଙ୍କୁ ଖୋଜିବାକୁ ପ୍ରୟାସ ଜାରି ରଖିଛି ବୋଲି ଥାନା ଅଧିକାରିଣୀ ସୂଚନା ଦେଇଛନ୍ତି । ଜାତିଆଣ ଆକ୍ଷେପକୁ ନେଇ ଘଟିଥିବା ଏହି ହତ୍ୟା ବୋଲଗଡ ଅଞ୍ଚଳରେ ଚାଞ୍ଚଲ୍ୟ ସହିତ ପରିବେଶ ନିସ୍ତବ୍ଧତା ପାଲଟିଛି । ମୁଖ୍ୟ ଅଭିଯୁକ୍ତର ସହଯୋଗୀ ତାର ପିତା ରାମଚନ୍ଦ୍ର ବେହେରା (୫୦),ମାତା ସୁଶାନ୍ତି ବେହେରା (୪୫) ଙ୍କୁ ସହଯୋଗୀ ଆସାମୀ ଭାବେ ବୋଲଗଡ ପୋଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ହତ୍ୟାରେ ମୃତ୍ୟୁବରଣ କରିଥିବା ପ୍ରତାପ କୁମାର ସେଠୀ (୪୫)ଙ୍କ ପୁଅ ରସାନନ୍ଦ ସେଠୀ (୨୨) ଗୁରୁତର ଆହତ ହୋଇ ଥିବାବେଳେ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସା ଜାରିରହିଛି । ଆଜି ବୋଲଗଡ ଥାନା ପୋଲିସ ଦୁଇଜଣଙ୍କୁ କୋର୍ଟ ଚାଲାଣ କରି ମୁଖ୍ୟ ଅଭିଯୁକ୍ତକୁ ଧରିବା ପାଇଁ ପ୍ରୟାସ ଜାରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଖୁବଶୀଘ୍ର ଧରି କୋର୍ଟ ଚାଲାଣ କରିବେ ବୋଲି ଥାନା ଅଧିକାରିଣୀ କହିଛନ୍ତି ।

ଦେଶୀମଦ କାରଖାନା ଉପରେ ଅବକାରୀ ବିଭାଗର ଚଢ଼ାଉ

ବେତନଟୀ (ଭାସ୍କର ନ୍ୟୁଜ): ବେତନଟୀ ଅବକାରୀ ଥାନା ଅଧୀନ ବଡ଼ସାହି ଥାନା ଅଞ୍ଚଳରେ ଚୋରା ଦେଶୀମଦ କାରଖାନା ଉପରେ ଆଜି ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଘଟଣାରୁ ପ୍ରକାଶ ବଡ଼ସାହି ଥାନା ଅଧୀନ ଡିଙ୍ଗିରା ନଦୀ ପାଖରେ ଚୋରା ଦେଶମଦ କାରଖାନା ଚାଲିଥିବାର ଖବରପାଇ ଅବକାରୀ ବିଭାଗ ଚଢାଉ କରିଥିଲା । ଅବକାରୀ ବିଭାଗର ଚଢାଉରେ ମଦମାଫିଆମାନେ ଜଙ୍ଗଲ ଭିତରେ ଚମ୍ପଟ ମାରିବାରେ ସଫଳ ହୋଇଥିଲେ।

ନାରୀ ସୁରକ୍ଷା ପ୍ରତିବାଦରେ ମଶାଲ ଶୋଭାଯାତ୍ରା

ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): ନାରୀ ସୁରକ୍ଷା ପ୍ରତିବାଦ ରେ ଆଜି ସନ୍ଧ୍ୟାରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ଙ୍କ ନେତୃତ୍ୱରେ ଏକ ମଶାଲ ଶୋଭା ଯାତ୍ରା କରାଯାଇଛି । ଏଇ ଶୋଭା ଯାତ୍ରାରେ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇ ବିଭିନ୍ନ ନାରା ଦେଇ ହାତରେ ମଶାଲ ଧରି ସ୍ଥାନୀୟ ରେଲୱେ ଛକ ଠାରୁ ବାହାରି ସହର ପରିକ୍ରମା କରି ଆମ୍ବେଦକର ଛକ ପର୍ଯ୍ୟନ୍ତ ଯାଇଥିଲେ । ଏନେଇ ରାଜ୍ୟରେ ନାରୀ ନିର୍ଯ୍ୟାତନା ବଢିବା ସହ ଗଣ ଦୁଷ୍କର୍ମ,ଅପ୍ରାପ୍ତ ବୟସର ଛାତ୍ରୀ ମାନେ ଗର୍ଭବତୀ,ବାଳିକା, ମହିଳା ନିଖୋଜର ଚରମ ସୀମା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷୀଥିଲେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା। ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଜ୍ୟ ସରକାର ମୋହନ ଚରଣ ମଝିଙ୍କ କୁଶପୁତ୍ତଳିକା ଦାହ ଜରାଯାଇଥିଲା। ଏଥିରେ ଶୋଭା ଯାତ୍ରାରେ ସାଂସଦ ପ୍ରତିନିଧି କୈଳାଶ ଖସଲା, ଜିଲା ପରିଷଦ ପିଙ୍କି ହୀମେରିକା,ଧର୍ମେନ୍ଦ୍ର ବାଗ, ନବୀନ ମହାନନ୍ଦିଆ,କାର୍ତ୍ତିକ ମହାନନ୍ଦିଆ, ପଞ୍ଚାନନ ଖରା ଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ଏତେ ସବୁ ବାଦେ ବି କୌଣସି ପୋଲିସର ଦେଖା ନଥିଲା

ଗୃହରକ୍ଷୀ ପଦବୀ ସଂଖ୍ୟା ବୃଦ୍ଧି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ଏବେ ଗୃହରକ୍ଷୀ (ହୋମଗାର୍ଡ) ନିଯୁକ୍ତି ଚାଲିଥିବା ବେଳେ ସୃଷ୍ଟି ହୋଇଛି ଅତିରିକ୍ତ ୨,୫୦୦ ପଦବୀ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି । ରାଜ୍ୟରେ ବର୍ତ୍ତମାନ ଗୃହରକ୍ଷୀ ପଦବୀ ସଂଖ୍ୟା ୧୭,୬୭୫ ଅଛି। ୨,୫୦୦ ନୂଆ ପଦବୀ ସୃଷ୍ଟି ହେବା ପରେ ସମୁଦାୟ ପଦବୀ ସଂଖ୍ୟା ୨୦,୧୭୫ ହେଲା। ସୂଚନାଯୋଗ୍ୟ ଯେ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ କରିବା ପାଇଁ ରାଜ୍ୟ ପୋଲିସ ବାହିନୀରେ ପଦବୀ ସଂଖ୍ୟା ବୃଦ୍ଧି କରାଯିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ । ରାଜ୍ୟ ପୋଲିସ ବିଭାଗର ବିଭିନ୍ନ ଶାଖାରେ ପ୍ରାୟ ୧୨,୦୦୦ ପଦବୀ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଛନ୍ତି । ସୂଚନାଯୋଗ୍ୟ, କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ ରାଜ୍ୟ ସରକାର ପ୍ରାୟ ୧୨,୦୦୦ ଖାଲି ପୋଲିସ ପଦବୀ ପୂରଣ କରିବେ। ନୂଆଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ତାଙ୍କର ସାକ୍ଷାତ ପରେ ଏହି ଘୋଷଣା କରିଥିଲେ। ଶାହଙ୍କ ସହ ଆଲୋଚନାରେ ବିଶେଷ କରି ପୋଲିସ ବାହିନୀ ମଧ୍ୟରେ କର୍ମଚାରୀ ଅଭାବକୁ ଦୂର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଖାଲି ପଦବୀକୁ ପୂରଣ କରିବା ସହିତ ମୁଖ୍ୟମନ୍ତ୍ରୀ ମାଝୀ ଟ୍ରାଫିକ୍ ପରିଚାଳନା ଏବଂ ସାଇବର ଅପରାଧ ଭଳି ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସରକାର ସମୟୋଚିତ ନିଯୁକ୍ତି ଉପରେ ଧ୍ୟାନ ଦେଇ ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏକ ସମନ୍ୱିତ ପ୍ରୟାସ କରୁଛନ୍ତି। ଏହା ବ୍ୟତୀତ, ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ମାଓ ଆନ୍ଦୋଳନର ସମସ୍ୟା ଯଥେଷ୍ଟ ହ୍ରାସ ପାଇଛି। ବର୍ତ୍ତମାନ କେବଳ ୧୦ଟି ଜିଲ୍ଲାକୁ ପ୍ରଭାବିତ କରୁଛି। ପୂର୍ବ ସରକାରଙ୍କ ସମୟରେ ଗୃହ ବିଭାଗର ଅଧିକାରୀ ମାନଙ୍କ ସମେତ ପୋଲିସ କର୍ମଚାରୀଙ୍କ ଅନେକ ଖାଲି ପଦବୀ ପୂରଣ କରିବାରେ ଅଭାବ ଥିଲା। ଆମ ସରକାର କ୍ଷମତାକୁ ଆସିବା ପରେ ଖାଲି ପଦବୀ ପୂରଣକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନେଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୫୦ ଘଣ୍ଟା ପରେ...

ଜଣେ ଦୁର୍ବୃତ୍ତ ଜୁସ୍ ପିଆଇଦେବ କହି ଶିଶୁଟିକୁ ସାଙ୍ଗରେ ନେଇ ଚମ୍ପଟ ମାରିଥିଲା। ନିଦ ଭାଙ୍ଗିବା ପରେ ପୁଅକୁ ନପାଇ ବ୍ୟତିବ୍ୟସ୍ତ ହୋଇଥିଲେ। ଏ ନେଇ ପରଦିନ ଖାରବେଳନଗର ଥାନାରେ ମଧ୍ୟ ଏତଲା ଦେଇଥିଲେ। ଏହି ଘଟଣାରେ ପୋଲିସ ବିଭିନ୍ନ ସ୍ଥାନରେ ମଧ୍ୟ ପଚରାଉଚୁରା କରିଥିଲା। ଏପରିକି ଦୃଷ୍ଟିବାଧିତ ମହିଳାଙ୍କୁ ଛାଡ଼ି ଦେଇଥିବା ସ୍ୱାମୀଙ୍କୁ ମଧ୍ୟ ପୋଲିସ ପଚରାଉଚୁରା କରିଥିଲା। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଚୋରି ହୋଇଥିବା ଶିଶୁପୁତ୍ର ନିଜ ମାଆ କୋଳକୁ ଫେରି ଆସିଥିବା ଖବର ମୋତେ ଆଶ୍ୱସ୍ତି ଦେଇଛି। ଶିଶୁପୁତ୍ରକୁ ପାଇବାର ହସ ମାଆର ମୁହଁରେ ଦେଖି ମୁଁ ଆନନ୍ଦିତ ହୋଇଛି। ଜଣେ ଗରିବ ଓ ଅସହାୟ ମହିଳାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ ପୋଲିସ ପ୍ରଶାସନର ପଦକ୍ଷେପ ପ୍ରଶଂସନୀୟ। ଗରିବଙ୍କ ସମସ୍ୟାର ସମାଧାନ ହିଁ ଆମର ସର୍ବୋଚ୍ଚ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ପ୍ରତିମୂର୍ତ୍ତି ପୋଡ଼ି...

ତାଙ୍କର ଗଭୀର ସମ୍ମାନ ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଗତ ମାର୍ଚ୍ଚ ୫ ତାରିଖରେ ବିଜୁବାବୁଙ୍କ ଜୟନ୍ତୀକୁ ରାଜ୍ୟସ୍ତରରେ ଖୁବ୍ ଉତ୍ସାହର ସହ ପାଳନ କରାଯାଇଥିବାବେଳେ ଆସନ୍ତା ୧୭ ତାରିଖରେ ତାଙ୍କର ଶ୍ରାଦ୍ଧ ଦିବସକୁ ମଧ୍ୟ ରାଜ୍ୟ ସରକାର ମହାସମାରୋହରେ ପାଳନ କରିବେ।

ନବଜାତକ...

ହସ୍ପିଟାଲରେ ତାଙ୍କ ନବଜାତକର ସୁରକ୍ଷା ନେଇ ବାପା-ମାଆ ଅଧିକ ସତର୍କ ରହିବା ଉଚିତ୍ । କୋର୍ଟ ଆହୁରି କହିଛନ୍ତି ଯେ ଯଦି କୌଣସି ବାପା-ମାଆଙ୍କ ନବଜାତକର ମୃତ୍ୟୁ ହୁଏ ତେବେ ସେମାନଙ୍କୁ କଷ୍ଟ ଲାଗେ। ସେମାନେ ଭାବନ୍ତି ତାଙ୍କ ପିଲା ଈଶ୍ୱରଙ୍କ ପାଖକୁ ଚାଲିଗଲା। ମାତ୍ର ଯଦି ତାଙ୍କ ପିଲା ଚୋରି ହୋଇଯାଏ ତେବେ ତାଙ୍କ ମନକଷ୍ଟର ଅନୁମାନ କରିହେବ ନାହିଁ । କିନ୍ତୁ ନିଃସନ୍ତାନମାନେ ନୁହେଁ ଯେ ଅନ୍ୟ କାହା ପିଲାକୁ କିଣିନେବା ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ବିଜୁବାବୁଙ୍କ ପ୍ରତିମୂର୍ତ୍ତି...

ତୀବ୍ର ନିନ୍ଦା କରିଛନ୍ତି। ଏହି ଘଟଣାକୁ ନେଇ ବିଜେଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ କହିଛି ଯେ ମହାନ ଜନନାୟକ, ପ୍ରବାଦ ପୁରୁଷ ତଥା ଭାରତ ବର୍ଷର ମୁକ୍ତି ଆନ୍ଦୋଳନର ଅନନ୍ୟ ଜନନାୟକ ବିଜୁ ପଟ୍ଟନାୟକ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ। ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା କହିଛନ୍ତି ଯେ ବିଜୁବାବୁ କୌଣସି ଦଳ ବା ଗୋଷ୍ଠୀର ନେତା ନୁହନ୍ତି। ସେ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ। ଓଡ଼ିଶାର ସେ ସର୍ବମାନ୍ୟ ନେତା ଓ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିବା ଓଡ଼ିଆ ଜାତିର ମହାନ ଜନନାୟକ। ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ନିଆଁ ଲଗାଇବା କେବଳ ଏକ ଜଘନ୍ୟ ଅପରାଧ ନୁହେଁ, ଓଡ଼ିଶାର ସ୍ୱାଭିମାନ ଓ ଅସ୍ମିତାକୁ ଭୁ

ଜାତୀୟ ଓ ଅନ୍ତର୍ଜାତୀୟ

ମୁମ୍ବାଇ: ବମ୍ବେ ହାଇକୋର୍ଟ ପୋକ୍ସୋ ମାମଲାରେ ତିନିବର୍ଷ ଜେଲରେ ଥିବା ଜଣେ ୨୨ ବର୍ଷୀୟ ଯୁବକଙ୍କୁ ମୁକ୍ତ କରିଛନ୍ତି। ଯୁବକଙ୍କୁ ମୁକ୍ତ କରିବା ସମୟରେ କୋର୍ଟ କହିଥିଲେ ଯେ ୧୫ ବର୍ଷୀୟା ଯୁବତୀ ଜଣଙ୍କ ତାଙ୍କ କାର୍ଯ୍ୟର ପରିଣାମ ବୁଝିବା ପାଇଁ ସମ୍ପୂର୍ଣ୍ଣ ସୁସ୍ଥ। ସେ ନିଜ ଇଚ୍ଛାରେ ତାଙ୍କ ସହିତ ପଳାଇ ଯାଇଥିଲେ। ଯୁବତୀ ସହମତିରେ ଯୁବକଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। କୋର୍ଟ କହିଥିଲେ ଯେ ଯୁବତୀ କ'ଣ କରୁଛନ୍ତି ସେ ବିଷୟରେ ଅବଗତ ଥିଲେ ଏବଂ ସବୁକିଛି ଜାଣିବା ସତ୍ତ୍ୱେ, ସେ ଯୁବକଙ୍କ ସହ ପଳାଇ ଯାଇଥିଲେ। ସୂଚନାଯୋଗ୍ୟ, ଜଷ୍ଟିସ ମିଲିନ୍ଦ ଜାଧବଙ୍କ ଖଣ୍ଡପୀଠ ତିନିବର୍ଷରୁ ଅଧିକ ସମୟ ଧରି ଜେଲରେ ଥିବା ଜଣେ ବ୍ୟକ୍ତିଙ୍କ ଜାମିନ ଆବେଦନର ଶୁଣାଣି କରୁଥିଲେ। ପୂରା ମାମଲା ୨୦୨୦ରୁ ଆରମ୍ଭ ହୁଏ, ଯେତେବେଳେ ୧୫ ବର୍ଷୀୟା ଯୁବତୀ ଅଗଷ୍ଟ ୮ରେ ତାଙ୍କ ଘରୁ ବାହାରି ଯାଇ ଆଉ ଫେରିନଥିଲା। ଯୁବତୀଙ୍କ ବାପା ସନ୍ଦେହ କରିଥିଲେ ଯେ ସେ ପାଡିତାଙ୍କ ସହିତ ଥାଇପାରେ। ଯୁବତୀଙ୍କ ବାପା ଯୁବକଙ୍କ ଘରକୁ ଗଲେ, ସେଠାରେ କେହି ନଥିଲେ। ଏହି କାରଣରୁ ସେମାନେ ଏକ ସମ୍ପର୍କ ମଧ୍ୟ ଗଢିଥିଲେ। କୋର୍ଟ କହିଛନ୍ତି ଯେ ଯେତେବେଳେ ଝିଅଟି ପୂର୍ବରୁ ଫୋନ କରି କହିଥିଲା ଯେ ସେ ଝୁପିର ଏକ ଗାଁରେ ଅଛି, ତେବେ ତାଙ୍କ ପରିବାର କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ।

ପଶ୍ଚିମବଙ୍ଗ ହିଂସା ପଛରେ ବାଂଲାଦେଶୀ ଅନୁପ୍ରବେଶକାରୀ: ଗୃହ ମନ୍ତ୍ରଣାଳୟ

ନୂଆଦିଲ୍ଲୀ : ୱାକଫ୍ ଆଇନକୁ ବିରୋଧ କରି ପଶ୍ଚିମବଙ୍ଗରେ ହେଉଥିବା ହିଂସା ସମ୍ପର୍କରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପ୍ରସ୍ତୁତ କରିଥିବା ରିପୋର୍ଟରେ ଚାଞ୍ଚଲ୍ୟକର ତଥ୍ୟ ରହିଛି । କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକଠାରୁ ଗୃହ ମନ୍ତ୍ରଣାଳୟକୁ ପଠାଯାଇଥିବା ପ୍ରାରମ୍ଭିକ ସୂଚନା ଅନୁଯାୟୀ, ହିଂସାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଭୂମିକା ରହିଛି । ରିପୋର୍ଟ ଅନୁଯାୟୀ, ବାଂଲାଦେଶୀମାନେ ଅବୈଧ ଭାବରେ ଦେଶରେ ପ୍ରବେଶ କରିବା ଯୋଗୁଁ କିଛି ପରିବାର ମୁର୍ଶିଦାବାଦରୁ ମାଲଦାକୁ ପଳାୟନ କରିବାକୁ ବାଧ୍ୟ ହୋଇଛନ୍ତି । ଗୃହ ମନ୍ତ୍ରଣାଳୟ ଦ୍ୱାରା ପ୍ରାପ୍ତ ପ୍ରାରମ୍ଭିକ ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ସ୍ଥାନୀୟ ପ୍ରଶାସନର ଅବହେଳା ହିଂସା ପ୍ରଭାବିତ ଅଞ୍ଚଳରେ ଅବୈଧ ବାଂଲାଦେଶୀମାନଙ୍କ ସକ୍ରିୟ ହେବାର ଏକ ପ୍ରମୁଖ କାରଣ ପାଲଟିଛି । ଅର୍ଥାତ୍ ରିପୋର୍ଟରେ ରାଜ୍ୟ ସରକାରଙ୍କ ସଂଦେହଜନକ ଭୂମିକା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି । ଗୃହ ମନ୍ତ୍ରଣାଳୟ ଦ୍ୱାରା ପ୍ରାପ୍ତ ପ୍ରାରମ୍ଭିକ ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ସ୍ଥାନୀୟ ପ୍ରଶାସନର ଅବହେଳା ହିଂସା ପ୍ରଭାବିତ ଅଞ୍ଚଳରେ ଅବୈଧ ବାଂଲାଦେଶୀମାନଙ୍କ ସକ୍ରିୟ ହେବାର ଏକ ପ୍ରମୁଖ କାରଣ ପାଲଟିଛି । ଅର୍ଥାତ୍ ରିପୋର୍ଟରେ ରାଜ୍ୟ ସରକାରଙ୍କ ସଂଦେହଜନକ ଭୂମିକା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି । ସୂତ୍ର ଅନୁଯାୟୀ, ବେଆଇନ ଭାବରେ ପ୍ରବେଶ କରିଥିବା ଏହି ବାଂଲାଦେଶୀ ଅନୁପ୍ରବେଶକାରୀମାନଙ୍କୁ ସରକାରୀ ନିୟମ ଅନୁଯାୟୀ ଯାଞ୍ଚ କରାଯାଇ ନଥିଲା ଏବଂ ଏହି କାରଣରୁ ସେମାନେ ହିଂସା ପ୍ରଭାବିତ ଅଞ୍ଚଳରେ ସକ୍ରିୟ ହୋଇଯାଇଥିଲେ । ଯାହାର ପରିଣାମ ସ୍ୱରୂପ କିଛି ପରିବାରକୁ ସେମାନଙ୍କର ଅଞ୍ଚଳ ଛାଡିବାକୁ ପଡିଲା । ଏହା ପରେ, ହିଂସା ପ୍ରଭାବିତ ଅଞ୍ଚଳରେ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀକୁ ମୁତୟନ କରାଯାଇଥିଲା । କେନ୍ଦ୍ର ସରକାର ନିରନ୍ତର ବଙ୍ଗଳା ହିଂସାର ପରିସ୍ଥିତିର ମୂଲ୍ୟାଙ୍କନ କରୁଛନ୍ତି । କେନ୍ଦ୍ର ସରକାର ନିୟମିତ ବ୍ୟବଧାନରେ କେନ୍ଦ୍ରୀୟ ଏଜେନ୍ସିରୁ ତାଙ୍କର ରିପୋର୍ଟ ମାଗୁଛନ୍ତି । ଏହା ବ୍ୟତୀତ, କେନ୍ଦ୍ର ସରକାର ମଧ୍ୟ ରାଜ୍ୟ ସରକାରଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି ।

ଅଯୋଧ୍ୟା ସମେତ ୧୦ରୁ ୧୫ ଜିଲ୍ଲାପାଳଙ୍କ ସରକାରୀ ଇ-ମେଲ୍‌କୁ ଧମକ

ନୂଆଦିଲ୍ଲୀ: ଉତ୍ତରପ୍ରଦେଶର ୧୦ରୁ୧୫ଟି ଜିଲ୍ଲାର ଜିଲ୍ଲାପାଳଙ୍କ ସରକାରୀ ଇ-ମେଲକୁ ଧମକ ଆସିଛି । ଏହି ଜିଲ୍ଲାଗୁଡ଼ିକ ବ୍ୟତୀତ ଅଯୋଧ୍ୟାର ରାମ ମନ୍ଦିର ଟ୍ରଷ୍ଟକୁ ମଧ୍ୟ ଏକ ଧମକପୂର୍ଣ୍ଣ ମେଲ୍ ଆସିଥିବା ଅଭିଯୋଗ ହୋଇଛି । ଗତ ସୋମବାର ରାତିରେ ରାମ ଜନ୍ମଭୂମି ଟ୍ରଷ୍ଟର ମେଲକୁ ଏକ ଧମକପୂର୍ଣ୍ଣ ମେଲ୍ ଆସିଥିଲା । ଏଥିରେ ଲେଖାଥିଲା ମନ୍ଦିରର ସୁରକ୍ଷା ବୃଦ୍ଧି କର ।' ଏହି ଧମକ ପାଇବା ପରେ ଅଯୋଧ୍ୟାର ସାଇବର ପୁଲିସ ଷ୍ଟେସନରେ ଏକ ମାମଲା ରୁଜୁ କରାଯାଇଥିଲା । ସାଇବର ସେଲ୍ ଏହି ମାମଲାର ତଦନ୍ତ କରୁଛି । ଅଯୋଧ୍ୟା ସହିତ ବାରବାଙ୍କି, ଫିରୋଜାବାଦ ଏବଂ ଚନ୍ଦୌଲି ସମେତ ୧୦ରୁ ୧୫ଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବୋମା ମାଡ଼ କରିବାକୁ ମେଲରେ ଉଲ୍ଲେଖ ରହିଛି । ଏହି ମେଲଗୁଡ଼ିକ ତାମିଲନାଡୁରୁ ଆସିଥିବା କୁହାଯାଉଛି । ଧମକ ପରେ ପୁଲିସ ପ୍ରଶାସନ ସତର୍କ ହୋଇ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରି ତଦନ୍ତ ଆରମ୍ଭ କରିଛି । ତଦନ୍ତ ପରେ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବର୍ତ୍ତମାନ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ ।

ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୪ ମୃତ

ନୂଆଦିଲ୍ଲୀ: କୋଟାରେ ଭୟଙ୍କର ସଡକ ଦୁର୍ଘଟଣା । ମଙ୍ଗଳବାର ସକାଳ ପ୍ରାୟ ୮ଟାରେ ଏକ ଦ୍ରୁତଗାମୀ କାର ସାମ୍ନାରୁ ଆସୁଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲା । ଏଥିରେ ବାଇକରେ ଥିବା ଗୋଟିଏ ପରିବାରର ଚାରି ଜଣଙ୍କର ମୃତ୍ୟୁ ଘଟିଛି । ଏମାନଙ୍କ ମଧ୍ୟରେ ସ୍ୱାମୀ, ସ୍ତ୍ରୀ ଏବଂ ପୁଅ ଅନ୍ତର୍ଭୁକ୍ତ । ଧକ୍କା ଏତେ ଜୋରଦାର ଥିଲା ଯେ ଉଭୟ ଗାଡ଼ି ଓଲଟି ପଡ଼ି ରାସ୍ତାରୁ ଏକ ଖାଇକୁ ଖସି ପଡ଼ିଲା । ସୁଲତାନପୁର ପୋଲିସ ଷ୍ଟେସନ ଅଧିକାରୀ ସତ୍ୟନାରାୟଣ କହିଛନ୍ତି ଯେ କାରଟି କୋଟା ଠାରୁ ସୁଲତାନପୁରକୁ ଯାଉଥିଲା । ସେପଟେ ବାଇକ୍ ଆରୋହୀ ଲିଆକତ ଶେଓପୁରରୁ ଇଟାୱା ସୁଲତାନପୁର ଦେଇ ତାଙ୍କ ଗାଁ ଭୌନରାକୁ ଯାଉଥିଲେ । ଦୁର୍ଘଟଣାଟି ମୋରପା ଗୋରାଜି ନିକଟରେ ଘଟିଥିଲା । କୁହାଯାଉଛି କି ଏହି ଭୟଙ୍କର ଦୁର୍ଘଟଣାରେ ବାଇକ୍ ଆରୋହୀ ରାସ୍ତାରୁ ବହୁତ ଦୂରରେ ଥିବା ବୁଦା ଭିତରକୁ ପଡ଼ିଯାଇଥିଲା । ତୁରନ୍ତ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ସୁଲତାନପୁର ଡାକ୍ତରଖାନାକୁ ନେଇଥିଲା । ଯେଉଁଠାରେ ଡାକ୍ତର ସମସ୍ତ ଚାରି ଜଣଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଦେହଗୁଡ଼ିକର ପୋଷ୍ଟମର୍ଟମ କରାଯାଇଥିଲା । ଘଟଣା ପରେ, ସୁଲତାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବହୁ ସଂଖ୍ୟକ ଲୋକ ଏକାଠି ହୋଇଥିଲେ । ଦୁର୍ଘଟଣାରେ ଉଭୟ ଗାଡ଼ି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି । କାରରେ ଥିବା ଲୋକମାନେ ମଧ୍ୟ ଆହତ ହୋଇଥିଲେ । ତାଙ୍କୁ ମଧ୍ୟ ଡାକ୍ତରଖାନାକୁ ନିଆଯାଇଥିଲା ।

ନ୍ୟାସନାଲ ହେରାଲ୍ଡ ମାମଲା

ରାହୁଲ, ସୋନିଆଙ୍କ ବିରୋଧରେ ଚାର୍ଜସିଟ୍

ନୂଆଦିଲ୍ଲୀ: କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧିଙ୍କ ପାଇଁ ବଢ଼ିଲା ଅଡୁଆ । ନ୍ୟାଶନାଲ୍ ହେରାଲ୍ଡ ମାମଲାରେ ଚାର୍ଜସିଟ୍ ଦାଖଲ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟରେ ଚାର୍ଜସିଟ୍ ଦାଖଲ ହୋଇଛି । ଯାଞ୍ଚ ଏଜେନ୍ସି ଦ୍ୱାରା ଦାଖଲ ହୋଇଥିବା ଅଭିଯୋଗ ପତ୍ରରେ ଉଭୟଙ୍କ ନାଁ ରହିଛି । ସୋନିଆ ଏବଂ ରାହୁଲ ଗାନ୍ଧିଙ୍କୁ ମନି ଲଣ୍ଡ୍ରିଂ ମାମଲାରେ ଅଭିଯୁକ୍ତ କରାଯାଇଛି । କେସ୍‌ରେ କଂଗ୍ରେସ ବରିଷ୍ଠ ନେତା ସାମ୍ ପିଟ୍ରୋଦା, ସୁମନ ଦୁବେଙ୍କ ସହିତ ଅନେକ ନେତାଙ୍କ ନାଁ ସାମିଲ୍ ରହିଛି । ନ୍ୟାଶନାଲ୍ ହେରାଲ୍ଡ କେସ୍‌ରେ ଚାର୍ଜସିଟ୍ ଦାଖଲ ପରେ ମାମଲାର ଶୁଣାଣି ଏପ୍ରିଲ୍ ୨୫ରେ ହେବ ବୋଲି ନିର୍ଦ୍ଦେଶ ଦେଇଛନ୍ତି ରାଉଜ ଆଭେନ୍ୟୁ କୋର୍ଟ । ଅଭିଯୋଗ ପତ୍ରରେ ପିଏମଏଲଏ-୨୦୦୨ ଧାରା ୪୪ ଓ ୪୫ରେ ଅର୍ଥ ହେରଫେର ମାମଲା ରୁଜୁ ହୋଇଛି । ଏହା ପୂର୍ବରୁ ଏହି ମାମଲାରେ ଯାଞ୍ଚ ଏଜେନ୍ସି କଂଗ୍ରେସର ଦୁଇ ବରିଷ୍ଠ ନେତାଙ୍କ ସମ୍ପତ୍ତି ଜବତ ପ୍ରକ୍ରିୟା ଆରମ୍ଭ କରିଥିଲା । ଆସୋସିଏଟେଡ୍ ଜର୍ଣ୍ଣାଲ୍ ଲିମିଟେଡ୍ କମ୍ପାନି ସହ ଜଡ଼ିତ ୭ଶହ କୋଟିର ସମ୍ପତ୍ତି ଜବତ କରିଛି ଇଡି । ପ୍ରଥମଥର ପାଇଁ କଂଗ୍ରେସ ସଂସଦୀୟ ଦଳ ନେତା ସୋନିଆ ଗାନ୍ଧି ଏବଂ ବିରୋଧୀ ଦଳ ନେତା ରାହୁଲଙ୍କ ବିରୋଧରେ କୌଣସି ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଛି । ୨୦୧୪ରେ ଦିଲ୍ଲୀର ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶରେ, ଇଡି ଆସୋସିଏଟେଡ୍ ଜର୍ଣ୍ଣାଲ୍ ଲିମିଟେଡ୍ ଓ ୟଙ୍ଗ୍ ଇଣ୍ଡିଆ ବିରୁଦ୍ଧରେ ଚଗଖଇ ଅଧୀନରେ ତଦନ୍ତ ଆରମ୍ଭ କରିଥିଲା । ଯାଞ୍ଚ ଏଜେନ୍ସି ବର୍ତ୍ତମାନ ସୁଦ୍ଧା ଏଜେଜେଏଲ ଓ ୟଙ୍ଗ ଇଣ୍ଡିଆର ପ୍ରାୟ ୮୫୧.୯ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି । ୧୯୩୮ରେ ଜବାହାରଲାଲ୍ ନେହରୁ ନ୍ୟାଶନାଲ ହେରାଲ୍ଡ ସମାଚାର ପତ୍ରର ସ୍ଥାପନା କରିଥିଲେ । ଏହି ଜର୍ଣ୍ଣାଲ୍ ସେତେବେଳେ ସ୍ୱାଧୀନତା ସଂଗ୍ରାମର ପ୍ରତୀକ ଥିଲା । ଏହାକୁ ଆସୋସିଏଟେଡ୍ ଜର୍ଣ୍ଣାଲ୍ ଲିମିଟେଡ୍ ଦ୍ୱାରା ପ୍ରକାଶ କରାଯାଉଥିଲା । ୨୦୦୮ ଆର୍ଥିକ ସଂକଟ ପରେ ସମାଚାରପତ୍ରକୁ ବନ୍ଦ କରିଦିଆଯାଇଥିଲା । ସେବେଠୁ ଏହି ବିବାଦ ଆରମ୍ଭ ହୋଇଥିଲା । ୨୦୧୦ରେ ୟଙ୍ଗ ଇଣ୍ଡିଆ ଲିମିଟେଡ୍ ୱାଇଆଇଏଲ ନାମକ କମ୍ପାନି ପ୍ରତିଷ୍ଠା ହୋଇଥିଲା । ଏଥିରେ ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧିଙ୍କର ୩୮ ପ୍ରତିଶତ ଲେଖାଏଁ ଅଂଶଧନ ରହିଥିଲା । ଏହାକୁ ନେଇ ବିଜେପି ନେତା ଶୁଭ୍ରମଣ୍ୟମ ସ୍ୱାମୀ ୨୦୧୨ରେ ଅଭିଯୋଗ ଲଗାଇଥିଲେ । ସେ କହିଥିଲେ, ୱାଇଆଇଏଲ କମ୍ପାନି ଏଜେଏଲର ୨ ହଜାର କୋଟିର ସମ୍ପତ୍ତିକୁ ମାତ୍ର ୫୦ ଲକ୍ଷ ଟଙ୍କାରେ ପ୍ରାପ୍ତ କରିଥିଲା । ରାହୁଲ ଗାନ୍ଧି ଏବଂ ସୋନିଆ ଗାନ୍ଧି ଏଥିରେ ଅର୍ଥ ହେରଫେର୍ କରିଛନ୍ତି । ଏହାପରେ ଉଭୟଙ୍କ ନାଁରେ ମାମଲା ରୁଜୁ ହୋଇଥିଲା ।

ବିଶ୍ୱ ମହାଶକ୍ତି ଭାବେ ବିକଶିତ ହେଉଛି ଭାରତ

ନୂଆଦିଲ୍ଲୀ: ବିଗତ ଏକ ଦଶନ୍ଧି ମଧ୍ୟରେ ବିଶ୍ୱସ୍ତରରେ ଭାରତ ନିଜର ସ୍ଥିତି ସୁଦୃଢ଼ କରିପାରିଛି । ଏକ ବିକାଶଶୀଳ ରାଷ୍ଟ୍ରର ପରିଚୟ ଠାରୁ ଆଗକୁ ବଢ଼ି ପ୍ରତିରକ୍ଷା, ମହାକାଶ ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଭାରତ ଅପାର ସମ୍ଭାବନାପୂର୍ଣ୍ଣ ମହାଶକ୍ତି ଭାବେ ଉଭା ହୋଇଛି । ଆତ୍ମନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆ ଭଳି କାର୍ଯ୍ୟକ୍ରମ ଜରିଆରେ ଆତ୍ମନିର୍ଭରତା, ନବୋନ୍ମେଷ ଏବଂ ପ୍ରଯୁକ୍ତିଗତ ବିକାଶ ଉପରେ ମୋଦୀ ସରକାର ନିରନ୍ତର ଗୁରୁତ୍ୱାରୋପ କରିବା ଫଳରେ ଦେଶ ଆଧୁନିକ ପ୍ରଯୁକ୍ତି ଓ ସାମର୍ଥ୍ୟ ବିକଶିତ କରିବାରେ ବିଶ୍ୱରେ ଅଗ୍ରଣୀ ପାଲଟିଛି । ସ୍ୱଦେଶୀ ଗବେଷଣାର ସଂସ୍କୃତିକୁ ପ୍ରୋତ୍ସାହନ, ଘରୋଇ-ସରକାରୀ ଭାଗିଦାରୀକୁ ସୁଦୃଢ଼ କରିବା ଏବଂ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ରଣନୀତିକ ନିବେଶକୁ ପ୍ରାଥମିକତା ଦେଇ ଭାରତ ଏବେ ବିଶ୍ୱ ମଞ୍ଚରେ କେବଳ ଅଂଶଗ୍ରହଣକାରୀ ନୁହେଁ ବରଂ ଦୃଷ୍ଟାନ୍ତ ସୃଷ୍ଟିକାରୀ ଦେଶରେ ପରିଣତ ହୋଇଛି ।

ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବଙ୍କୁ ବସ୍ତରରେ ଭବ୍ୟ ସ୍ୱାଗତ

ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କୁ ମଙ୍ଗଳବାର ବସ୍ତରଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଶ୍ରୀ ସାଏ ଜଗଦଲପୁରଠାରେ ଜଳସମ୍ପଦ ବିଭାଗର ମୁଖ୍ୟ ଅଭିଜ୍ଞତା କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟାଳୟ ବସ୍ତର ସହ ସମସ୍ତ ୭ଟି ଜିଲ୍ଲାର ବିଭାଗୀୟ କାର୍ଯ୍ୟକୁ ତଦାରଖ କରିବ । ଜଳସମ୍ପଦ ସମ୍ବନ୍ଧିତ ନିର୍ମାଣ କାର୍ଯ୍ୟର ସର୍ଭେକ୍ଷଣ, ଡିପିଆର ପ୍ରସ୍ତୁତି ଏବଂ ବୈଷୟିକ ସ୍ୱୀକୃତି ଇତ୍ୟାଦି ଏହି କାର୍ଯ୍ୟାଳୟରେ କରାଯିବ । ପୂର୍ବରୁ ଏହିସବୁ କାର୍ଯ୍ୟ ପାଇଁ ରାୟପୁର ଯିବାକୁ ପଡୁଥିଲା । କିନ୍ତୁ ଏବେ ବସ୍ତର ମୁଖ୍ୟାଳୟରେ ସବୁ ସରକାରୀ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହୋଇପାରିବ । ଏହି ଅବସରରେ ଜଳସମ୍ପଦ ମନ୍ତ୍ରୀ କେଦାର କାଶ୍ୟପ କହିଥିଲେ ଯେ, ଏହି କାର୍ଯ୍ୟାଳୟରେ ବିଭିନ୍ନ ପର୍ଯ୍ୟାୟରେ ଅଧିକାରୀ ଏବଂ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ । ଏଥିପାଇଁ ବଜେଟ୍‌ରେ ଅର୍ଥ ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ଏହି କାର୍ଯ୍ୟାଳୟ ଜଗଦଲପୁରଠାରେ ଅଧିକ୍ଷଣ ଯନ୍ତ୍ରୀଙ୍କୁ ନେଇ ଇନ୍ଦ୍ରାବତୀ ପରିଯୋଜନା ମଣ୍ଡଳ ଭବନରେ କାର୍ଯ୍ୟ କରିବ । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା, ବସ୍ତର ସାଂସଦ ମହେଶ କଶ୍ୟପ, ବିଧାୟକ କିରଣ ସିଂ ଦେବ, ବିନାୟକ ଗୋଏଲ, ନଗର ନିଗମର ପୌରପାଳ ସଞ୍ଜୟ ପାଣ୍ଡେୟ, ଜିଲ୍ଲା ପଞ୍ଚାୟତ ଅଧ୍ୟକ୍ଷ ବେଦମତୀ କଶ୍ୟପ, ଅର୍ଥ ଆୟୋଗର ଅଧ୍ୟକ୍ଷ ନିବାଶ ରାଓ ମୋଦୀଙ୍କ ସହ ଜନପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ବାଣିଜ୍ୟ

ମୁମ୍ବାଇ: ସୋସିଆଲ ମିଡିଆ ଆପ୍ ଇନଷ୍ଟାଗ୍ରାମ ଓ ହ୍ୱାଟ୍ସଆପ୍‌କୁ ନେଇ ଏକ ବଡ଼ ସାମ୍ନାକୁ ଆସିଛି । ଏହାର ମାଲିକ ମାର୍କ ଜୁକରବର୍ଗ ଅସୁବିଧାରେ ପଡିଯାଇଛନ୍ତି । ବିକ୍ରି କରିବାକୁ ପଡ଼ିପାରେ ସବୁଠୁ ବଡ଼ ଆପ୍ ହ୍ୱାଟ୍ସଆପ୍ ଓ ଇନଷ୍ଟାଗ୍ରାମ । ବିଶ୍ୱର ଦୁଇ ବିଶାଳ ସୋସିଆଲ ମିଡିଆ ଆପ୍ ଇନଷ୍ଟାଗ୍ରାମ ଓ ହ୍ୱାଟ୍ସଆପ୍ ଆମେରିକାର ଧନୀ ବ୍ୟକ୍ତି ମାର୍କ ଜକରବର୍ଗଙ୍କ ମାଲିକାନାରୁ ଖସିଯିବାର ସମ୍ଭାବନା ରହିଛି । ୨୦୨୦ରେ ତାଙ୍କ କମ୍ପାନୀ ଫେସବୁକ ନାଁରେ ପ୍ରତିଯୋଗିତାକୁ ପ୍ରଶ୍ରୟ ଦେଉନଥିବା ଅଭିଯୋଗରେ ଏକ ମାମଲା ରୁଜୁ ହୋଇଥିଲା । ପୁଣି ଥରେ ସେହି ମାମଲା କୋର୍ଟକୁ ଯାଇଛି । ଯଦି ରାୟ ଜୁକରବର୍ଗଙ୍କ ବିପକ୍ଷରେ ଯିବ । ତେବେ ତାଙ୍କୁ ଉଭୟ ହ୍ୱାଟ୍ସଆପ୍ ଓ ଇନଷ୍ଟାଗ୍ରାମକୁ ବିକ୍ରି କରିବାକୁ ପଡ଼ିବ । ପୂର୍ବରୁ ଜୁକରବର୍ଗ କହିଥିଲେ ଯେ ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବା ବଦଳରେ ପ୍ରତିଦ୍ୱନ୍ଦ୍ୱୀକୁ କିଣି ନେବା ହିଁ ଭଲ ।

ଆର୍‌ଏସ୍‌ପି ଦ୍ୱାରା ଦକ୍ଷତା ବିକାଶ ତାଲିମ ମାଧ୍ୟମରେ ସଶକ୍ତିକରଣ

ରାଉରକେଲା(ଭାସ୍କର ନ୍ୟୁଜ୍): ସମାବେଶୀ ବିକାଶ ଦିଗରେ ଅନ୍ୟ ଏକ ପଦକ୍ଷେପ ସ୍ୱରୂପ, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି), ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) ପଦକ୍ଷେପ ଅଧୀନରେ, ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପାଇଁ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରକୁ ୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛି । ଉକ୍ତ ତାଲିମ ଅଧୀନରେ ଆରଏସପିର ପାର୍ଶ୍ୱାଞ୍ଚଳର ୧୦ ଜଣ ମୂକ ବଧିର ଭିନ୍ନକ୍ଷମଙ୍କୁ ବସ୍ତ୍ର ପୋଷାକ ଶିଳ୍ପ ପାଇଁ ଆବଶ୍ୟକ ଦକ୍ଷତା ଆହରଣ ପାଇଁ ତାଲିମ ପ୍ରଦାନ କରାଯାଇଛି । ଦିବ୍ୟାଙ୍ଗ ପ୍ରାର୍ଥୀଙ୍କ ଦକ୍ଷତା ବିକାଶ ତାଲିମ ଉପରେ ୬ ମାସର ଏହି ପାଠ୍ୟକ୍ରମ ଅଂଶଗ୍ରହଣକାରୀ ଭିନ୍ନକ୍ଷମଙ୍କୁ ସଶକ୍ତ କରିବା ପାଇଁ ଡିଜାଇନ୍ କରାଯାଇଛି । ବସ୍ତ୍ର ପ୍ରସ୍ତୁତି ଏବଂ ଉତ୍ପାଦନରେ ଶିଳ୍ପ-ପ୍ରାସଙ୍ଗିକ ଦକ୍ଷତା ପ୍ରଦାନ କରିବା ଏହି ପଦକ୍ଷେପର ଲକ୍ଷ୍ୟ ରହିଛି ଯାହା ପ୍ରଶିକ୍ଷାର୍ଥୀମାନଙ୍କୁ ନିଯୁକ୍ତି ପାଇବାରେ କିମ୍ବା ଉଦ୍ୟୋଗୀତା ମାଧ୍ୟମରେ ସ୍ୱାବଲମ୍ବୀ ହେବାରେ ସାହାଯ୍ୟ କରିବ । ଉଲ୍ଲେଖନୀୟ ଯେ, ଉକ୍ତ ପ୍ରଶିକ୍ଷଣ

ବାରିପଦା:(ଭାସ୍କର ନ୍ୟୁଜ): ଓଡ଼ିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ କଟକରେ ଅନୁଷ୍ଠିତ ହେବାକୁ ଥିବା ଓସିଏ ଆନ୍ତଃ ଜିଲ୍ଲା ମହିଳା ଟି - ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ମୟୂରଭଞ୍ଜ ଦଳ ଘୋଷିତ ହୋଇଯାଇଛି । ଦଳରେ ସୁନିଧି କଶ୍ୟପ ଜେନା (ଅଧିନାୟକ), ସଂଜିତା ଦାସ, ରୀତିକା ପଣ୍ଡା, ଶୁଭଶ୍ରୀ ନାଥ, ପଦ୍ମା ମିର୍ଧା, ସ୍ୱର୍ଣ୍ଣପ୍ରଭା ସିଂହ, କିରଣବାଳା ପାତ୍ର, କୁଇଲୁ ମୁର୍ମୁ, ସୁଭଦ୍ରା ମାଣ୍ଡି, ପ୍ରିତିଶ୍ରୀ ଦାସ, ଜ୍ୟୋତିରେଖା ସିଂହ, ଲକ୍ଷ୍ମୀପ୍ରିୟା ମହାନ୍ତ, କଳ୍ପନା ଘଡେଇ, ଦାନଗୀ ହାଁସଦା ଓ ମାନସୀ ମହାନ୍ତ ସାମିଲ ଅଛନ୍ତି । ସାଇବା ସିଂ ଟିମର ମ୍ୟାନେଜର ଏବଂ କୋଚ ଭାବେ ଦଳ ସହିତ କଟକ ଗସ୍ତ କରିଛନ୍ତି । କାଲି (୧୬ ତାରିଖ) ମୟୂରଭଞ୍ଜ ତାର ପ୍ରଥମ ମ୍ୟାଚରେ ଝାରସୁଗୁଡାକୁ ଭେଟିବ । ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ମନୋଜ ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଓ ପ୍ରସନ୍ନଜିତ ମହାନ୍ତି, ସମସ୍ତ କାଉନସିଲ ସଦସ୍ୟ ତଥା ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଦଳର ସଫଳତା କାମନା କରିଛନ୍ତି ।

ସରିଲା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନସିପ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମଙ୍ଗଳବାର ଭୁବନେଶ୍ୱରସ୍ଥିତ ପ୍ରସିଦ୍ଧ କଳିଙ୍ଗ ଷ୍ଟାଡିୟମରେ ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନସିପ୍-୨୦୨୫ ଆନୁଷ୍ଠାନିକ ଭାବେ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ସମାରୋହରେ ଓଡ଼ିଶାର ରାଜ୍ୟପାଳ ଡ଼.ହରି ବାବୁ କମ୍ଭମପାଟି ଯୋଗ ଦେଇ ଚାମ୍ପିୟନ ହୋଇଥିବା ପଞ୍ଜାବ (ପୁରୁଷ) ଓ ସିଆରପିଏଫ (ମହିଳା) ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏହା ସହ ରନର୍ସ ଅପ୍ ହୋଇଥିବା ସିଆରପିଏଫ (ପୁରୁଷ) ଓ ଏସଏସବି(ମହିଳା) ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଆଇଟିବିପି (ପୁରୁଷ) ଓ ଓଡିଶା ପୋଲିସ (ମହିଳା) ଦଳକୁ ମଧ୍ୟ ରାଜ୍ୟପାଳ ଟ୍ରଫି ପ୍ରଦାନ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଆଜି ସନ୍ଧ୍ୟା ସମୟରେ ପୁରୁଷ ବର୍ଗରେ ପଞ୍ଜାବ ଓ ସିଆରପିଏଫ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ପଞ୍ଜାବ, ସିଆରପିଏଫ ପୋଲିସ ଦଳକୁ ୨- ୧ ଗୋଲ ବ୍ୟବଧାନରେ ପରାସ୍ତ କରି ବିଜେତା ହୋଇଛି । ସେହିପରି ମହିଳା ବର୍ଗରେ ଏସଏସବି ଓ ସିଆରପିଏଫ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ସିଆରପିଏଫ, ଏସଏସବି ପୋଲିସ ଦଳକୁ ୧ -୦ ଗୋଲ ବ୍ୟବଧାନରେ ପରାସ୍ତ କରି ବିଜେତା ହୋଇଛି । ଏହା ବ୍ୟତୀତ ମହିଳା ବର୍ଗରେ ଓଡ଼ିଶା ପୋଲିସ ତୃତୀୟ ସ୍ଥାନରେ ହାସଲ କରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛି । ଆଜି ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ପୋଲିସ ଦଳ ଆଇଟିବିପିକୁ ପରାସ୍ତ କରିଛି । ସେହିପରି ପୁରୁଷ ବର୍ଗରେ ଆଇଟିବିପି ତୃତୀୟ ସ୍ଥାନରେ ହାସଲ କରିଛି । ଆଜି ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଆଇଟିବିପି ଦଳ ବିଏସଏଫକୁ ପରାସ୍ତ କରିଛି । ଉଲ୍ଲେଖଯୋଗ୍ୟ ଯେ, ଏହି ପୋଲିସ ହକି ଚାମ୍ପିୟନସିପରେ ବିଭିନ୍ନ ରାଜ୍ୟ ପୋଲିସ ବାହିନୀ, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଏବଂ କେନ୍ଦ୍ରୀୟ ପୋଲିସ ସଂଗଠନର ୨୬ଟି ପୁରୁଷ ଦଳ ଏବଂ ୯ଟି ମହିଳା ଦଳ ଏହି ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଥିଲେ । ଏହି ଅବସରରେ ରାଜ୍ୟପାଳ ହରି ବାବୁ କମ୍ଭମପାଟି ବିଜେତା ଦଳକୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ରନର୍ସ-ଅପ୍ ଏବଂ ଅନ୍ୟ ସମସ୍ତ ଅଂଶଗ୍ରହଣକାରୀ ଦଳର ସଦସ୍ୟମାନଙ୍କ ସମର୍ପଣ ଏବଂ ମନୋବଳକୁ ଉଚ ପ୍ରଶଂସା କରିଥିଲେ । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ଏହି ଚାମ୍ପିୟନସିପ ପୋଲିସ୍ ଫୋର୍ସଙ୍କ ମଧ୍ୟରେ ଏକତା, ଭାଇଚାରା, ଓ ମିତ୍ରତା ବଢ଼ାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଛି ବୋଲି କହିଥିଲେ । ଏହି ଚାମ୍ପିୟନସିପରେ ବହୁ ଅନ୍ତର୍ଜାତୀୟ ହକି ତାରକା ଯଥା, ବୀରେନ୍ଦ୍ର ଲାକ୍ରା, ମନପ୍ରିତ ସିଂ ସମେତ ଅନ୍ୟ ଖେଳାଳି ସାମିଲ ହୋଇ ଏହାର ମର୍ଯ୍ୟାଦାକୁ ଆହୁରି ରୁଦ୍ଧିମନ୍ତ କରିଥିବାରୁ ଡିଜିପି ଖୁସି ବ୍ୟକ୍ତ କରିଥିଲେ । ଓଡ଼ିଶା ପୋଲିସ୍ ପକ୍ଷରୁ ପ୍ରତିଯୋଗିତାକୁ ଆୟୋଜନ କରିବା ଗର୍ବର ବିଷୟ ଓ ଏକ ଦାୟିତ୍ୱ ଥିଲା । ପ୍ରତି ଦିଗରେ ଉଜମାନ ରଖିବା ପାଇଁ ପ୍ରୟାସ ହୋଇଛି ବୋଲି ଡିଜିପି ଶ୍ରୀ ଯୋଗେଶ ବାହାଦୂର ଖୁରାନିଆ ପ୍ରକାଶ କରିଛନ୍ତି । ଏହି ଚାମ୍ପିୟନସିପ୍ ଶେଷ ନୁହେଁଏହା ଏକ ନୂଆ ଆରମ୍ଭ । ଆମେ ଏହି ଖେଳ ଆତ୍ମାକୁ ଆମ ଦୈନିକ କାର୍ଯ୍ୟ, ସେବା ଓ ଜୀବନରେ ଜୀବନ୍ତ ରଖିବାକୁ ବ୍ୟାପ୍ତ କରିବା ଉଚିତ୍ ବୋଲି ଡିଜିପି କହିଛନ୍ତି । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ତଥା ଆୟୋଜନ କମିଟିର ଉପସଭାପତି ଦୟାଳ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ତଥା ଆୟୋଜନ କମିଟିର ଉପସଭାପତି ରାଜେଶ କୁମାର, ଯୁଗ୍ମ ନିର୍ଦ୍ଦେଶକ, ଆଇବି, ରାଜେଶ ସୁବର୍ଣ୍ଣ, ଆଇଜି (ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ ଓ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି, ବରିଷ୍ଠ ପୁଲିସ ଅଧିକାରୀ, ଅବସରପ୍ରାପ୍ତ ଅଧିକାରୀ, ଟିମ୍ ମ୍ୟାନେଜର, ଅଧିନାୟକ ଏବଂ ଖେଳାଳିମାନେ ଉପସ୍ଥିତ ରହି ଏହାକୁ ସଫଳ କରିବା ସହ ଜାତୀୟ ଏକତା ଓ ଆଥଲେଟିକ୍ ଉତ୍କର୍ଷତାର ଉତ୍ସବ ପାଳନ କରିଥିଲେ ।

ଆଇପିଏଲ୍-୨୦୨୫

କୋଲକାତାକୁ ୧୬ ରନ୍‌ରେ ହରାଇଲା ପଞ୍ଜାବ

ଚଣ୍ଡିଗଡ଼ : ଚଣ୍ଡିଗଡ଼ରେ ମଙ୍ଗଳବାର ଖେଳାଯାଇଥିବା ଆଇପିଏଲ୍‌ର ଏକ ରୋମାଞ୍ଚକର ଲୋସ୍କୋରିଂ ମ୍ୟାଚରେ କୋଲକାତାକୁ ୧୬ ରନରେ ପରାସ୍ତ କରିଛି ପଞ୍ଜାବ କିଙ୍ଗସ୍ । ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ କୋଲକାତା ଆଗରେ ମାତ୍ର ୧୧୨ ରନର ଏକ ଛୋଟିଆ ଲକ୍ଷ୍ୟ ରଖିଥିଲେ ବି କୋଲକାତା ୯୫ ରନ କରି ଅଲଆଉଟ ହୋଇଯାଇଥିଲା । କୋଲକାତା ପକ୍ଷରୁ ଅଙ୍ଗକ୍ରିତ ରଘୁବଂଶୀ ୩୭ ରନ କରିଥିବା ବେଳେ ଅଜିଙ୍କ୍ୟ ରାହାଣେ ୧୭ ଓ ଆନ୍ଦ୍ରେ ରସେଲ ୧୭ ରନ କରିଥିଲେ । ପଞ୍ଜାବ ପକ୍ଷରୁ ଯୁଜବେନ୍ଦ୍ର ଚହଲ ୪ଟି ୱିକେଟ ନେଇଥିବାବେଳେ ମାର୍କୋ ଜାନସେନ ୩ଟି ୱିକେଟ ନେଇଥିଲେ । ଏହି ମ୍ୟାଚରେ ପଞ୍ଜାବ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦଳପକ୍ଷରୁ ପ୍ରିୟାଂଶ ଆର୍ଯ୍ୟା ଓ ପ୍ରଭସିମରନ ବିସ୍ଫୋରକ ବ୍ୟାଟିଂ ଆରମ୍ଭକରି ଏକ ଭଲ ଆରମ୍ଭ ଦେଇଥିଲେ । ପ୍ରିୟାଂଶ ୨୨ ରନ ଓ ପ୍ରଭସିମରନ ୩୦ ରନ କରିଥିଲେ । କିନ୍ତୁ ଏହି ଦୁଇ ବ୍ୟାଟ୍‌ମ୍ୟାନ ଆଉଟ ହେବା ପରେ ଦଳର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା । ଅଧିନାୟକ ଶ୍ରେୟାସ ଆୟର ଖାତା ଖୋଲିପାରିନଥିଲେ । ଶଶାଙ୍କ ସିଂ ୧୮ ରନ କରିଥିଲେ । ସେହିପରି ଜାଭିଏର ବାରଲେଟ୍ ୧୧ ରନ କରିଥିଲେ । କୋଲକାତା ପକ୍ଷରୁ ହର୍ଷିତ ରାଣା ୩ଟି ୱିକେଟ ନେଇଥିବାବେଳେ ବରୁଣ ଚକ୍ରବର୍ତ୍ତି ଓ ସୁନୀଲ ନାରାୟଣ ୨ଟି ଲେଖାଏଁ ୱିକେଟ ନେଇଥିଲେ ।

ମୋତେ କାହିଁକି ଦେଲେ? 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ପୁରସ୍କାର ମିଳିବା ପରେ ଏଭଳି କହିଲେ ଧୋନି

ଲକ୍ଷ୍ନୌ: ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଚେନ୍ନାଇ ସୁପରକିଙ୍ଗ୍ସ ଚଳିତ ଆଇପିଏଲ୍‌ର ୩୦ତମ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍‌କୁ ୫ ୱିକେଟ୍‌ରେ ପରାସ୍ତ କରିଥିଲା । ସୋମବାର ଏହି ମ୍ୟାଚ୍ ଖେଳାଯାଇଥିବା ବେଳେ ବିଜୟୀ ହୋଇଥିବା ସିଏସକେ । ଲକ୍ଷ୍ନୌ ୧୬୭ ରନ୍‌ର ବିଜୟ ଲକ୍ଷ୍ୟ ଦେବା ପରେ ଏକଦା ସଂଘର୍ଷ କରୁଥିବା ଚେନ୍ନାଇ ୩ ବଲ୍ ପୂର୍ବରୁ ୫ ୱିକେଟ୍ ହରାଇ ଏହାକୁ ହାସଲ କରି ନେଇଥିଲା । ସୋମବାର ଧୋନିଙ୍କ ସହ ଇମ୍ପାକ୍ଟ ଖେଳାଳି ଶିବମ ଦୁବେ ମଧ୍ୟ ଦମ୍‌ଦାର ପାଳି ଖେଳିଥିଲେ । ଲଗାତାର ପାଞ୍ଚଟି ପରାଜୟ ପରେ ବିଜୟ ଧାରାକୁ ଫେରିଛି ଚେନ୍ନାଇ । ଅନ୍ୟପକ୍ଷରେ ମ୍ୟାଚ୍ ସମୟରେ ଧୋନି ଏକ ବଡ଼ ସଫଳତା ହାସଲ କରିଛନ୍ତି । ସେ ଆଇପିଏଲ୍ ଇତିହାସରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇବାରେ ସବୁଠାରୁ ବୟସ୍କ ଖେଳାଳି ହୋଇଛନ୍ତି । ଧୋନିଙ୍କ ବର୍ତ୍ତମାନ ବୟସ ୪୩ ବର୍ଷ ୨୮୨ ଦିନ । ସୋମବାର ଖେଳାଯାଇଥିବା ମ୍ୟାଚ୍ ପରେ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଇଥିଲା । ଏହି ପୁରସ୍କାର ପାଇବା ପରେ ଧୋନି କହିଥିଲେ, ସେମାନେ ମୋତେ ପୁରସ୍କାର କାହିଁକି ଦେଉଛନ୍ତି ? ନୁର୍ ଅହମଦ ପ୍ରକୃତରେ ଭଲ ବୋଲିଂ କରିଥିଲେ ।

ପଞ୍ଜାବକୁ ବଡ଼ ଝଟକା
ଅବଶିଷ୍ଟ ମ୍ୟାଚ୍‌ରୁ ବାଦ୍ ପଡିପାରନ୍ତି ଫର୍ଗୁସନ

ମୋହାଲି: ନ୍ୟୁଜିଲାଣ୍ଡ ପେସର ଲୋକି ଫର୍ଗୁସନ ଚଳିତ ଆଇପିଏଲ୍‌ର ଅବଶିଷ୍ଟାଂଶ ମ୍ୟାଚ୍ ମିସ୍ କରିପାରନ୍ତି । ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆରଏଚ୍) ବିପକ୍ଷରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ପାଇଁ ଖେଳିଲା ବେଳେ ତାଙ୍କ ବାମ ଗୋଡ଼ ମାଂସପେଶୀରେ ଆଘାତ ଲାଗିଥିଲା । ଏଥିଯୋଗୁ ସେ ମ୍ୟାଚରେ ମାତ୍ର ଦୁଇଟି ବଲ ପକାଇ ପାଭିଲିଅନ ଫେରିଯାଇଥିଲେ । ଫର୍ଗୁସନ ଆହତ ସମସ୍ୟା କାରଣରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ କ୍ରିକେଟରୁ ବାଦ୍ ପଡ଼ିଛନ୍ତି । ଟୁର୍ନାମେଣ୍ଟର ଶେଷ ଆଡ଼କୁ ତାଙ୍କ ଖେଳିବାର ଖୁବ କମ୍ ସମ୍ଭାବନା ରହିଛି ବୋଲି ପିବିକେଏସ୍ ଫାଷ୍ଟ ବୋଲିଂ କୋଚ୍ ଜେମ୍ସ ହୋପ୍ସ କହିଛନ୍ତି । ଫର୍ଗୁସନଙ୍କ ବଦଳରେ ପଞ୍ଜାବ ପାଖରେ ଅଷ୍ଟ୍ରେଲିଆର ଜାଭିଅର ବାର୍ଟଲେଟ ଓ ଆଫଗାନିସ୍ତାନର ଆଜମାତୁଲା ଓମାରଜାଇଙ୍କ ଭଳି ବିଦେଶୀ ପେସରଙ୍କ ବିକଳ୍ପ ରହିଛି ।

ବାଂଲାଦେଶ ଗସ୍ତ ପାଇଁ କାର୍ଯ୍ୟସୂଚୀ ଘୋଷଣା

ନୂଆଦିଲ୍ଲୀ, ୧୫ ।୪: ଭାରତୀୟ କ୍ରିକେଟ ଦଳ ଅଗଷ୍ଟରେ ବାଂଲାଦେଶ ଗସ୍ତରେ ୩ଟି ଦିନିକିଆ ଏବଂ ୩ଟି ଟି-୨୦ ମ୍ୟାଚର ସିରିଜ ଖେଳିବ । ଏହି ଗସ୍ତ ଦିନିକିଆ ସିରିଜ ସହିତ ଆରମ୍ଭ ହେବ । ସିରିଜ୍?ର ପ୍ରଥମ ମ୍ୟାଚ ଅଗଷ୍ଟ ୧୭ରେ ଖେଳାଯିବ । ଟି-୨୦ ସିରିଜ ଅଗଷ୍ଟ ୨୬ରୁ ଆରମ୍ଭ ହେବ । ବିସିସିଆଇ (ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ) ମଙ୍ଗଳବାର ପୂର୍ଣ୍ଣ କାର୍ଯ୍ୟସୂଚୀ ଘୋଷଣା କରିଛି । ଦିନିକିଆ ସିରିଜର ପ୍ରଥମ ମ୍ୟାଚ ଅଗଷ୍ଟ ୧୭ରେ ମୀରପୁରର ଶେର-ଏ-ବାଂଲା ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ । ଏହି ଗ୍ରାଉଣ୍ଡରେ ଦ୍ୱିତୀୟ ଏକଦିବସୀୟ ମ୍ୟାଚ ଅଗଷ୍ଟ ୨୦ରେ ଖେଳାଯିବ । ତୃତୀୟ ମ୍ୟାଚ ୨୩ ଅଗଷ୍ଟରେ ଚିଟାଗଙ୍ଗରେ ଖେଳାଯିବ । ଦିନିକିଆ ସିରିଜ ପରେ, ଟିମ ଇଣ୍ଡିଆ ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ ବାଂଲାଦେଶ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ଖେଳିବ । ପ୍ରଥମ ମ୍ୟାଚ ମଙ୍ଗଳବାର, ଅଗଷ୍ଟ ୨୬ ତାରିଖରେ ଚିଟାଗଙ୍ଗରେ ଖେଳାଯିବ । ଦ୍ୱିତୀୟ ଟି-୨୦ ଶୁକ୍ରବାର, ଅଗଷ୍ଟ ୨୯ ତାରିଖରେ ମୀରପୁରର ଶେର-ଏ-ବାଂଲାଦେଶ ଷ୍ଟାଡିୟମରେ ଖେଳାଯିବ । ଫାଇନାଲ ମ୍ୟାଚ ମଧ୍ୟ ମୀରପୁରରେ ଖେଳାଯିବ । ଭାରତୀୟ କ୍ରିକେଟ ଦଳ ଶେଷ ଥର ପାଇଁ ୨୦୨୨/୨୩ରେ ବାଂଲାଦେଶରେ ଏକ ଦିନିକିଆ ସିରିଜ ଖେଳିଥିଲା । ବାଂଲାଦେଶ ଭାରତ ବିପକ୍ଷରେ ୨-୧ ଗୋଲରେ ସିରିଜ ଜିତିଥିଲା । ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତ ସିରିଜର ପ୍ରଥମ ଦୁଇଟି ମ୍ୟାଚ ହାରିଥିଲା । ଟି-୨୦ ସିରିଜ ବିଷୟରେ କହିବାକୁ ଗଲେ, ଭାରତୀୟ କ୍ରିକେଟ ଦଳ ଏପର୍ଯ୍ୟନ୍ତ ଖେଳାଯାଇଥିବା ଦୁଇଟି ସିରିଜ ଜିତିଛି । ବର୍ତ୍ତମାନ ସମସ୍ତ ଭାରତୀୟ ଖେଳାଳି ଓଚଖ ୨୦୨୫ରେ ଭିନ୍ନ ଭିନ୍ନ ଦଳ ପାଇଁ ଖେଳୁଛନ୍ତି । ଏହି ଲିଗ ପରେ ତୁରନ୍ତ, ଭାରତୀୟ କ୍ରିକେଟ ଦଳ ଇଂଲଣ୍ଡ ଯାତ୍ରା କରିବ । ଏଠାରେ ଜୁନ ୨୦ ରୁ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯିବ । ସିରିଜର ଶେଷ ଟେଷ୍ଟ ୩୧ ଜୁଲାଇରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଖେଳାଯିବ ।

ଗୌରୀ ଶଙ୍କର ମିଶ୍ର ହେଲେ ଭାରତୀୟ ହ୍ୟାଣ୍ଡବଲ ଦଳର ମ୍ୟାନେଜର

ଭୁବନେଶ୍ୱର: ଓଡ଼ିଶାର ହ୍ୟାଣ୍ଡବଲ ଇତିହାସ ରେ ଆଉ ଏକ ଫର୍ଦ ଯୋଡି ହେବାକୁ ଯାଉଛି । କୋଚ ଗୌରୀ ଶଙ୍କର ମିଶ୍ରଙ୍କୁ ମିଳିଛି ବଡ ଦାୟିତ୍ୱ । ଜୋଡାନ ଠାରେ ହେବାକୁ ଥିବା ଆଗାମୀ ଏସିଆନ ଜୁନିୟର ଚମ୍ପିଆନସିପ ପାଇଁ ଭାରତୀୟ ଦଳର ମ୍ୟାନେଜର ଭାବେ ଗୌରୀ ଶଙ୍କର ମିଶ୍ର ନିଯୁକ୍ତ ହୋଇଥିବା ଘୋଷଣା କରିଛନ୍ତି ଭାରତୀୟ ହ୍ୟାଣ୍ଡବଲ୍ ଆସୋସିଏସନ୍ ର ଏକଜୁଟିଭ ଡିରେକଟର ଡ଼.ଆନନ୍ଦେଶ୍ୱର ପାଣ୍ଡେ । ଆସନ୍ତା ଜୁଲାଇ ୧ ତାରିଖରୁ ୧୧ ତାରିଖ ଯାଏ ଜୋଡ଼ାନରେ ଏହା ଅନୁଷ୍ଠିତ ହେବ ଏଠାରେ ସୂଚନାଯୋଗ୍ୟ ଗୌରୀ ଶଙ୍କର ମିଶ୍ର ହେଉଛନ୍ତି ଓଡିଶାର ପ୍ରଥମ ଓ ଏକ ମାତ୍ର ଅନ୍ତର୍ଜତୀୟ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମୀନଙ୍କ ବାପା । ଗୌରୀ ଶଙ୍କରଙ୍କ ଏହି ସଫଳତା ପାଇଁ ଓଡିଶା ହ୍ୟାଣ୍ଡବଲ ସଙ୍ଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ, ଭୁବନେଶ୍ୱର ଜିଲ୍ଲା ହ୍ୟାଣ୍ଡବଲ ସଙ୍ଘ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ପଅମୁଖ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

ଜିଲ୍ଲା ମହିଳା କ୍ରିକେଟ ଦଳ ପାଇଁ ଖେଳାଳି ଚୟନ

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଚଳିତ ମାସ ୨୦ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ମହିଳା କ୍ରିକେଟ ଦଳ ପାଇଁ ଖେଳାଳି ଚୟନ କେନ୍ଦୁଝର ଷ୍ଟାଡିୟମ ପଡିଆରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଡା ଜନାର୍ଦ୍ଦନ ଦାଶ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି । ମହିଳା କ୍ରିକେଟ ଖେଳାଳିଙ୍କ ନାମ ୨୦ ତାରିଖ ଦିବା ୧୦ଘଟିକାରେ ଷ୍ଟାଡିୟମରେ ପଞ୍ଜିକରଣ କରାଯିବ ବୋଲି ଜିଲ୍ଲା କ୍ରୀଡା ସଂସ୍ଥାର ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ପାଢ଼ୀ ଜଣାଇଛନ୍ତି । ମହିଳା କ୍ରିକେଟ ଚୟନ ପ୍ରକ୍ରିୟା ଏପ୍ରିଲ ୨୦ ତାରିଖ ଅପରାହ୍ନ ୨ଟାରୁ ଆରମ୍ଭ ହେବ । ଇଚ୍ଛୁକ ମହିଳା କ୍ରିକେଟ ଖେଳାଳି ମନେ ସେମାନଙ୍କ ନାମ ଜିଲ୍ଲା କ୍ରୀଡା ସଂସ୍ଥାର କାର୍ଯ୍ୟକାରୀ ସଦସ୍ୟ ଗିରୀଶ ଚନ୍ଦ୍ର ହୋତାଙ୍କ ନିକଟରେ ଉପଯୁକ୍ତ ପ୍ରମାଣପତ୍ର ଦେଇ ପଞ୍ଜିକରଣ କରିବାକୁ କୁହାଯାଇଛି ।

ଆଇପିଏଲ ୨୦୨୫: ଶ୍ରେୟସଙ୍କୁ ଆଇସିସି ଦେଲା ବଡ଼ ପୁରସ୍କାର

ନୂଆଦିଲ୍ଲୀ: ଆଇପିଏଲ ୨୦୨୫ରେ ପଞ୍ଜାବ କିଙ୍ଗସର ଅଧିନାୟକତ୍ୱ କରୁଥିବା ଭାରତୀୟ କ୍ରିକେଟର ଶ୍ରେୟସ ଆୟର ଚାମ୍ପିଅନ୍ସ ଟ୍ରଫିରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଆଧାରରେ ମାର୍ଚ୍ଚ ମାସ ପାଇଁ ପ୍ଲେୟାର ଅଫ୍ ଦି ମନ୍ଥ ପୁରସ୍କାର ଜିତିଛନ୍ତି । ଆୟର ନ୍ୟୁଜିଲ୍ୟାଣ୍ଡର ଜାକବ ଡଫି ଏବଂ ରାଚିନ ରବିନ୍ଦ୍ରଙ୍କୁ ପରାସ୍ତ କରି ଏହି ପୁରସ୍କାର ଜିତିଛନ୍ତି । ଶ୍ରେୟସ ଆୟର ଚାମ୍ପିଅନ୍ସ ଟ୍ରଫିରେ ସର୍ବାଧିକ ୨୪୩ ରନ ସ୍କୋରର ଥିଲେ ଏବଂ ଭାରତର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଆୟର ଏହି ପୁରସ୍କାର ଜିତିବା ଅର୍ଥ ହେଉଛି ଭାରତ ଲଗାତାର ଦୁଇଥର ଏହି ପୁରସ୍କାର ଜିତିଛି । ଶୁଭମନ ଗିଲ ଫେବୃଆରି ମାସରେ ଏହି ପୁରସ୍କାର ଜିତିଥିଲେ । ଇତିହାସରେ ଏହା କେବଳ ଦ୍ୱିତୀୟ ଥର ଯେ ଦୁଇଜଣ ଭାରତୀୟ ପୁରୁଷ ଖେଳାଳି କ୍ରମାଗତ ଭାବରେ ଏହି ପୁରସ୍କାର ଜିତିଛନ୍ତି । ୨୦୨୧ ମସିହାରେ ପ୍ରଥମ ଥର ପାଇଁ ପ୍ଲେୟାର ଅଫ୍ ଦି ମନ୍ଥ ପୁରସ୍କାର ଲଗାତାର ୩ ଜଣ ଭାରତୀୟ ପୁରୁଷ ଖେଳାଳି ଜିତିଥିଲେ । ଜାନୁଆରି ପାଇଁ ରିଷଭ ପନ୍ତ, ଫେବ

ବିବିଧବର୍ଣ୍ଣା

ଚଟ୍‌ପଟା ଖାଦ୍ୟ ସଭିଙ୍କୁ ଭଲଲାଗେ । ଛୋଟ ପିଲାଙ୍କ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଏହାକୁ ଆଗ୍ରହରେ ଖାଇ ଥାଆନ୍ତି । ପକୁଡ଼ି ତିଆରିଠୁ ନେଇ ଛୁଙ୍କ ଲଗାଇବା ପର୍ଯ୍ୟନ୍ତ ସବୁଥିରେ ତେଲର ବ୍ୟବହାର ହୁଏ । ଏହା ଖାଦ୍ୟର ସ୍ୱାଦ ଏବଂ ବାସ୍ନା ବଢ଼ାଇଥାଏ । ଅନେକଙ୍କ ଘରେ ଥରେ ବ୍ୟବହୃତ ତେଲ ବଳିଗଲେ ତାକୁ ବାରମ୍ବାର ବିଭିନ୍ନ ବ୍ୟଞ୍ଜନରେ ବ୍ୟବହାର କରିଥାନ୍ତି । କିନ୍ତୁ ଜାଣନ୍ତି, ବଳକା ତେଲର ପୁନଃ ଉପଯୋଗ ସ୍ୱାସ୍ଥ୍ୟ ପାଇଁ କେତେ ବିପଜ୍ଜନକ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ଯଦି ତେଲରେ ଥରେ କୌଣସି ଜିନିଷ ଫ୍ରାଏ କରିଦିଆଯାଏ, ତେବେ ତାକୁ ଅନ୍ୟ ବ୍ୟଞ୍ଜନରେ ବ୍ୟବହାର ଦ୍ୱାରା ପ୍ରି ରାଡିକାଲ୍ସ ଜନ୍ମ ନେଇଥାଏ । ଏହାଦ୍ୱାରା ଶରୀରରେ ଜ୍ୱଳନ, ଗ୍ୟାଷ୍ଟ୍ରିକ ସାଙ୍ଗକୁ ଆହୁରି ଅନେକ ରୋଗ ଉତ୍ପନ୍ନ ହୁଏ । ଏହି ପ୍ରି ରାଡିକାଲ୍ସ ଶରୀରର ସୁସ୍ଥ କୋଷିକା ସହ ନିଜକୁ ଯୋଡ଼ିଦିଏ । ଏଥିରୁ ଅନେକ ସମୟରେ କ୍ୟାନସର ଉତ୍ପନ୍ନ ହୋଇଥାଏ । ଏହାଛଡ଼ା ଶରୀରରେ ଖରାପ କୋଲେଷ୍ଟୋରଲ ଜନ୍ମ ନେଇଥାଏ, ଯାହାଦ୍ୱାରା ଧମନୀରେ ରକ୍ତ ଜମାଟ ବାନ୍ଧିଯାଏ । ଯଦି ବଳକା ତେଲର ଉପଯୋଗ କରିବାକୁ ଚାହୁଁଛନ୍ତି, ତେବେ ଏହାକୁ ଥଣ୍ଡା ହେବା ପରେ ଏୟାରଟାଇଟ ଡବାରେ ବନ୍ଦ କରି କିଛିସମୟ ରଖିଦିଅନ୍ତୁ । ଏହାଦ୍ୱାରା ତେଲରେ ଥିବା ଫୁଡ ପାର୍ଟିକିଲ୍ସ ବାହାରିଯାଏ ।

ଗାଜର ଭୃଙ୍ଗରାଜ ତେଲ

ସାଧାରଣତଃ ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ ଭୃଶଙ୍ଗ ପତ୍ର ବ୍ୟବହାର କରନ୍ତି । କିନ୍ତୁ ଆୟୁର୍ବେଦିକ ଦୃଷ୍ଟିକୋଣରୁ ଏଥିରେ ଅନେକ ଔଷଧୀୟ ଗୁଣ ରହିଛି । ଏହାକୁ ସେବନ କରିବା ଦ୍ୱାରା ଶରୀରକୁ ଅନେକ ଲାଭ ମିଳିଥାଏ । ସକାଳେ ଖାଲି ପେଟରେ ନିୟମିତ ୪-୫ଟି ଭୃଶଙ୍ଗ ପତ୍ର ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାରୁ ମୁକ୍ତି ମିଳିଥାଏ । ଭୃଶଙ୍ଗ ପତ୍ରରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଫାଇବର୍ ଶରୀରରେ ଚର୍ବି ହ୍ରାସ କରିବାରେ ସାହାଯ୍ୟ କରେ । ଏହା ମେଟାବୋଲିଜିମ ତ୍ୱରାନ୍ୱିତ କରେ, ଯାହା ଶରୀରରେ ଜମା ହୋଇଥିବା ଅତିରିକ୍ତ ଚର୍ବିକୁ ଜାଳିବାରେ ସାହାଯ୍ୟ କରେ । ଖାଲି ପେଟରେ ଭୃଶଙ୍ଗ ପତ୍ର ଖାଇବା ଦ୍ୱାରା ପେଟର ଚର୍ବି ହ୍ରାସ ହୁଏ ଏବଂ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ । ସେହିପରି ଭୃଶଙ୍ଗ ପତ୍ରରେ ପ୍ରଚୁର ପରିମାଣର ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ରକ୍ତରେ କୋଲେଷ୍ଟ୍ରଲ ସ୍ତରକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇପାରେ । ଏହା ଶରୀରରୁ କ୍ଷତିକାରକ କୋଲେଷ୍ଟ୍ରଲକୁ ବାହାର କରିଦିଏ, ଯାହାଦ୍ୱାରା ହୃଦରୋଗର ଆଶଙ୍କା ହ୍ରାସ ପାଏ । ଏଥିସହିତ ପାଚନ କ୍ରିୟାକୁ ସୁସ୍ଥ ରଖିବା ପାଇଁ ଭୃଶଙ୍ଗ ପତ୍ର ଲାଭଦାୟକ । ଏଥିରେ ଥିବା ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟ ଭଳି ଉପାଦାନ ଗ୍ୟାସ, କୋଷ୍ଠକାଠିନ୍ୟ ଏବଂ ବଦହଜମି ଭଳି ପେଟ ସମସ୍ୟାରୁ ମୁକ୍ତି ଦେବାରେ ସାହାଯ୍ୟ କରେ । ଏହା ଯକୃତକୁ ବିଷମୁକ୍ତ କରିଥାଏ ଏବଂ ଖାଦ୍ୟକୁ ସଠିକ ଭାବରେ ହଜମ କରିବାରେ ସାହାଯ୍ୟ କରେ । ଭୃଶଙ୍ଗ ପତ୍ରରେ ଭିଟାମିନ ଏ ଏବଂ ସି ଭରପୂର ମାତ୍ରାରେ ରହିଥାଏ, ଯାହା ଆଖିର ସ୍ୱାସ୍ଥ୍ୟ ବଜାୟ ରଖିବାରେ ସହାୟକ ହୋଇଥାଏ । ଏହାର ସେବନ ଦ୍ୱାରା ଦୃଷ୍ଟିଶକ୍ତି ଉନ୍ନତ ହୋଇପାରିବ । ଏହା ମୋତିଆବିନ୍ଦୁର ଚିକିତ୍ସାରେ ପ୍ରଭାବଶାଳୀ । ବ୍ରଣ ଏବଂ ଦାଗ ଭଳି ତ୍ୱଚା ସମସ୍ୟା ଦୂର କରିବାରେ ସାହାଯ୍ୟ କରେ ।

ଅଲଗା ହେବେ ଦିବ୍ୟାଙ୍କା-ବିବେକ !

ଟେଲି ଅଭିନେତ୍ରୀ ଦିବ୍ୟାଙ୍କା ତ୍ରିପାଠୀ । ପ୍ରାୟତଃ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଚର୍ଚ୍ଚାରେ ଥାଆନ୍ତି । ସେ ଅଭିନେତା ବିବେକ ଦହିଆଙ୍କୁ ବିବାହ କରିଛନ୍ତି । ନିକଟରେ ଦିବ୍ୟାଙ୍କା ଏବଂ ବିବେକଙ୍କ ବିବାହ ବିଷୟରେ ଖବର ଆସିଥିଲା । କୁହାଯାଉଥିଲା କି ଉଭୟ ଛାଡପତ୍ର ନେବାକୁ ଯାଉଛନ୍ତି । ଏବେ ବିବେକ ଏହି ଖବର ଉପରେ ପ୍ରତିକ୍ରିୟା ଦେଇଛନ୍ତି । ବିବେକ କହିଛନ୍ତି, ଏସବୁ ଶୁଣିଲା ପରେ 'ମୋତେ ବହୁତ ମଜା ଲାଗୁଛି ।' ଦିବ୍ୟାଙ୍କା ଏବଂ ମୁଁ ଏହି ଖବରକୁ ଦେଖିଲା ପରେ ବହୁତ ହସିଲୁ । ଆମେ ଆଇସ୍କ୍ରିମ୍ ଖାଉଥିବା ସମୟରେ ନ୍ୟୁଜ୍‌ଟି ପଢିଥିଲୁ । ଆମେ ଭାବିଲୁ ଯଦି ଆଉ ଟିକିଏ ଅଧିକ ସମୟ ହୋଇଥାନ୍ତା, ତେବେ ଆମେ ମଧ୍ୟ ପପକନ୍ ଅର୍ଡର କରିଥାନ୍ତୁ । ମୁଁ ଏହି ବିଜନେସ୍ ମଡେଲକୁ ବହୁତ ଭଲ ଭାବରେ ବୁଝିପାରୁଛି । ତୁମେମାନେ ଏହି ଚାଞ୍ଚଲ୍ୟକର ଥମ୍ବନେଲ୍ ପୋଷ୍ଟ କର ଯେମିତି ଲୋକମାନେ ଏହି ଫାଲତୁ ନ୍ୟୁଜ୍‌କୁ ଦେଖିବେ । କିନ୍ତୁ ଏଥିରେ କିଛି ହୁଏନାହିଁ । ଦୟା କରି ଅବାସ୍ତବ ଖବରକୁ ଅଧିକ ବଢାଅ ନାହିଁ । କେବଳ ଅଜଥାରେ ଗୁଜବ ସୃଷ୍ଟି କରୁଛ । କହିବାକୁ ଗଲେ ଦିବ୍ୟାଙ୍କା ଏବଂ ବିବେକଙ୍କ ଯୋଡ଼ିକୁ ତାଙ୍କ ଫ୍ୟାନ୍ସ ବହୁତ ପସନ୍ଦ କରନ୍ତି । ଉଭୟଙ୍କ ପ୍ରେମ କାହାଣୀ ୟେ ହୈ ମୋହବତେଁ ଶୋ'ର ସେଟ୍‌ରୁ ଆରମ୍ଭ ହୋଇଥିଲା । ଏହି ଶୋ'ରେ ଦିବ୍ୟାଙ୍କା ମୁଖ୍ୟ ଭୂମିକାରେ ଥିଲେ । ସେହି ସମୟରେ, ବିବେକଙ୍କୁ ଜଣେ ପୋଲିସ ଇନ୍ସପେକ୍ଟର ଭୂମିକାରେ ଦେଖିବାକୁ ମିଳିଥିଲା । ଦୁହେଁ ଏକାଠି କାମ କରୁଥିଲେ । ତା'ପରେ ସେମାନେ ପ୍ରେମରେ ପଡିଥିଲେ । ଏବେ ଦୁହିଁଙ୍କ ବିବାହକୁ ୯ ବର୍ଷ ହେଲାଣି । ବର୍ତ୍ତମାନ ଦିବ୍ୟାଙ୍କା ଟିଭି ଠାରୁ ଦୂରତା ବଜାୟ ରଖିଛନ୍ତି ।

ଆସୁଛି କାଲାମ୍‌ଙ୍କ ବାୟୋପିକ୍



ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ବୈଜ୍ଞାନିକ ଡକ୍ଟର ଏପିଜେ ଅବଦୁଲ କଲାମ । ବର୍ତ୍ତମାନ ତାଙ୍କ ଜୀବନୀ ଉପରେ ଏକ ବାୟୋପିକ୍ ଖୁବଶୀଘ୍ର ରିଲିଜ୍ ହେବାକୁ ଯାଉଛି । ଯାହାର ପୋଷ୍ଟର ଏବେ ସାମ୍ନାକୁ ଆସିଛି । ଏହି ଫିଲ୍ମରେ ଡକ୍ଟର କଲାମଙ୍କ ଜୀବନ ଯାତ୍ରାକୁ ବଡ଼ ପରଦାରେ ଆଣିବାକୁ ଯାଉଛନ୍ତି ଫିଲ୍ମ ନିର୍ମାତା । ରାମେଶ୍ୱରମ ତାମିଲନାଡୁଠୁ ନେଇ ରାଷ୍ଟ୍ରପତି ଭବନ ଏବଂ ତା'ସହ ରାଷ୍ଟ୍ରପତି ହେବା ପଛର ପ୍ରେରଣାଦାୟୀ କାହାଣୀ ଖୁବଶୀଘ୍ର ବଡ଼ ପରଦା ଉପରେ ଦେଖିବାକୁ ପାଇବେ ଦର୍ଶକ । ଅଭିଷେକ ଅଗ୍ରୱାଲ ଏବଂ ଏ.କେ. ଏଣ୍ଟରଟେନମେଣ୍ଟସ୍ ଦ୍ୱାରା ନିର୍ମିତ ଏହି ଚଳଚ୍ଚିତ୍ରଟି ଏ.ପି.ଜେ. ଅବଦୁଲ କଲାମ ଇଣ୍ଟରନେସନାଲ ଫାଉଣ୍ଡେସନର ସହଯୋଗରେ ନିର୍ମାଣ କରାଯାଉଛି । ଭାରତର ଏହି ପ୍ରିୟ ଏବଂ ସମ୍ମାନିତ ବ୍ୟକ୍ତିତ୍ୱଙ୍କ ଚରିତ୍ର ସମ୍ପୂର୍ଣ୍ଣ ସତ୍ୟ ଏବଂ ଗାରିମା ସହ ଉପସ୍ଥାପନ କରାଯିବ । ୨୦୨୫ରେ ମୁକ୍ତିଲାଭ କରିବାକୁ ଯୋଜନା କରାଯାଇଥିବା ଏହି ଚଳଚ୍ଚିତ୍ରଟିର ନାଁ ରହିଛି 'ଜନତା କେ ରାଷ୍ଟ୍ରପତି' । ଏଥିରେ ଡକ୍ଟର କଲାମଙ୍କର ଜୀବନ ଯାତ୍ରା, ତାଙ୍କର ଜ୍ଞାନ, ତାଙ୍କର ନମ୍ରତା ଏବଂ ଦେଶ ପ୍ରତି ତାଙ୍କର ସେବା ମନୋଭାବକୁ ଦେଖାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି ଚଳଚ୍ଚିତ୍ର ନିର୍ମାତା । ସେୟାର କରାଯାଇଥିବା ଏହି ବାୟୋପିକ୍‌ର ପୋଷ୍ଟରରେ ତାଙ୍କ ଚରିତ୍ରର ଝଲକ ପ୍ରତିପାଦିତ ହେଉଛି । ଏହି ବାୟୋପିକ୍‌ଟି ପରଦାରେ ଆସିବା ପରେ ଖୁବ୍ ଲୋକପ୍ରିୟତା ସାଉଁଟିବ ବୋଲି ଆଶା ରଖିଛନ୍ତି ଫିଲ୍ମ ନିର୍ମାତା ।

ଆଗାମୀ ପ୍ରୋଜେକ୍ଟ ନେଇ ସୂଚନା ଦେଲେ କରୀନା

ବଲିଉଡ୍ ଅଭିନେତ୍ରୀ କରୀନା କପୁର ତାଙ୍କ ନୂତନ ପ୍ରୋଜେକ୍ଟ ସମ୍ପର୍କରେ ସୋମବାର ଇନ୍‌ଷ୍ଟାଗ୍ରାମରେ ଘୋଷଣା କରିଛନ୍ତି । ଆଗାମୀ ଦିନରେ ସେ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶିକା ମେଘନା ଗୁଲଜାରଙ୍କ 'ଦାୟରା' ଫିଲ୍ମରେ ନଜରକୁ ଆସିବେ ବୋଲି କରୀନା ନିଜ ପ୍ରଶଂସକଙ୍କୁ ଜଣାଇଛନ୍ତି । ଫିଲ୍ମରେ କରୀନାଙ୍କ ବିପକ୍ଷରେ ଅଭିନେତା ପୃଥ୍ୱୀରାଜ ସୁକୁମାରନଙ୍କୁ ଦେଖିବାକୁ ମିଳିବ । 'ଦାୟରା' ଏକ ଏଣ୍ଟରଟେନ୍‌ମେଣ୍ଟ କ୍ରାଇମ୍ ଡ୍ରାମା ଫିଲ୍ମ ହୋଇଥିବାବେଳେ ଏହା ଅପରାଧ, ଏହାର ଦଣ୍ଡ ଏବଂ ନ୍ୟାୟ ମଧ୍ୟରେ ସଂଘର୍ଷକୁ ଆଲୋକିତ କରୁଛି । ସେହିପରି ଏହି ଫିଲ୍ମ ସାମ୍ପ୍ରତିକ ସମୟରେ ସମାଜରେ ଦେଖାଯାଉଥିବା ବିଭିନ୍ନ ସମସ୍ୟାକୁ ମଧ୍ୟ ଉପସ୍ଥାପନ କରିବ ବୋଲି କରୀନା ତାଙ୍କ ପୋଷ୍ଟରେ ଲେଖିଛନ୍ତି । କରୀନା ଆହୁରି ଲେଖିଛନ୍ତି, ଚଳିତ ବର୍ଷ ସେ ହିନ୍ଦୀ ସିନେମା ଇଣ୍ଡଷ୍ଟ୍ରିରେ ୨୫ ବର୍ଷ ପୂରଣ କରିଛନ୍ତି । ଏହି ଅବସରରେ ସେ ତାଙ୍କ ଆଗାମୀ ଫିଲ୍ମ 'ଦାୟରା'କୁ ନେଇ ଖୁବ୍ ଉତ୍ସାହିତ ଅଛନ୍ତି । ସେହିପରି ନିର୍ଦ୍ଦେଶିକା ମେଘନା ଗୁଲଜାରଙ୍କର ସେ ଜଣେ ବଡ଼ ପ୍ରଶଂସକ ହୋଇଥିବା କରୀନା କହିଛନ୍ତି । ତେବେ 'ଦାୟରା' ଫିଲ୍ମର ସୁଟିଂ କେବେ ଆରମ୍ଭ ହେଉଛି ଏବଂ ଏହି ଫିଲ୍ମ କେବେ ରିଲିଜ୍ ହେବ ସେନେଇ ବର୍ତ୍ତମାନ ସୁଦ୍ଧା ଫିଲ୍ମ ନିର୍ମାତାଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ ।

ସମରରେ ହେୟାର ଷ୍ଟାଇଲ

ହେୟାର ଷ୍ଟାଇଲ ଝିଅମାନଙ୍କୁ ଆଉଟଷ୍ଟାଣ୍ଡିଂ ଲୁକ୍ ଦେଇଥାଏ । ସେଥିପାଇଁ ଏହାକୁ ନେଇ ସେମାନଙ୍କ ଭିତରେ ଅନେକ ଚାହିଦା ରହୁଥିବା ଦେଖିବାକୁ ମିଳେ । ଖାସକରି ଖରାଦିନେ କେଉଁ ଭଳି ହେୟାର ଷ୍ଟାଇଲ କଲେ ଝିଅମାନେ କୁଲ, କମ୍ଫଟେବଲ ଲାଗିବା ସହ ଷ୍ଟାଇଲିଶ ଲୁକ ପାଇପାରିବେ ଜାଣନ୍ତୁ ସେ ସମ୍ପର୍କରେ....।

ହାଇ ପୋନିଟେଲ

ସବୁଠୁ ସହଜ ଓ ସୁବିଧାଜନକ ହେୟାର ଷ୍ଟାଇଲ ଭାବେ ଏହା ଜଣାଶୁଣା । ଏହା ଝିଅମାନଙ୍କୁ ଟ୍ରେଣ୍ଡି ଲୁକ୍ ଦେଇଥାଏ । ବିଶେଷକରି ଖରାଦିନେ ଆଉଟିଂ ହେଉକି ପାର୍ଟି, ଫଙ୍କସନକୁ ଗଲା ବେଳେ ଏହି ହେୟାର ଷ୍ଟାଇଲକୁ ଟ୍ରାଏ କଲେ ଝିଅମାନଙ୍କୁ ଡିଫରେଣ୍ଟ ଲୁକ୍ ମିଳିଥାଏ ।

ମେସି ଲୋ ବନ

ଅନେକ ଝିଅଙ୍କର ହାଇ ବନ ହେୟାର ଷ୍ଟାଇଲ କଲେ ମୁଣ୍ଡ ଦରଜ ହେବାର ସମସ୍ୟା ଦେଖାଯାଇଥାଏ । ଯେଉଁଥିପାଇଁ ପସନ୍ଦ ଆସିବା ସତ୍ତ୍ୱେ ବି ସେମାନେ ଏହାକୁ ଟ୍ରାଏ କରିପାରନ୍ତି ନାହିଁ । ତେଣୁ ଏହି ଝିଅମାନଙ୍କ ପାଇଁ ଖରାଦିନେ 'ମେସି ଲୋ ବନ ହେୟାର ଷ୍ଟାଇଲ' କରିବା ବେଷ୍ଟ ଅପ୍ସନ ହୋଇପାରିବ । ଏହା ସେମାନଙ୍କୁ କୁଲ, କମ୍ଫଟେବଲ ଲୁକ୍ ଦେବ । ତେବେ ଯେଉଁମାନଙ୍କର କର୍ଲି ହେୟାର ସେମାନଙ୍କୁ ତ ଏହି ହେୟାର ଷ୍ଟାଇଲ ବହୁତ ହିଁ ସୁନ୍ଦର ଦେଖାଯିବ । କିନ୍ତୁ ସେମାନଙ୍କ ପାଇଁ ଗୋଟେ ଟିପ୍ସ ହେଉଛି, ସେମାନେ ଏହି ହେୟାର ଷ୍ଟାଇଲ କଲାବେଳେ କେଶରେ ବେଶୀ ପାନିଆ ବ୍ୟବହାର କରିବେ ନାହିଁ ।

ବ୍ରେଡ଼ ହେୟାର ଷ୍ଟାଇଲ

ଏହା ଏକ କ୍ଲାସିକ ହେୟାର ଷ୍ଟାଇଲ । ଏଥିରେ କେଶକୁ ଦିଇ ଭାଗ କରି ଦୁଇ ପଟେ ହାଇ ପୋନିଟେଲ କରାଯାଇଥାଏ । ପରେ ଏହି କେଶକୁ ଡିଫରଣ୍ଟେ ଷ୍ଟାଇଲରେ ବେଣି କରାଯାଏ । କେହି କେହି ଏହି ହେୟାର ଷ୍ଟାଇଲରେ ଫ୍ରେଞ୍ଚ ବେଣି କରିବାକୁ ଭଲ ପାଇଥାନ୍ତି ତ କେହି କେହି ଫିଶଟେଲ ବେଣି ଅଥବା ଡଲ ବେଣି ବି କରିଥାନ୍ତି । କୁହାଯାଏ, ଏହି ହେୟାର ଷ୍ଟାଇଲ କଲେ କେଶ ବେଶୀ ଛିଡ଼ି ନଥାଏ । ଖରାଦିନ ପାଇଁ ଏହା ଏକ ବେଷ୍ଟ ହେୟାର ଷ୍ଟାଇଲ ଅପ୍ସନ ହୋଇପାରେ ।

ରବର ବ୍ୟାଣ୍ଡ ଟୁଇଷ୍ଟେଡ ହେୟାର ଷ୍ଟାଇଲ

ଏହି ହେୟାର ଷ୍ଟାଇଲ ବି ଝିଅମାନଙ୍କୁ ଟିକେ ଡିଫରଣ୍ଟେ ଲୁକ ଦେଇଥାଏ । ଖରାଦିନେ ଗରମରୁ ରକ୍ଷା ପାଇବା ପାଇଁ ଅଧିକାଂଶ ଝିଅ ହାଇ ବନ ହେୟାର ଷ୍ଟାଇଲ କରିଥାନ୍ତି । ଖରାଦିନ ପାଇଁ ଏହା ସବୁଠାରୁ ବେଷ୍ଟ ହେୟାର ଷ୍ଟାଇଲ ହୋଇଥାଏ । ଏହାକୁ କରିବା ଯେତିକି ସହଜ ହୋଇଥାଏ ଦେଖିବାକୁ ବି ସେମିତି ଷ୍ଟାଇଲିଶ ଲାଗିଥାଏ । ଖରାଦିନେ ଅଫିସ ହେଉ କି ପାର୍ଟିକୁ ଏହି ହେୟାର ଷ୍ଟାଇଲ କରିକି ଗଲେ ଆଉଟଷ୍ଟାଣ୍ଡିଂ ଲୁକ୍ ମିଳେ ।

ସାଇଡ଼ ଫ୍ରେଞ୍ଚ ବନ ହେୟାର ଷ୍ଟାଇଲ

ଏଥିରେ ଚୁଟିକୁ ହାଫ ପୋନିଟେଲ କରି ମଝିରେ ମଝିରେ ରବର ବ୍ୟାଣ୍ଡ ସାହାଯ୍ୟରେ କେଶକୁ ବାନ୍ଧି ବାନ୍ଧି ଏହି ହେୟାର ଷ୍ଟାଇଲ କରିବାକୁ ହୋଇଥାଏ । ଖରାଦିନେ ଜିନ୍ସ, ଟି-ସାର୍ଟ ସାଙ୍ଗକୁ ଏହି ହେୟାର ଷ୍ଟାଇଲ କଲେ ଝିଅ ମାନଙ୍କୁ ଆଟ୍ରାକ୍ଟିଭ ଲୁକ ମିଳିଥାଏ । ଏହି ଟାଇପର ହେୟାର ଷ୍ଟାଇଲ ବି ଝିଅ ମାନଙ୍କୁ ମଡ଼ର୍ଣ୍ଣ ଲୁକ୍ ଦେଇଥାଏ । ଏଥିରେ ସମ୍ପୂର୍ଣ୍ଣ କେଶକୁ ୱାନ ସାଇଡ଼କୁ ନେଇ ସେଥିରେ ଫ୍ରେଞ୍ଚ ବନ ହେୟାର ଷ୍ଟାଇଲ କରାଯାଇଥାଏ । ଖରାଦିନେ ଏହା ଝିଅମାନଙ୍କୁ କୁଲ, କମ୍ଫଟେବଲ ଲୁକ୍ ଦେଇଥାଏ ।

ହେୟାର ବ୍ୟାଣ୍ଡ ଓ ସ୍କାର୍ଫରେ ହେୟାର ଷ୍ଟାଇଲ

ଖରାଦିନେ ହେୟାର ବ୍ୟାଣ୍ଡ ଓ ସ୍କାର୍ଫକୁ ବ୍ୟବହାର କରି ହେୟାର ଷ୍ଟାଇଲ କଲେ ବି ଝିଅମାନେ ଖୁବ ସୁନ୍ଦର ଦେଖାଯାଇଥାନ୍ତି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ତେନ୍ତୁଳି ଖୁଣ୍ଟି, (ଭାସ୍କର ନ୍ୟୁଜ୍): ନବରଂଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜନ ଶୁଣାଣି ଶିବିରରେ ମୋଟ ୪୫ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୩୭ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ରହି ଥିବା ବେଳେ ୮ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ରହିଥିଲା । ସେଥିମଧ୍ୟରୁ ୪ଟି ଅଭିଯୋଗର ସମାଧାନ ତତକ୍ଷଣାତ କରାଯାଇଥିଲା । ଚିହ୍ନଟ ୪ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ଓ ଜଣେ ଶ୍ରବଣ ବାଧିତଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା । ଅଭିଯୋଗ ଶୁଣାଣୀ ପରେ ଜିଲ୍ଲାପାଳ ତେନ୍ତୁଳିଖୁଣ୍ଟି ବ୍ଲକର ସପଲା ଗ୍ରାମର ସରକାରୀ ସହାୟତା ଓ ସବସିଡି ପ୍ରାପ୍ତ ଜଣେ କୁକୁଡା ଚାଷୀଙ୍କ ୨୦,୦୦୦କ୍ଷମତା ବିଶିଷ୍ଟ ବ୍ରଏଲର ଫାର୍ମକୁ ପରିଦର୍ଶନ କରିଥିଲେ ।

ସିମେଣ୍ଟ ଇଟା ଫ୍ୟାକ୍ଟ୍ରିରୁ ଟ୍ରାକ୍ଟର ଚୋରି

ଭାପୁର, (ଭାସ୍କର ନ୍ୟୁଜ୍): ଭାପୁର ଆଉଟ୍ ପୋଷ୍ଟ ନିକଟରେ ଅବସ୍ଥିତ ଦେବୀ ଫ୍ଲାଏ ଆସ୍ ସିମେଣ୍ଟ ଇଟା ଫ୍ୟାକ୍ଟ୍ରି ପରିସର ମଧ୍ୟରେ ଫତେଗଡ ଗ୍ରାମର ସୁଶାନ୍ତ କୁମାର ସାହୁ ମଙ୍ଗଳବାର ଦିନ ଟ୍ରାକ୍ଟର (ଓଡି ୨୫ ଏଲ୍ ୯୫୯୦) ରଖି ଇଟା ଦେଖିବା ପାଇଁ ଯାଇଥିଲେ । ସୁଶାନ୍ତ ଇଟା ଦେଖିସାରି ଲୋଡ କରିବା ପାଇଁ ଟ୍ରାକ୍ଟର ପାଖକୁ ଆସିବା ବେଳକୁ ଟ୍ରାକ୍ଟରଟି ଚୋରି ହୋଇଯାଇଥିବା ଦେଖି ଫତେଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଆଉଟ୍ ପୋଷ୍ଟ ନିକଟରୁ ଭାରି ଯାନ ଚୋରି ଭାପୁର ଅଞ୍ଚଳରେ ପ୍ରଥମ ହୋଇଥିବାରୁ ପୋଲିସ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି ।

ବଜ୍ରାଘାତରେ ଜଣେ ମୃତ, ଚାରି ଆହତ

ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅମଲା ଭଟ୍ଟା ଗ୍ରାମ ପଞ୍ଚାୟତର ବାରିଗୁଡ଼ା ଗ୍ରାମ ନିକଟରେ ବଜ୍ରାଘାତ ହୋଇଥିବା ଯୋଗୁଁ ଜଣେ ମୃତ ଓ ଚାରିଜଣ ଆହତ ହୋଇଛନ୍ତି । ମୃତ ଓ ଆହତ ବ୍ୟକ୍ତିମାନେ ଗୋଟେ ଇଟାଭାଟିରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା । ମୃତ ବ୍ୟକ୍ତି ଜଣକ ସୋମନାଥ ଜାନୀ (୫୫) ବୋଲି ଜଣ ପଡିଛି । ଉକ୍ତ ଇଟାଭାଟିରେ କାର୍ଯ୍ୟରତ ଆଉ ଚାରି ଶ୍ରମିକ ବଜ୍ରାଘାତରେ ଆହତ ହୋଇ ଜିଲ୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ଆହତମାନେ ହେଲେ ପ୍ରବୀଣ ହରିଜନ (୪୭), ସୁକୁମନ୍ ଗୌଡ଼ (୪୫), ମଙ୍ଗଲୁ ଯାନୀ (୩୦) ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି । ଧନବଲ ଯାନୀ (୪୦) ଓ କେଶବ ଯାନୀ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ଥିବା ଜଣାପଡିଛି । ପନ୍ଦରଦିନ ମଧ୍ୟରେ ବଜ୍ରାଘାତରେ ତେନ୍ତୁଳିଖୁଣ୍ଟି ତହସିଲ ଅଞ୍ଚଳରେ ଦୁଇଜଣ ମୃତ୍ୟୁବରଣ କରିଛନ୍ତି । ମୃତକଙ୍କ ପରିବାରକୁ ପ୍ରାକୃତିକ ବିପର୍ଯ୍ୟୟ ମୃତ୍ୟୁ ଜନିତ କ୍ଷତିପୂରଣ ପ୍ରଦାନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି ।

ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଚାଲିଗଲା ୨ ଜୀବନ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ନୂଆନନ୍ଦ ପଞ୍ଚାୟତର ପ୍ରସିଦ୍ଧ ଦେବୀ ମା' କଣ୍ଟିମଙ୍ଗଳାଙ୍କ ପାଟୁଆ ଶୋଭାଯାତ୍ରା ବେଳେ ଅଘଟଣ ଘଟିଛି । ଡିଜେ ପାଇଁ ଦୁଇ ଯୁବକଙ୍କ ଜୀବନ ଚାଲିଯାଇଛି । ସୋମବାର ରାତି ୧୦ଟା ସମୟରେ ପାଟୁଆ ଶୋଭାଯାତ୍ରା ଯାଉଥିବା ଡିଜେ ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ମହିଳା, ୩ ବାଳକଙ୍କ ସମେତ ୯ ଜଣ ଗୁରୁତର ଆହତ ହୋଇଥିବା ଜଣାଯାଇଛି । ପ୍ରକାଶ ଯେ, ତିହିଡ଼ି ଥାନା ଅଧୀନ ନୂଆନନ୍ଦ ଗ୍ରାମସ୍ଥିତ ମା' କଣ୍ଟି ମଙ୍ଗଳାଙ୍କ ପୀଠରେ ସୋମବାର ପଣା ସଂକ୍ରାନ୍ତି ଉପଲକ୍ଷେ ପାଟୁଆ ଯାତ୍ରା ଅନୁଷ୍ଠିତ ହେଉଥିଲା । ତେବେ ହାଟୁଆରୀ ଗ୍ରାମରୁ ପାଟୁଆମାନେ ଏକ ଶୋଭାଯାତ୍ରାରେ ମାଙ୍କ ପୀଠକୁ ଡିଜେ ବଜାଇ ଯାଉଥିଲେ । ହାଟୁଆରି ଛକରେ ଶୋଭାଯାତ୍ରାରେ ଥିବା ଡିଜେ ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲା । ବିଦ୍ୟୁତ ତାର ସଂସ୍ପର୍ଶରେ ଡିଜେ ଚାର୍ଜ ହୋଇଯିବାରୁ ଡିଜେ ନିକଟରେ ଥିବା ଲୋକମାନେ ଗୁରୁତର ଆହତ ହୋଇଥିଲେ ।

ସେମାନଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ହାଟୁଆରି ଗ୍ରାମର ମାନସ ମଲିକ (୩୨) ଏବଂ ଆରସା ଗ୍ରାମର ଶରତ ମହାଳିକ(୩୨)ଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଗୁରୁତର ଆହତ ହୋଇଥିବା ବ୍ୟକ୍ତିମାନେ ହେଉଛନ୍ତି ପାଳିଆବିନ୍ଧା ଗ୍ରାମର ଲକ୍ଷ୍ମୀପ୍ରିୟା ମଲ୍ଲିକ (୫୦) ଓ ଅନିତା ନାୟକ(୪୫), ହାଟୁଆରି ଗ୍ରାମର ଅଭିଷେକ ମହାଳିକ(୧୦), ସାନୁ ମହାଳିକ (୧୨), ସ୍ୱପ୍ନାରାଣୀ ଦାସ (୪୫) ଓ ଧନଞ୍ଜୟ ବେହେରା(୧୬), ତଳବନ୍ଧ ଗ୍ରାମର ହରିହର ଦାସ (୪୯), ସତ୍ୟପ୍ରକାଶ ଦାସ (୧୦) ଓ ଆଲମନା ଦାସ (୧୬) ବୋଲି ଜଣାପଡ଼ିଛି । ତେବେ ଅତି ଗୁରୁତର ଥିବାରୁ ଲକ୍ଷ୍ମୀପ୍ରିୟା ଏବଂ ସ୍ୱପ୍ନାରାଣୀଙ୍କୁ ସୋମବାର ରାତିରେ ଏବଂ ମଙ୍ଗଳବାର ଅନିତା ଓ ସତ୍ୟପ୍ରକାଶଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାଯାଇଛି । ତେବେ ଏହି ଅଘଟଣ ପରେ ନୂଆନନ୍ଦ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ସଦଳବଳେ ଗ୍ରାମରେ ପହଞ୍ଚି ଉତ୍ତେଜନାକୁ ନିୟନ୍ତ୍ରଣ କରିଥିଲେ । ମଙ୍ଗଳବାର ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ତିହିଡ଼ି ଥାନାରେ ଏହି ଘଟଣାକୁ ଏକ ମକଦ୍ଦମା ରୁଜୁ ହୋଇଥିବା ବେଳେ ପୋଲିସ ଡିଜେ ସାଉଣ୍ଡକୁ ଜବତ କରିଛି । ସୂଚନାଯୋଗ୍ୟ ଯେ ତିହିଡ଼ି ବ୍ଲକର ବିଭିନ୍ନ ଅଞ୍ଚଳରେ ଡିଜେକୁ ନେଇ ଅଘଟଣ ଘଟିଚାଲିଛି । କାଳୀମେଘା ମେଳଣ ଶୋଭାଯାତ୍ରାରେ ଡିଜେରୁ ଖସି ଜଣେ ଯୁବକଙ୍କର ଏବଂ ପୀରହାଟ ଥାନା ଅଧୀନ ମାଲପୁର ଗ୍ରାମରେ ଏକ ଭସାଣି ଶୋଭାଯାତ୍ରାରେ ଡିଜେରୁ ଖସିପଡ଼ି ଅନ୍ୟ ଜଣେ ଯୁବକଙ୍କର ମୃତ୍ୟୁ ଘଟିଥିଲା । ଡିଜେର ଶବ୍ଦ ପାଇଁ ହୃଦଘାତ ପରି ଶୋଚନୀୟ ପରିସ୍ଥିତି ଉପୁଜୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କାହିଁକି ଡିଜେ ବନ୍ଦ କରାଯାଉନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

ବିଦ୍ୟୁତ୍ ଆଘାତରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

ଫୁଲନଖରା, (ଭାସ୍କର ନ୍ୟୁଜ୍): କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀ ଠାରେ ଦୀର୍ଘ ୧୨ ତାରିଖ ରୁ ଚାଲିଥିବା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଜଗତସିଂହପୁର ଜିଲା ରଘୁନାଥପୁର ଥାନା ଅଧୀନ ଜଗନ୍ନାଥ ପୁର ଗ୍ରାମର ସୁବାଷ ଚନ୍ଦ୍ର ସାହୁଙ୍କ ପୁତ୍ର ତ୍ରିଲୋଚନ ସାହୁ । ମିଳିଥିବା ସୂଚନା ଅନୁଯାଇ ଧାକୁଲେଇ ମହୋତ୍ସବରେ ତ୍ରିଲୋଚନ ଓ ତାଙ୍କ ବାପା ସୁବାଷ ମା ସାରଦା ଚାର୍ଟ ଓ ଠୁଙ୍କା ପୁରୀ ଦୋକାନ କରିଥିଲେ । ମଙ୍ଗଳବାର ମହୋତ୍ସବର ଚତୁର୍ଥ ଦିନ ଥିଲା । ହଠାତ୍ କାଳ ବୈଶାଖୀ ଆସିବାରୁ ଦୋକାନ ଗୁଡିକରେ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାର ଗୁଡିକ ବିଚ୍ଛିନ୍ନ ହୋଇଥିଲା । ହଠାତ୍ ବିଦ୍ୟୁତ୍ ଆସିବାରୁ ଦୋକାନ ଭିତରେ ଜମି ରହିଥିବା ପାଣିରେ ତାରଟି ପଡିଥିଲା । ସେହି ପଡିଥିବା ତାରାର ସଂସ୍ପର୍ଶରେ ଆସି ତ୍ରିଲୋଚନଙ୍କ ମୃତ୍ୟୁ ହୋଇଥିଲା । ମହୋତ୍ସବରେ କରିଥିବା ଅନ୍ୟ ଦୋକାନୀ ଭାଇ ମାନେ ତାଙ୍କୁ ପ୍ରତାପ ନଗରୀ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ତାଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ଏସମ୍ପର୍କରେ କଟକ ସଦର ଥାନା ପୋଲିସ ଶବ ବ୍ୟବଚ୍ଛେଦ ପାଇଁ କଟକ ଏସସିବି ମେଡିକାଲ ଆଣ୍ଡ କଲେଜ କୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଏଠାରେ ପ୍ରଶ୍ନ ହେଉଛି ଏହି ମହୋତ୍ସବରେ ଅଞ୍ଚଳର ଲକ୍ଷ୍ ଲକ୍ଷ ଲୋକ ଭିଡ଼ ଜମିଥିବା ବେଳେ କିଭଳି ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଖାମଖିଆଲ ମନ ବୃତ୍ତି ଯୋଗୁ ଏଭଳି ଅଘଟଣ ଘଟିଛି ।ଏହି ଘଟଣା ଯୋଗୁ ମହୋତ୍ସବକୁ କିଛି ସମୟ ପାଇଁ ବନ୍ଦ ରଖାଯାଇଥିଲା ।

ଶିବ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ପଞ୍ଚପଡ଼ା ନିକଟସ୍ଥ କୁସୁମପୁର ଗ୍ରାମର ମା' ଦକ୍ଷିଣେଶ୍ୱରୀ ପୀଠ ନିକଟରେ ମହାଜିତେଶ୍ୱର ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କୁସୁମପୁର ଗ୍ରାମବାସୀଙ୍କ ଉଦ୍ୟମରେ ଆୟୋଜିତ ଏକ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ପଞ୍ଚପଡ଼ା (ନୂଆପଡ଼ା, ପନାପଡ଼ା, ଗୌଡ଼ବିଶି, ଓରଗଲା ଓ ପଥରପଡ଼ା) ଭରତପଡ଼ା, ପାଟସାଇଲୋ ଗ୍ରାମବାସୀଙ୍କ ସହଯୋଗରେ ଗତ ୫ ତାରିଖରୁ ଆରମ୍ଭ ହୋଇ ଆଠଦିନବ୍ୟାପୀ ଏହି କାର୍ଯ୍ୟକ୍ରମର ମନ୍ଦିର ପ୍ରତିଷ୍ଠା, ଦେବତା ପ୍ରତିଷ୍ଠା, ରୁଦ୍ରମହାଯଜ୍ଞ ଆଦି କାର୍ଯ୍ୟ ସମାପନ କରାଯାଇଥିଲା । ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବଚନ, କାର୍ଯ୍ୟକ୍ରମ ସ୍ଥାନୀୟ ଶ୍ରଦ୍ଧଶଲଉଙ୍କ ଠାରେ ଧର୍ମୀୟ ଭାବ ଜାଗ୍ରତ କରାଇଥିଲା । ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ୭ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ସଇଁତଳାରେ ପଣା ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ପାଳିତ

ସଇଁତଳା, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ସଇଁତଳା ସହରରେ ମହାବିଷୁବ ପଣା ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ଅବସରରେ ସଇଁତଳା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଏହି ପର୍ବ ପାଳନ କରାଯାଇଛି । ହନୁମାନ ଜୟନ୍ତୀ ଅବସରରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଶୋଭାଯାତ୍ରା କରାଯାଇ ରାମଧୂନରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଉଠିଛି । ପ୍ରତ୍ୟେକ ମନ୍ଦିରରେ ପଣା ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ପାଳନ ହୋଇଥିବା ବେଳେ ବିଶେଷ କରି ରାମମନ୍ଦିର ଓ ହନୁମାନ ମନ୍ଦିରରେ ମହା ଜାକଜମକରେ ପର୍ବ ପାଳନ ହୋଇଛି । ହଜାର ହଜାର ସଂଖ୍ୟକ ଭକ୍ତ ଠାକୁରଙ୍କ ଦର୍ଶନ କରିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ସରପଞ୍ଚ ସୁବ୍ରତ ନାଗଙ୍କ ନେତୃତ୍ୱରେ ଗୋପବନ୍ଧୁ ପଡା ସ୍ଥିତ ରାମ ମନ୍ଦିରରେ ସକାଳୁ ପୂଜାର୍ଚ୍ଚନା ପରେ ରାମ ମାନସ ମଣ୍ଡଳୀ ଦ୍ୱାରା ଦିନବେଳା ପ୍ରସାଦର ବ୍ୟବସ୍ଥା କରାଯାଇଥିଲା । ପରେ ଏକ ବିରାଟ ଶୋଭଯାତ୍ରା ବାହାରି ସହର ପରିକ୍ରମା କରିବା ସହ ହଜାରହଜାର ଭକ୍ତ ଏହି ପରିକ୍ରମାରେ ସାମିଲ ହୋଇଥିଲେ । କୁନିକୁନି ଛୁଆମାନେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ରୂପରେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ପରେ ସେମାନଙ୍କ ପାଇଁ ରାତିରେ ରାମ ମନ୍ଦିରରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ସେହିପରି ଭାବରେ ଶଙ୍କର ଚୌକ ସ୍ଥିତ ଶିବ ମନ୍ଦିରରେ ଯୁବରାଜ ନାଏକଙ୍କ ନେତୃତ୍ୱରେ ହନୁମାନ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତିରେ ଜଳ ଓ ଗୋରସରେ ଅଭିଷେକ କରିବା ସହ ପୂଜାର୍ଚ୍ଚନା କରାଯାଇଥିଲା । ଲାନ୍ଥୁ ନଦୀ କୂଳ ଶିବ ମନ୍ଦିରରେ ମଧ୍ୟ ହନୁମାନ ଜୟନ୍ତୀ ବେଶ ଧୂମଧାମରେ ପାଳନ କରାଯାଇଥିଲା । ରମେଶ ସିଂଭୋଲ ଷ୍ଟାଡିଅମର ବ୍ୟାୟାମଗାର, ନୂଆବନ୍ଧ ସ୍ଥିତ ହନୁମାନ ମନ୍ଦିର, ରେଲୱେ ଫାଟକ ସ୍ଥିତ ହନୁମାନ ମନ୍ଦିରରେ ମଧ୍ୟ ହନୁମାନ ଜୟନ୍ତୀ ବେଶ ଧୂମଧାମରେ ପାଳନ କରାଯାଇଥିଲା । ପଣା ସଂକ୍ରାନ୍ତି ଉପଲକ୍ଷେ ସଇଁତଳା ପୋଲିସ ଷ୍ଟେସନ ଦ୍ୱାରା ଖୋଲାଯାଇଥିବା ଜଳଛତ୍ରରେ ଆଇଆଇସି ସୁଶାନ୍ତ ବଢ଼େଇଙ୍କ ନେତୃତ୍ୱରେ ସମସ୍ତ ଥାନା ଅଧିକାରୀଙ୍କ ସହ ଦିନବେଳା ହଜାରହଜାର ପଥିକଙ୍କୁ ପଣା ବଣ୍ଟନ କରାଯାଇଥିଲା ।

ବେଆଇନ ମାଙ୍ଗାନିଜ ଖଣିରେ ଚଢାଉ

କୋଇଡା, (ଭାସ୍କର ନ୍ୟୁଜ୍): ସୁନ୍ଦରଗଡ ତେଲେନଡିହିରେ ବେଆଇନ କୋଇଲା ଖଣି ଧରପଗଡ ପରେ କୋଇଡା ଖଣି ଅଂଚଳର ପହଁଚିଛି ଏନଫୋର୍ସମେଣ୍ଟ ଟିମ । ବହୁ ଚର୍ଚ୍ଚିତ ତେଲେନଡିହି ବେଆଇନ କୋଇଲା ଖଣିର ସରଜମିନ ତଦନ୍ତ ସରିବା ପରେ ଗତ ୧୪ ତାରିଖ ଠାରୁ ୫ଟି ଗାଡିରେ ବନ ବିଭାଗ,ଖଣି ବିଭାଗର ୯ଜଣିଆ ଟିମ କୋଇଡା ରେଞ୍ଜର ବିଭିନ୍ନ ଜଙ୍ଗଲ ଭିତରେ ଚାଲିଥିବା ବେଆଇନ ଖଣି ବୁଲି ଦେଖିଥିଲେ । ଏହି ଟିମରେ ଯୁଗ୍ମ ନିର୍ଦ୍ଦେଶକ, ଭୂତତ୍ତ୍ୱ ସନ୍ତୋଷ କୁମାର ସାହୁ,ଖଣି ଉପ ନିର୍ଦ୍ଦେଶକ ପବିତ୍ର କୁମାର ସାହୁ,ବିଶ୍ୱ ରଞ୍ଜନ ସେଠୀଙ୍କ ସମେତ କୋଇଡା ଖଣି ଉପନିର୍ଦ୍ଦେଶକ ଅସିତ୍ କୁମାର ବେହେରା, କୋଇଡା ରେଞ୍ଜର ପ୍ରସନ୍ନ କୁମାର ପ୍ରଧାନ, ଖଣି ଅଧିକାରୀ ବସନ୍ତ କୁମାର ସାହୁ, ଭଞ୍ଜ କିଶୋର ସା, ସହକାରୀ ଖଣି ଅଧିକାରୀ ରଜତ୍ କୁମାର ବେହେରା, ସୌମେନ୍ଦ୍ର ରାଉତ, କନିଷ୍ଠ ଖଣି ଅଧିକାରୀ ନଗେନ୍ଦ୍ର ମହାନ୍ତ, ବିଭୂତି ଭୂଷଣ ଦେହୁରୀ ପ୍ରମୁଖ ସାମିଲ ଅଛନ୍ତି । ଏନଫୋର୍ସମେଣ୍ଟ ଟିମ କୋଇଡା ସର୍କଲ ଅନ୍ତର୍ଗତ କେନାଭେଟା, ପଟ୍ଟାବେଡା, ମାଲଦା ଅଂଚଳରେ ଜଙ୍ଗଲ ଭିତରେ ବେଆଇନ ଖନନ ହୋଇ ଗଚ୍ଛିତ ରହିଥିବା ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ । ଜଙ୍ଗଲ ଭିତରେ ଏକର ଏକର ଜମିରେ ବେଆଇନ ଖନନ ହେଉଥିଲେ ହେଁ ବନବିଭାଗ କିପରି ଜାଣିପାରିଲା ନାହିଁ ସେ ନେଇ ଟିମ ପ୍ରଶ୍ନ କରିଥିଲେ ମଧ୍ୟ ବନବିଭାଗ ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ । ଏହି ଏନଫୋର୍ସମେଣ୍ଟ ଟିମ୍ ମଙ୍ଗଳବାର ରାଣୀଶାଳ, ମାଲଦା, ଗଣ୍ଡୁଆ, ଦଳିତା, ପାନପୋଷିଆ, ଗିରେଇ, କାକରପାଣି ଆଦି ଅଂଚଳରେ ଜଙ୍ଗଲରେ ଚାଲିଥିବା ବେଆଇନ ଖଣି ବୁଲି ଦେଖିଥିଲେ । ବନ ବିଭାଗ ଜ୍ଞାତସାରରେ ବର୍ଷ ବର୍ଷ ଧରି ଯୋଜନାବଦ୍ଧ ଭାବେ ଜଙ୍ଗଲ ଭିତରେ

ବେଆଇନ ଖଣି ଚାଲିଛି । ଏହି ଚୋରିରେ ମାଫିଆ ଏବଂ ବନ ବିଭାଗର କେତେକ ଅସାଧୁ ଅଧିକାରୀ ମାଲାମାଲ ହେଉଥିବା ବେଳେ ଜଙ୍ଗଲ ଧ୍ୱଂସ ହେଉଛି । ଖଣିଜ ସମ୍ପଦ ଚୋରୀ ରୋକିବା ପାଇଁ ବନ ବିଭାଗ ଖଣି ବିଭାଗକୁ ସହଯୋଗ କରୁନଥିବାରୁ ଚୋରି ବଢୁଛି । ଟ୍ରକ ଏବଂ ଟିପରରେ ଲୋଡିଂ ପରେ ଗଳାବାଟ ଦେଇ ତାହା କେନ୍ଦୁଝର ଦେଇ ଝାଡଖଣ୍ଡ ଓ ପଶ୍ଚିମବଙ୍ଗର ମାଙ୍ଗାନିଜ୍ ଫେରୋ ପ୍ଲାଣ୍ଟକୁ ଯାଉଛି । କୋଇଡା ସର୍କଲରେ ବିଭିନ୍ନ ଜଙ୍ଗଲରେ ବେଆଇନ ଖଣି ଉତ୍ତୋଳନ ହୋଇ ମାସକୁ କୋଟି କୋଟି ଟଙ୍କାର ମୂଲ୍ୟବାନ ମାଙ୍ଗାନିଜ ଚୋରୀ ହେଉଛି । ଚୋରା ବଜାରରେ ମାଙ୍ଗାନିଜର ଟନ୍ ପିଛା ମୂଲ୍ୟ ୨୦ ହଜାରରୁ ଅଧିକ ଟଙ୍କା ରହିଛି । ଏ ନେଇ କୋଇଡା ଖଣି ଉପନିର୍ଦ୍ଦେଶକ ଅସିତ୍ କୁମାର ବେହେରା ରାଜ୍ୟ ଖଣି ନିର୍ଦ୍ଦେଶକଙ୍କୁ ଅବଗତ କରିଥିଲେ । କୋଇଡା ରେଞ୍ଜ ଅଧିକାରୀ ଜଙ୍ଗଲ ଭିତରେ ପ୍ରବେଶ କରି ଚଢାଉ କରିବାକୁ ଖଣି ବିଭାଗକୁ ବାରଣ କରୁଛନ୍ତି । ଫଳସ୍ୱରୂପ ଏନ୍‌ଫୋର୍ସମେଣ୍ଟ ଟିମ୍ ବେଆଇନ ଖଣି ଉତ୍ତୋଳନକୁ ରୋକିବା ଏବଂ ବେଆଇନ ଉତ୍ତୋଳନ ହୋଇଥିବା ଖଣିଜ ପଥର ଜବତ୍ କରିପାରୁନାହିଁ ।

ପ୍ରଶାସନର ଅବହେଳା ଯୋଗୁଁ ଶରଧା ଗ୍ରାମବାସୀ ହନ୍ତସନ୍ତ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ବ୍ଲକ ଅନ୍ତର୍ଗତ ବଡ଼ଦେଉଳି ପଞ୍ଚାୟତର ଶରଧା ଗ୍ରାମର ରାସ୍ତାର ଅବସ୍ଥା ଅତି ଶୋଚନୀୟ । ଏହି ଗ୍ରାମରେ ୫୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି । ଗ୍ରାମର ଲୋକେ ପ୍ରତେକ ଦିନ କରଞ୍ଜିଆ ବ୍ଲକକୁ ଏବଂ କରଞ୍ଜିଆ ସହରକୁ ଆସନ୍ତି ବିଭିନ୍ନ କାମରେ । କରଞ୍ଜିଆରୁ ଶରଧା ଗ୍ରାମ ମାତ୍ର ଦୁଇ କ

ବିଦ୍ୟୁତ୍ ଆଘାତରେ ୨ ପଶୁ ମୃତ

କ୍ଷତିପୂରଣ ଦାବି କରି ଥାନାର ଦ୍ୱାରସ୍ଥ ମାଲିକ

ଠିକା ସଂସ୍ଥା ଓ ବିଦ୍ୟୁତ୍ ବିଭାଗର ଅବହେଳାକୁ ନେଇ ଅଭିଯୋଗ

କୋକସରା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ବାବେକୋହୋରା ଗ୍ରାମରେ ରାସ୍ତା ନିର୍ମାଣକାରି ଠିକାସଂସ୍ଥା ଓ ବିଦ୍ୟୁତ୍ ବିଭାଗର ଅବହେଳା କାରଣରୁ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ଟି ବଳଦ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଏନେଇ ବଳଦ ମାଲିକ ଅଜାମ୍ବର ନାଏକ ଓ ମୋହନ ପୁଝାରୀ କ୍ଷତିପୂରଣ ଦାବି କରିଥିବାବେଳେ ଠିକା ସଂସ୍ଥା ଓ ବିଦ୍ୟୁତ୍ ବିଭାଗ ବଳଦ ମାଲିକକୁ କ୍ଷତିପୂରଣ ଦେବାପାଇଁ ନାରାଜ । ସୂଚନା ଅନୁସାରେ, ବାବେକୋହରା-ସିଉନୀ ରାସ୍ତାରେ ଯାଇଥିବା ବିଦ୍ୟୁତ୍ ସଂଯୋଗକୁ ଅନେକ ଦିନରୁ ବିଚ୍ଛିନ୍ନ କରାଯାଇ ଅକାମି କରାଯାଇଛି । ହେଲେ ଠିକା ସଂସ୍ଥା ରାସ୍ତା ସମ୍ପ୍ରସାରଣ ଓ ଗଛ ସଫା କରିବା ସମୟରେ ସେହି ବିଦ୍ୟୁତ୍ ତାର ତଳେ ପଡି ଯାଇଥିଲା । ସେହି ସମୟରେ ଗାଁ ଲୋକେ ବିଦ୍ୟୁତ୍ ବିଭାଗକୁ ଅବଗତ କରାଇଥିଲେ । ହେଲେ ଠିକା ସଂସ୍ଥା ଏହାକୁ ଭାଙ୍ଗିଥିବା କହି ବିଦ୍ୟୁତ୍ ବିଭାଗ ତାର ଉଠାଇବା ଉପରେ କୌଣସି ଧ୍ୟାନ ଦେଇ ଲିଖିତ ଭାବେ ଜଣାଇବା ପାଇଁ କହିଥିଲା । ହେଲେ କେହି ଧ୍ୟାନ ଦେଇ ନଥିଲେ । ଫଳରେ ଉକ୍ତ ତାର ସେମିତି ତଳେ ପଡ଼ି ରହିଥିଲା । ପରବର୍ତ୍ତୀ ସମୟରେ ସେହି ତାର ଉପରେ ଯାଇଥିବା ଏଲଟି ଲାଇନ୍ କୌଣସି ପ୍ରକାରରେ ଲାଗିଯାଇ ବିଦ୍ୟୁତ୍ ସଂଯୋଗ ହୋଇଯାଇଥିଲା, ଯାହା କାହାକୁ ଜଣା ନଥିଲା । ଗତକାଲି ବାବେକୋହରା ଗ୍ରାମର ଅଜାମ୍ବର ନାଏକ ଓ ମୋହନ ପୁଝାରୀଙ୍କ ବଳଦ ଚରିବାକୁ ଯାଇ ସେହି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଉଭୟ ଚାଷୀ ଠିକା ସଂସ୍ଥାକୁ କ୍ଷତିପୂରଣ ଦେବା ପାଇଁ ଦାବି କରିଥିଲେ । ତେବେ ଠିକା ସଂସ୍ଥା ବିଦ୍ୟୁତ୍ ବିଭାଗକୁ ଭରଣ ମାଗିବା ପାଇଁ କହିଥିବାବେଳେ ବିଦ୍ୟୁତ୍ ବିଭାଗ ଠିକା ସଂସ୍ଥା ଜାଣିବ କହି କ୍ଷତିପୂରଣ ଦେବାକୁ ମନା କରିଦେଇଥିବା ଉଭୟ ବଳଦ ମାଲିକ ପ୍ରକାଶ କରିଛନ୍ତି । ବଳଦ ମୃତ୍ୟୁର କ୍ଷତିପୂରଣ ନ ପାଇ ଉଭୟ ଗରିବ ଚାଷୀ ଥାନାର ଦ୍ୱାରସ୍ଥ ହେବାପାଇଁ ପ୍ରକାଶ କରିଛନ୍ତି । ଏନେଇ ଠିକା ସଂସ୍ଥା ଓ ବିଦ୍ୟୁତ୍ ବିଭାଗର ମତାମତ ନେବାରୁ ଉଭୟ ଉଭୟଙ୍କୁ ଦୋଷ ଲଦାଲଦି ହୋଇ କ୍ଷତିପୂରଣ ଦେବା ପାଇଁ ମନା କରିଛନ୍ତି ।

ପଥଚାରୀମାନଙ୍କୁ ପଣା ବଣ୍ଟନ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ୧୪ ତାରିଖ ସୋମବାର ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ, ବିଶେଷ କରି ମହାପ୍ରଭୁ ଶ୍ରୀ ମହାବୀର ହନୁମାନଙ୍କ ଜୟନ୍ତୀ ଉତ୍ସବ ପାଳନ ଉପଲକ୍ଷେ ସମଗ୍ର ରାଜ୍ୟ ଉତ୍ସବ ମୁଖର ହୋଇ ଉଠିଥିଲା ବେଳେ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଆଖି ଆଗରେ ରଖି ଭବାନୀପାଟଣା ସହରର ବିଭିନ୍ନ ମନ୍ଦିର, ମଠ, ବଦାନ୍ୟବ୍ୟକ୍ତି ବିଶେଷ ଓ ସଂଗଠନ ମାନଙ୍କ ପକ୍ଷରୁ ପଥଚାରୀ ମାନଙ୍କୁ ବିଭିନ୍ନ ସ୍ଥାନରେ ଥଣ୍ଡା ପାନୀୟ ବିତରଣ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଭବାନୀପାଟଣାର ହିଲ୍ ଟାଉନ ଠାରେ ଥିବା 'ରୀତସିକା ଫାଉଣ୍ଡେସନ୍' ପକ୍ଷରୁ ସ୍ଥାନୀୟ ଟିଭି ସେଣ୍ଟରପଡା ରାସ୍ତା ପାର୍ଶ୍ୱରେ ସଦସ୍ୟ ସଦସ୍ୟା ମାନେ ପଥଚାରୀମାନଙ୍କୁ ଥଣ୍ଡା ପାନୀୟ ବାଣ୍ଟୁଥିବାର ଦେଖିବାକୁ ମିଳିଥିଲା । ଫାଉଣ୍ଡେସନର ସଦସ୍ୟ ସଦସ୍ୟା ପ୍ରବଳ ଖରାରେ ପାଦରେ ଚାଲି ଚାଲି ଯାଉଥିବା ଏବଂ ଦୁଇ ଚକିଆ ବା ଚାରିଚକିଆ ଗାଡ଼ିରେ ଯାଉଥିବା ଲୋକମାନଙ୍କୁ ଶ୍ରଦ୍ଧାର ସହିତ ସୁସ୍ୱାଦୁ ପଣା ପିଆଉଥିବା ଓ ଲୋକମାନେ ଆଗ୍ରହର ସହିତ ଗିଲାସେ ଜାଗାରେ ଅଧିକ ପିଉଥିବାର ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା । ଲୋକମାନେ ପଣା ପିଇ ଶାନ୍ତିରେ ନିଶ୍ୱାସ ମାରିବା ସହ ରୀତସିକା ଫାଉଣ୍ଡେସନର ଏଭଳି ପ୍ରୟାସର ପ୍ରଶଂସା କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭୁବନେଶ୍ୱର ପଟିଆର ଶ୍ରୀ ବିହାର ଠାରେ ଥିବା 'ରୀତସିକା ଫାଉଣ୍ଡେସନ୍' କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ହିଲ୍ ଟାଉନ୍ ଠାରେ ନିଜର ଶାଖା କାର୍ଯ୍ୟାଳୟ ଖୋଲିବା ସହିତ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଶାଖା ଖୋଲି ନିଜର ସେବାକାର୍ଯ୍ୟ ଜାରି ରଖିଛନ୍ତି ।

ଚଳଚ୍ଚିତ୍ର ଦେଖିଲେ ୧୫ ଶହ ଛାତ୍ରୀଛାତ୍ର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନରେ ଚାଲିଥିବା ଅନ୍ତର୍ଜାତୀୟ ଶିଶୁ ଓ ଯୁବ ଚଳଚ୍ଚିତ୍ର ମହୋତ୍ସବ ସୋମବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ଏହି ଅବସରରେ ସ୍ଥାନୀୟ ଓ୍ୱିଜ୍‌ଡମ୍ ପାର୍କ ପରିସରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଶିଶୁ ଓ ଯୁବମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଶିଶୁ ମନସ୍ତତ୍ତ୍ୱ ଉପରେ ଆଧାରିତ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ୫ରୁ ଅଧିକ ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ପ୍ରଦର୍ଶିତ ହୋଇଥିଲା । ଏଥିରେ ଇନ୍‌ଷ୍ଟିଚ୍ୟୁଶନର ୧୫ ଶହରୁ ଊର୍ଦ୍ଧ ଛାତ୍ରୀଛାତ୍ର ଉପସ୍ଥିତ ରହି ବିଭିନ୍ନ ଭାଷାର ବହୁ ଚର୍ଚ୍ଚିତ ଫିଲ୍ମଗୁଡିକୁ ଉପଭୋଗ କରିଥିଲେ । 'କ୍ରିଏଟିଂ ଇମ୍ପାକ୍ଟ ଫୁଲ ଫିଲ୍ମ ଆଣ୍ଡ କନେକ୍ଟିଂ ଉଇଥ ଇୟୋର ସେଲ୍ଫ' ଶୀର୍ଷକ କର୍ମଶାଳାରେ ଖ୍ୟାତନାମା ଚଳଚ୍ଚିତ୍ର ନିର୍ଦ୍ଦେଶକ ଜିତେନ୍ଦ୍ର ମିଶ୍ର, ପର୍ପଲ ଫିଲ୍ମ ଲ୍ୟାବ୍‌ସର ପ୍ରତିଷ୍ଠାତା ଶ୍ୱେତା ପରଖ, ଜର୍ଜିଆରୁ ରାଷ୍ଟ୍ରଦୂତ ସୁଶ୍ରୀ ଆନା ଡୋବୋର୍ଜଗିନିଡଜେ, ଲିଥୁନିଆରୁ ସୁଶ୍ରୀ ରାସା ଓଜିଉନାଇଟେ, ୟୁକ୍ରେନରୁ ଭୋଲୋଡିର୍ମି ପ୍ରିଟୁଲା ଯୋଗଦେଇ ଶିକ୍ଷାର୍ଥୀମାନେ ପଚାରିଥିବା ପ୍ରଶ୍ନର ଉତ୍ତର ଦେଇଥିଲେ । କାର୍ଯ୍ୟକ୍ରମରେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ଏକାଡେମୀକ ଇନ୍‌ଚାର୍ଜ ଡି. ବିଜୟା, ପରିଚାଳନା କମିଟି ସଦସ୍ୟା ଡି. ପଦ୍ମିନୀ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତି ମିଶ୍ର, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ ପ୍ରମୁଖ ଯୋଗଦେଇଥିଲେ ।

ବାଇକ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ନର୍ଲା, (ଭାସ୍କର ନ୍ୟୁଜ୍) :କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ସାଲେପଡ଼ା ଠାରେ ଦୁଇ ବାଇକ୍ ହୋଣ୍ଡା ଡିଲକ୍ସ ଓ ଆପାଚି ମଧ୍ୟରେ ଶକ୍ତ ଧକ୍କା ହୋଇ ଥିଲା । ଗୋଟିଏ ବାଇକରେ ତିନିଜଣ ଆରୋହୀ ବସି ଥିବା ବେଳେ ଅନ୍ୟ ବାଇକରେ ଜଣେ ମାତ୍ର ଆରୋହୀ ବସି ଥିଲେ । ଉକ୍ତ ଦୁର୍ଘଟଣାରେ ଉଭୟ ବାଇକ୍ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆ ଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜଣକୁ ଡାକ୍ତର ମୃତ ଘୋଷଣା କରିଥିଲେ । ଅନ୍ୟ ଜଣେ ଗୁରୁତର ଆହତଙ୍କୁ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ମୃତକ ଜଣକ ହେଲେ ମ ରାମପୁର୍ ବ୍ଲକ୍ ଅନ୍ତର୍ଗତ ଶିକୁଳି ଗାଁର ୫୦ ବର୍ଷୀୟ ମୀନକେତନ ମାଝୀ ଓ ଗୁରୁତର ଜଣକ ନର୍ଲା ବ୍ଲକ୍ ଅନ୍ତର୍ଗତ କୁର୍ମେଲ୍ ପଞ୍ଚାୟତର ନୂଆଁପଡ଼ା ବାସିନ୍ଦା ୧୯ ବର୍ଷୀୟ ଆକାଶ ବିଭାର୍ ବୋଲି ଜଣାପଡିଛି । ଘଟଣା ସ୍ଥଳରେ ନର୍ଲା ଏସ୍ ଆଇ କୃତିବାସ୍ ପୁଝାରୀ ତାଙ୍କ ଟିମ୍ ସହିତ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛନ୍ତି । ଅପ୍ରାପ୍ତ ବୟସ୍କ ଯୁବକ ଯୁବତୀ ବାଇକ୍ ଚାଳନା କରୁଥିଲେ ମଧ୍ୟ ପୋଲିସ୍ ପକ୍ଷରୁ କିଛି କଟକଣା ନ ଥିବାରୁ ପ୍ରତିଦିନ ଏଭଳି ଦୁର୍ଘଟଣା ଘଟୁଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

ଶେଷ ହେଲା ଓଡ଼ିଆ ପକ୍ଷ

ଅନ୍ତିମ ଦିନରେ ପାଳିତ ହେଲା ଅନେକ କାର୍ଯ୍ୟକ୍ରମ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ୧ ଏପ୍ରିଲ ଠାରୁ ପ୍ରଥମ ଥର ପାଇଁ ପାଳିତ ହୋଇ ଆସୁଥିବା ଓଡ଼ିଆ ପକ୍ଷ ପାଳନର ଶେଷ ଦିବସ୧୪ ତାରିଖ ସୋମବାର ଦିନ ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନୂତନ ବର୍ଷ, ଶ୍ରୀ ହନୁମାନ ଜୟନ୍ତୀ, ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବା ସାହେବ ଡକ୍ଟର ଆମ୍ବେଦକର ଜୟନ୍ତୀ ଆଦି ବହୁ କାର୍ଯ୍ୟକ୍ରମ ଆନନ୍ଦ ଉଲ୍ଲାସ ମଧ୍ୟରେ ଶେଷ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲାସ୍ତରୀୟ ଝୋଟି, ରଙ୍ଗୋଲୀ, ମୁରୁଜ, ହୁଳହୁଳି, ପିଠାପଣା ତିଆରି ଆଦି ପ୍ରତିଯୋଗିତା ସ୍ଥାନୀୟ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ଭବାନୀପାଟଣା ଠାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ପାଣ୍ଡାର ସଚିନ ପ୍ରକାଶ ଯୋଗଦେଇ ପବିତ୍ର ଦିବସ ପାଳନ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ଓଡ଼ିଆ ପକ୍ଷ ପାଳନର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ତନ୍ମୟ କୁମାର ଦରଓ୍ୱାନ, ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଜୟଶଙ୍କର ନାୟକ, ବିଧାୟକ ଧର୍ମଗଡ଼ଙ୍କ ପ୍ରତିନିଧି ହିମାଂଶୁ ପଣ୍ଡା, ଜିଲ୍ଲା ସମାଜ କଲ୍‌ଯାଣ ଅଧିକାରୀ ମଜିବୁ ନ୍ ନିଶା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ପ୍ରୋଗ୍ରାମ ଅଫିସର ଅଂଶୁମାନ ବାବୁ ପ୍ରମୁଖ ଯୋଗଦେଇ ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ଓଡ଼ିଆ ନବବର୍ଷ ପାଳନ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଓଡ଼ିଆ ପକ୍ଷ ପାଳନର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ବିଭାଗ, ମିଶନ ଶକ୍ତିର ମହିଳା ମାନେ ଏହି ସବୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଥିଲେ ଓ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଜିଲ୍ଲାପାଳଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଅଧିକାରୀ ମଜିବୁ ନ୍ ନିଶା ଓ ତାଙ୍କ ସହଯୋଗୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ।

ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ପାଳିତ

ଜୁନାଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରର ବିଭିନ୍ନ ସ୍ଥାନରେ ଭଗବାନ ହନୁମାନ ଜୟନ୍ତୀ ଓ ପବିତ୍ର ପଣା ସଂକ୍ରାନ୍ତି ମହା ସମାରୋହରେ ପାଳିତ ହୋଇଯାଇଛି । ସହରର ମଧ୍ୟମ ପଡା, ଆରସିଏମ୍‌ଏସ୍ ନିକଟ ହନୁମାନ ମନ୍ଦିର ଏବଂ ମାରୱାଡି ପଡା ରାମସ୍ୱାମୀ ମନ୍ଦିର ଠାରେ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଏହିସବୁ ମନ୍ଦିରରେ ବିଶେଷ ଭାବେ ଭଗବାନ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ସ୍ଥାନୀୟ ଲକ୍ଷ୍ମୀ ସାଗର ପଡା ହନୁମାନ ମନ୍ଦିରରେ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ମନ୍ଦିର କମିଟି ତରଫରୁ ଶତାଧିକ ଶ୍ରଦ୍ଧାଳୁଙ୍କ ଭୋଗ ଅନ୍ନ ବିତରଣ କରାଯାଇଥିଲା । ସେହିପରି ବିଭିନ୍ନ ମନ୍ଦିରରେ ମଧ୍ୟ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା । ସେହିପରି ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହରର ମାରୱାଡି ପଡା, ବଡ଼ ପଡା ଛକ, କଳମପୁର ଛକ, ନୂଆ ବସ୍ ଷ୍ଟାଣ୍ଡ, ପୁରୁଣା ବସ୍ ଷ୍ଟାଣ୍ଡ ଏପରି ବିଭିନ୍ନ ସ୍ଥାନରେ ଥଣ୍ଡା ପାନୀୟ ପଣା ବଣ୍ଟନ କରାଯାଇ ପଣା ସଂକ୍ରାନ୍ତି ପାଳନ କରାଯାଇଥିଲା ।

।।। ବିଭିନ୍ନ ସ୍ଥାନରେ ଆମ୍ବେଦକର ଜୟନ୍ତୀ ପାଳିତ ।।।

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍) : ସାମାଜିକ ସମତା, ନ୍ୟାୟ, ତ୍ୟାଗ ଓ ବଳିଦାନର ଅନନ୍ୟ ଉଦାହରଣ ଥିଲେ ବାବାସାହେବ । ସମ୍ବିଧାନର ସୁରକ୍ଷା, ଅବଧାରଣା ସହିତ ତାଙ୍କ ନୀତି, ଆଦର୍ଶ ଓ ବିଚାରଧାରାକୁ ବଜାୟ ରଖିବା ଆଜିର ଆହ୍ୱାନ ବୋଲି କଳାହାଣ୍ଡି ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ଅନୁଷ୍ଠିତ ବାବାସାହେବଙ୍କ ୧୩୪ତମ ଜନ୍ମ ଜୟନ୍ତୀ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ବିଶ୍ୱନାଥପୁର ମେଡିକାଲ ଛକରୁ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ବ୍ଲକ ଛକରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଜଳ ପୁରୁଷ କାର୍ଜୀ ମାଝୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହାପରେ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜୟନ୍ତୀ ସଭାରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗ ଦେଇଥିବାବେଳେ ବିଶିଷ୍ଟ ଅତିଥି ଭାବେ ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ର, ମୁଖ୍ୟବକ୍ତା ଭାବେ ମାଁ ହୀରାନୀଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କଙ୍କଣ କୁମାର ରାୟ, ସମ୍ମାନିତ ବକ୍ତା ଭାବେ ଏକଲବ୍ୟ ମଡେଲ ସ୍କୁଲର ଅଧ୍ୟକ୍ଷ ଦେବଦତ୍ତ ସାହୁ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ କ୍ଷୀରୋଦ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପରୀକ୍ଷିତ ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋହର ହରପାଲ, ସମାଜସେବୀ ବୃନ୍ଦ ମଞ୍ଚାସୀନ ଥିଲେ । ଦଳିତ ଆଦିବାସୀ ମହାସଂଘ ଲାଞ୍ଜିଗଡ ବ୍ଲକ ଶାଖାର ସଭାପତି ହରିଶଙ୍କର ପାତ୍ର ଓ ଅଲ୍ ଓଡିଶା ସିଡ୍ୟୁଲ କାଷ୍ଟ ଫେଡେରେସନ ଲାଞ୍ଜିଗଡ ବ୍ଲକ ଶାଖା ସଭାପତି ଜଗଦୀଶ ବେନିଆଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଓ ଆମ୍ବେଦକର ପ୍ରେମୀ ସାମିଲ ହୋଇଥିଲେ । ସଭା ପ୍ରାରମ୍ଭରେ ଶ୍ରୀ ବେନିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସଭା ପରିଚାଳନା କରିଥିଲେ ଦଳିତ ଆଦିବାସୀ ମହାସଂଘର ସାଧାରଣ ସଂପାଦକ ଓ ଅଲ ଓଡ଼ିଶା ସିଡ୍ୟୁଲ କାଷ୍ଟ ଫେଡେରେସନର ପ୍ରତିଷ୍ଠାତା ସଦସ୍ୟ ସୁଶୀଲ କୁମାର ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।

ନର୍ଲା, (ଭାସ୍କର ନ୍ୟୁଜ୍) : ନର୍ଲା ଡମ୍ବ ସମାଜ ପକ୍ଷରୁ ବେହେରାପାଟି କୃଷି କାର୍ଯ୍ୟାଳୟ ସମ୍ମୁଖରେ ସମ୍ବିଧାନ ପ୍ରଣେତା ଡଃ. ବି.ଆର୍ ଆମ୍ବେଦକରଙ୍କ ୧୩୪ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଡମ୍ବ ସମାଜର ଜିଲ୍ଲା ଉପସଭାପତି ଅଭିରାମ ନନ୍ଦଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦାନ କରି ସମ୍ବିଧାନ ପ୍ରଣେତା ବାବା ଆମ୍ବେଦକରଙ୍କ ସ୍ମୃତିଚାରଣ କରି ସେ ଜଣେ ରାଷ୍ଟ୍ରବାଦୀ ଜନନାୟକ ଥିଲେ ବୋଲି କହିଥିଲେ । ସଭାର ସଭାପତି ଜିଲ୍ଲା ଉପସଭାପତି ଶ୍ରୀ ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବରେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ଜିଲ୍ଲା ସଭାପତି ବଳରାମ ହରପାଲ, ବିଧାୟିକାଙ୍କ ସ୍ୱତନ୍ତ୍ର ପ୍ରତିନିଧି ଗୋବିନ୍ଦ ତାଣ୍ଡି ଓ ମୁଖ୍ୟ ବକ୍ତା ଭାବରେ ସମାଜର ଉପଦେଷ୍ଟା ଆନନ୍ଦ ମହାନନ୍ଦ ପ୍ରମୁଖ ମଞ୍ଚାସୀନ ହୋଇ ଆମ୍ବେଦକରଙ୍କ ସ୍ମୃତିଚାରଣ କରି ଆମ୍ବେଦକରଙ୍କ ରାଷ୍ଟ୍ର ଓ ସମାଜ ପ୍ରତି ଅବଦାନ ଅତୁଳନୀୟ ବୋଲି ସେମାନଙ୍କ ବକ୍ତବ୍ୟରେ କହିଥିଲେ । ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଡମ୍ବ ସମାଜର ସାମାଜିକ ଗୃହ ନିର୍ମାଣ ପାଇଁ ଭୂମି ପୂଜନ ଅନୁଷ୍ଠିତ ହୋଇଥିଲା । କୌତୁକ ଖମାରୀ ମଞ୍ଚ ପରିଚାଳନା କରିଥିଲେ ।

ମ.ରାମପୁର, (ଭାସ୍କର ନ୍ୟୁଜ୍) : କଳାହ